# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୨/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, October 22/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 325 | ମୂଲ୍ୟ ₹୭/-







## ୫ ଦିନ ଯାଏ ବର୍ଷା

### ସୃଷ୍ଟି ହେଲା ଲଘୁଚାପ, ଆଜି ଅବପାତ

ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ସକାଳ ୮ଟା ୩୦ରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବୁଧବାର ଅପରାହ୍ନ ସୁଦ୍ଧା ଅବପାତରେ ପରିଣତ ହେବ। ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନିଶାମୁକ୍ତ କେନ୍ଦ୍ର



ଦୀପାବଳିରେ ବାଣଫୁଟା ଯୋଗୁ ସୋମବାର ରାତିରେ ଭୁବନେଶ୍ୱର ଆକାଶ ଧୂଆଁମୟ ହୋଇଯାଇଛି। ବାଣୀବିହାର-ନୟାପଲ୍ଲୀ ଓଭରବ୍ରିଜ୍ ଉପରେ ଧୂଆଁର ଆସ୍ତରଣ ମଧ୍ୟରେ ଗାଡ଼ି ଚଳାଚଳ କରୁଛି। (ଫଟୋ: ମନୋରଞ୍ଜନ ମିଶ୍ର)

## କଫ୍ ସିରପ୍ ମୃତ୍ୟୁ: ଭାରତକୁ ଅଧିକ ପଦକ୍ଷେପ ନେବାକୁ ହେବ

ଲଣ୍ଡନ,୨୧।୧୦

**କୋଲ୍ଡ୍ରିଫ୍‌ରେ ଅନୁମୋଦିତ ମାତ୍ରାର ୫୦୦ ଗୁଣ ଡିଇଜି ରହିଛି: ଡବ୍ଲ୍ୟୁଏଚ୍‌ଓ**



କଫ୍ ସିରପ୍‌ଜନିତ ମୃତ୍ୟୁ ରୋକିବା ଦିଗରେ ଭାରତ କେତେକ ଅଗ୍ରଗତି କରିଥିବା ସତ୍ତ୍ୱେ ଏଭଳି ବିଷାକ୍ତ ସିରପ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ତାମିଲନାଡୁର ସ୍ରେସାନ ଫାର୍ମା କମ୍ପାନୀ ପ୍ରସ୍ତୁତ କୋଲ୍ଡ୍ରିଫ୍ କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ କେତେକ ରାଜ୍ୟର ୨୪ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇ-ଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ପରିମାଣ ଅନୁମୋଦିତ ସୀମାର ପାଖାପାଖି ୫୦୦ ଗୁଣ ରହିଥିବା ଜଣାପଡ଼ିଥିଲା। ଭାରତ ଏବଂ ଇଣ୍ଡୋନେସିଆ ପ୍ରସ୍ତୁତ ସିରପ୍ ଖାଇ ବିଭିନ୍ନ ୨୦୨୩ରେ ଦେଶରେ ଅନ୍ୟୂନ ୩୦୦ ପିଲାଙ୍କ ମୃତ୍ୟୁ ପରେ ବ୍ୟବସ୍ଥାକୁ କଡ଼ାକଡ଼ି କରିବେ ବୋଲି ସେମାନେ ୨ ଦେଶର ସରକାର କହିଥିଲେ। ଏହାର ୨ ବର୍ଷ ପରେ ପୁଣି କଫ୍ ସିରପ୍ ସେବନରେ ପିଲାଙ୍କ ଜୀବନ ଯାଇଛି।

ଡବ୍ଲ୍ୟୁଏଚ୍‌ଓ ଅଧିକାରୀ ରୁଟେଣ୍ଡୋ କୁଓନବାନା ଭାରତର ନୂଆ ନିୟମାବଳୀ ସମ୍ପର୍କରେ କହିଛନ୍ତି, ରପ୍ତାନି ପୂର୍ବରୁ ☞ପୃଷ୍ଠା-୪

# ଦୀପାବଳି: ବଢ଼ିଲା ପ୍ରଦୂଷଣ

ଆଲୋକର ପର୍ବ ଦୀପାବଳିକୁ ଦେଶବାସୀ ହର୍ଷୋଲ୍ଲାସର ସହ ପାଳନ କରିଛନ୍ତି। କିନ୍ତୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ନାମରେ ପାଳିତ ଏହି ଗଣପର୍ବ ଦେଶରେ ବାୟୁ ଓ ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଦୀପାଳବଳିରେ ଓଡ଼ିଶା ସମେତ ଦେଶର ଅନେକ ସହରରେ ପ୍ରଦୂଷଣ ସ୍ତର ବିପଜ୍ଜନକ ସ୍ଥିତିକୁ ଚାଲିଆସିଛି। ସର୍ବନିମ୍ନ ବାୟୁ ଗୁଣବତ୍ତା ସହ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଦିଲ୍ଲୀର ପର୍ଟିକୁଲେଟ୍ ମ୍ୟାଟର(ପିଏମ୍) ସାନ୍ଦ୍ରତା ୨.୫ ରହିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ୍‌ରେ ନିର୍ଦ୍ଧାରିତ ମାତ୍ରାଠାରୁ ୫୯ ଗୁଣ ଅଧିକ। ହରିୟାଣାର ଜିନ୍ଦ୍‌ରେ ଏକ୍ୟୁଆଇ ସର୍ବାଧିକ ୪୨୧ ରହିଥିବାବେଳେ ଦିଲ୍ଲୀରେ ଏକ୍ୟୁଆଇ ସ୍ତର ୩୫୧ ଅତିକ୍ରମ କରିଛି। ସେହିପରି କେନ୍ଦୁଝର ଜିଲା ବଡ଼ବିଲ ଶିଳ୍ପାଞ୍ଚଳରେ ଏକ୍ୟୁଆଇ ୨୫୫ ରହିଛି, ଯାହାକି ରାଜ୍ୟରେ ସର୍ବାଧିକ। ଭୁବନେଶ୍ୱରରେ ଏକ୍ୟୁଆଇ ୧୯୮ ଥିବାବେଳେ କଟକରେ ୧୭୩ରେ ରହିଛି। ତେବେ ପ୍ରଦୂଷଣ ହାର ହ୍ରାସ ଦିଗରେ କେବଳ ସରକାରୀ କଟକଣା ସହାୟକ ହେବନାହିଁ, ଏଥିପାଇଁ ଜନସାଧାରଣ ସଚେତନ ହେବା ଜରୁରୀ। ଦୀପାବଳିରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଉଥିବାବେଳେ ଲୋକେ ଏହାର ଉପଯୁକ୍ତ ଅନୁପାଳନ କରୁ ନ ଥିବାରୁ ପ୍ରଦୂଷଣର ମାତ୍ରା ବଢ଼ିଛି ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତ ଦେଇଛନ୍ତି।

- କଟକ, ଭୁବନେଶ୍ୱର, ପୁରୀରେ ବିପଜ୍ଜନକ ସ୍ଥିତିରେ ଏକ୍ୟୁଆଇ
- ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର
- ହିମାଚଳରେ ଜଳିଗଲା ଅନେକ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ(ପି.ଟି./ରଏଟର୍ସ), ଭୁବନେଶ୍ୱର(ରବିନାରାୟଣ ଜେନା), କଟକ (କାର୍ତ୍ତିକ ସାହୁ), ସମ୍ବଲପୁର (ପ୍ରମୋଦ ବହିଦାର) ବ୍ରହ୍ମପୁର (ଅଶୋକ କୁମାର ସାହୁ) ୨୧।୧୦

ଦୀପାବଳିରେ ବାଣଫୁଟାକୁ ନେଇ ସୁପ୍ରିମକୋର୍ଟ ଅକ୍ଟୋବର ୧୫ରେ ସସର୍ତ୍ତ ଅନୁମତି ଦେଇଥିଲେ। ପରମ୍ପରା ରକ୍ଷା ସହ ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିନ୍ତାକୁ ଧ୍ୟାନ ଦିଆଯିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇଥିଲେ। ୧୮ରୁ ୨୦ ତାରିଖ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ ବାହାରେ ଯେପରି ସବୁଜ ବାଣ ଫୁଟା ନ ଯିବ ତାହା ପୋଲିସ ଓ ଜିଲା ପ୍ରଶାସନ ସୁନିଶ୍ଚିତ କରିବ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନ୍‌ସିଆର୍ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ସାରା ଦେଶରେ ଏହାର ଅନୁପାଳନ କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦେଶର ବିଭିନ୍ନ ଭାଗରେ ଏହାର ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦୀପାବଳି ପାଳନ କରିବାକୁ ଯାଇ ଲୋକେ ଅନିୟନ୍ତ୍ରିତ ଭାବେ ବାଣ ଫୁଟାଇଛନ୍ତି। ବାଣ ଫୁଟା ଯୋଗୁ ବିଶେଷକରି ସହରାଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହିଛି। ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକ ସମେତ ପୁରୀରେ ବିଷାକ୍ତ ବାୟୁ ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଇଥିବାବେଳେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଛି। ଅନେକ ସ୍ଥାନରେ ୨୦୦ ମିଟର ଦୂରତାକୁ ଆଖି ପାଉନାହିଁ। ଏଭଳି ପ୍ରଦୂଷଣ ଶ୍ୱାସଗତ ସମସ୍ୟା ସୃଷ୍ଟି କରିବା ସହ ଆଖି ଓ ସ୍ୱାସ୍ଥ୍ୟ ପାଇଁ ନାନା ଜଟିଳ ରୋଗକୁ ଡାକି ଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଦୀପାବଳି ଏବେ ଆଉ କେବଳ ସବୁଜ ଆଲୋକରେ ସୀମିତ ହୋଇ ରହିନାହିଁ। ଲୋକେ ସାହି ପଡ଼ୋଶୀଙ୍କୁ ଦେଖାଇହେବାକୁ ଯାଇ ବିପୁଳ ଟଙ୍କାର ବାଣ ଫୁଟାଇ ପରିବେଶକୁ ନଷ୍ଟ କରୁଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଭୁବନେଶ୍ୱରକୁ ବିଚାରକୁ ନେଲେ ପରିବେଶର ସାଂଘାତିକ ସ୍ଥିତି ଦୀପାବଳି ଅବସରରେ ଦେଖିବାକୁ ମିଳିଛି। ପର୍ବ ପାଳନ ନାଁରେ ଲୋକେ କିଭଳି ପରିବେଶକୁ ପ୍ରଦୂଷଣ କରିଛନ୍ତି ତା'ର ସଦ୍ୟତମ ସ୍ଥିତିକୁ ଦର୍ଶାଉଛି। ଶିଳ୍ପାଞ୍ଚଳ ବଡ଼ବିଲ(୨୫୫-ପିଏମ୍) ଭଳି କେତେକ ସହରରେ ପ୍ରଦୂଷଣ ହାର ଅସ୍ୱାସ୍ଥ୍ୟକର ଥିବାବେଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଗମ୍ଭୀର ସ୍ଥିତି ଉପୁଜିଛି। ପଳାଶୁଣୀ ଅଞ୍ଚଳରେ ଏକ୍ୟୁଆଇ ୩୬୨ ରହିଥିବାବେଳେ କ୍ୟାପିଟାଲ ପୋଲିସ ଥାନା ଅଞ୍ଚଳରେ ୩୫୪ ରହିଛି। ୟୁନିଟ୍-୮ ଅଞ୍ଚଳରେ ପ୍ରଦୂଷଣ ଏକ୍ୟୁଆଇ ☞ପୃଷ୍ଠା-୪

## ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

ଟୋକିଓ,୨୧।୧୦



ଜାପାନ ପାର୍ଲାମେଣ୍ଟ ମଙ୍ଗଳବାର ସାନେ ତାକାଇଚିଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ନିମ୍ନ ସଦନରେ ସେ ୨୩୭ ଭୋଟ ପାଇଛନ୍ତି, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୪ ଅଧିକ। ବୃହତ୍ ବିରୋଧୀ ଦଳ କନ୍‌ଷ୍ଟିଟ୍ୟୁଶନାଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଜାପାନର ମୁଖ୍ୟ ୟୋଶିକୋକୋ ନୋଡାଙ୍କୁ ୧୪୯ ଭୋଟ ମିଳିଛି। ଶିଗେରୁ ଇଶିବାଙ୍କ ସ୍ଥାନରେ ସାନେ ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ୩ ମାସ ଧରି ଦେଶରେ ଦେଖାଦେଇଥିବା ରାଜନୈତିକ ☞ପୃଷ୍ଠା-୪

## ବୋହୂ ସ୍ୱୀକୃତି ଦାବିରେ ଧାରଣା, ଗର୍ଭବତୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ



ପୋଡ଼ିଯାଇଥିବା ରୋଷେଇ ଘର ବାରଣ୍ଡାରେ ଯୁବତୀ ବସିଛନ୍ତି।

ପରଜଙ୍ଗ,୨୧।୧୦ (ନିଗମାନନ୍ଦ ଦଳବେହେରା)

ଦେଢ଼ବର୍ଷର ପ୍ରେମ ସମ୍ପର୍କ ପରେ ୫ମାସ ତଳେ ପ୍ରେମିକଙ୍କୁ ବିବାହ କରିଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ଶାଶୁଘର ପରିବର୍ତ୍ତେ ସ୍ୱାମୀଙ୍କ ସହ ବାହାରେ ରହୁଥିଲେ। ଇତିମଧ୍ୟରେ ସେ ଗର୍ଭବତୀ ହେବାରୁ ଗତମାସ ୨୫ ତାରିଖରେ ସ୍ୱାମୀଙ୍କ ସହ ଶାଶୁଘରେ ପହଞ୍ଚିଥିଲେ। କିନ୍ତୁ ରାତି ଅଧରେ ☞ପୃଷ୍ଠା-୪

## ବୋନସ୍ ପାଇଲେନି, ଗେଟ୍ ଖୋଲିଦେଲେ

ଆଗ୍ରା,୨୧।୧୦

**ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେର ଟୋଲ୍ ପ୍ଲାଜା**



ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେର ଫତେହବାଦ ଟୋଲ୍ ପ୍ଲାଜାଠାରେ ସୋମବାର ପ୍ରାୟ ୧୦ ଘଣ୍ଟା ଧରି ଅନେକ ହଜାର ଗାଡ଼ି ବିନା ଟୋଲ୍‌ରେ ଯାତାୟାତ କରିଥିଲେ। ଦୀପାବଳି ବୋନସ୍ ମିଳି ନ ଥିବାରୁ ଟୋଲ୍ ପ୍ଲାଜାର ୨୧ କର୍ମଚାରୀ ସେମାନଙ୍କ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ ଏବଂ ଟୋଲ୍ ପ୍ଲାଜାର ସମସ୍ତ ଦ୍ୱାର ଖୋଲିଦେଇଥିଲେ। ଫଳରେ ମାଗଣାରେ ଅନେକ ହଜାର ଗାଡ଼ି ଯାତାୟାତ କରିଥିଲେ, ଯାହାଦ୍ୱାରା ଟୋଲ୍ ଆଦାୟ ପାଇଁ ଦାୟିତ୍ୱରେ ଥିବା ଶ୍ରୀ ସାଇନ୍ ଆଣ୍ଡ ଦାତାର କମ୍ପାନୀକୁ ଅନେକ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଗତ ମାର୍ଚ୍ଚରେ ଏହି କମ୍ପାନୀ ଫତେହବାଦ ଟୋଲ୍ ପ୍ଲାଜାର ପରିଚାଳନା ଦାୟିତ୍ୱ ନେଇଥିଲା।

ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେକୁ ଉତ୍ତରପ୍ରଦେଶର ଏକ ପ୍ରମୁଖ ମାର୍ଗ ଭାବେ ବିବେଚନା କରାଯାଇଥାଏ। ଏହା ଆଗ୍ରା ଏବଂ ଲକ୍ଷ୍ନୌ ସହରକୁ ସିଧାସଳଖ ସଂଯୋଗ କରିଥାଏ। ସେହିପରି ଏହା ଯମୁନା ଏକ୍ସପ୍ରେସ୍ ୱେ ମାଧ୍ୟମରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)କୁ ମଧ୍ୟ ସଂଯୋଗ କରିଥାଏ। ଧାରଣାରେ ବସିଥିବା ଜଣେ ଟୋଲ୍ କର୍ମଚାରୀ କହିଥିଲେ, ଦୀପାବଳି ଉପଲକ୍ଷେ କମ୍ପାନୀ ପକ୍ଷରୁ ସେମାନଙ୍କୁ ବୋନସ୍ ଦିଆଯାଇନାହିଁ। କର୍ମଚାରୀମାନେ କଠିନ ପରିଶ୍ରମ ☞ପୃଷ୍ଠା-୪





## ଦିଲ୍ଲୀରେ ଆଜି




ଦୀପାବଳି ପରଦିନ ମଙ୍ଗଳବାର ଦିଲ୍ଲୀରେ ଉତ୍କଟ ପ୍ରଦୂଷଣ। ଆନନ୍ଦ ବିହାର ବସ୍ ଟର୍ମିନାଲ ଅଞ୍ଚଳ ଧୂଆଁମୟ ହୋଇଯାଇଛି । (ଫଟୋ-ଚମନ ଗୌତମ)

# ଅଭିନେତା ଅସ୍ରାନିଙ୍କ ପରଲୋକ

**ମୁମ୍ବାଇ, ୨୧।୧୦**



ଗୋବର୍ଦ୍ଧନ ଅସ୍ରାନି

ବଲିଉଡ୍‌ର ବରିଷ୍ଠ ଅଭିନେତା ତଥା କମେଡିଆନ୍ ଗୋବର୍ଦ୍ଧନ ଅସ୍ରାନିଙ୍କର ସୋମବାର ଅପରାହ୍ନ ୪ଟା ବେଳେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ୫ ଦିନ ଧରି ମୁମ୍ବାଇର ଜୁହୁସ୍ଥିତ ଭାରତୀୟ ଆରୋଗ୍ୟ ନିଧି ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଅସ୍ରାନିଙ୍କ ଫୁସ୍‌ଫୁସ୍‌ରେ ପାଣି ଜମା ହୋଇଥିବା ନେଇ ଡାକ୍ତର ସୂଚନା ଦେଇଥିଲେ ବୋଲି ତାଙ୍କ ବ୍ୟକ୍ତିଗତ ସହାୟକ ବାବୁଭାଇ କହିଛନ୍ତି। ସୋମବାର ସନ୍ଧ୍ୟାରେ ମୁମ୍ବାଇର ସାନ୍ତାକ୍ରୁଜ୍ ଶ୍ମଶାନ ଘାଟରେ ଅସ୍ରାନିଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁର ଘଣ୍ଟାଏ ପୂର୍ବରୁ ଅସରାନୀଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଦୀପାବଳି ଶୁଭକାମନାର ପୋଷ୍ଟ କରାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ର ଅନେକ କଳାକାର ଶୋକ ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରି କହିଛନ୍ତି, ଅସ୍ରାନି ଜଣେ ପ୍ରତିଭାଶାଳୀ ଏବଂ ବହୁମୁଖୀ କଳାକାର ଥିଲେ। ସେ ପିଢ଼ି ପରେ ପିଢ଼ି ଧରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିଲେ।

୧୯୪୧ ଜାନୁଆରୀ ୧ରେ ଜୟପୁରର ଏକ ସିନ୍ଧି ପରିବାରରେ ଅସ୍ରାନି ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ନିଜ ୫ ଦଶନ୍ଧିରୁ ଅଧିକ ଲମ୍ବା କ୍ୟାରିୟରରେ ସେ ୩୫୦ରୁ ଅଧିକ ଫିଲ୍ମରେ ଅଭିନୟ କରିଥିଲେ। ୬୦ ଦଶକରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ୭୦ ଏବଂ ୮୦ ଦଶକରେ ଅସରାନୀ ଲୋକପ୍ରିୟତାର ଶୀର୍ଷରେ ଥିଲେ। 'ମେରେ ଅପନେ', 'ବାବର୍ଚି', 'ପରିଚୟ', 'ଅଭିମାନ', 'ଚୁପକେ ଚୁପକେ', 'ଛୋଟି ସି ବାତ୍', 'ରଫୁ ଚକ୍କର', 'ଭୁଲ୍ ଭୁଲୈୟା', 'ଧମାଲ', 'ଅଲ୍ ଦି ବେଷ୍ଟ', 'ୱେଲକମ୍' ଆଦି ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଅଭିନୟ ବ୍ୟତୀତ ଅସ୍ରାନି କିଛି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିପରି ସେ କେତେକ ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି। ଗୁଜରାଟୀ ସିନେମାରେ ମଧ୍ୟ ସେ ନିଜ ପ୍ରତିଭା ଦେଖାଇଛନ୍ତି।

## କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସର ଜୀବନ ଯାଇଛି

**ନୂଆଦିଲ୍ଲୀ,୨୧।୧୦**

ଗତବର୍ଷ କର୍ତ୍ତବ୍ୟରେ ଥାଇ ପ୍ରତି ୪୬ ଘଣ୍ଟାରେ ଜଣେ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଛି। ୩୬୫ ଦିନରେ ମୋଟ ୧୯୧ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ ଡେକା ମଙ୍ଗଳବାର କହିଛନ୍ତି। ଦେଶ ସ୍ୱାଧୀନ ହେବାଠାରୁ ମୋଟ ୩୬,୬୮୪ ପୋଲିସ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଇଲେଣି। ଦିଲ୍ଲୀର ଜାତୀୟ ପୋଲିସ୍ ସ୍ମାରକୀଠାରେ ପୋଲିସ ସ୍ମୃତି ଦିବସ ପାଳନ ଅବସରରେ ମୃତ ପୋଲିସ ଅଧିକାରୀମାନଙ୍କୁ ଡେକା ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଦିବଂଗତ ପୋଲିସ ଅଫିସରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପୂର୍ବତନ ଡିଜିପି, ସ୍ତ୍ରୀଙ୍କ ନାମରେ ହତ୍ୟା ମାମଲା

**ଚଣ୍ଡିଗଡ଼,୨୧।୧୦(ପି.ଟି.)**

- ରହସ୍ୟଜନକ ସ୍ଥିତିରେ ପୁଅ ଅଖ୍‌ତରଙ୍କ ମୃତ୍ୟୁ ହୋଇଥିଲା
- ସୋସିଆଲ ମିଡିଆ ପୋଷ୍ଟରେ ପରିବାର ସଦସ୍ୟଙ୍କ ନାମରେ ଅଭିଯୋଗ

ପୁଅଙ୍କ ମୃତ୍ୟୁ ସହ ସମ୍ପୃକ୍ତି ନେଇ ପଞ୍ଜାବର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ସ୍ତ୍ରୀ ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସୁଲତାନାଙ୍କ ନାମରେ ହରିୟାଣା ପୋଲିସ ମଙ୍ଗଳବାର ମାମଲା ରୁଜୁ କରିଛି। ସେମାନଙ୍କ ନାମରେ ହତ୍ୟା ଏବଂ ଆପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଲାଗିଛି। ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ସମେତ ଅଖତରଙ୍କ ସ୍ତ୍ରୀ ଏବଂ ଭଉଣୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ପଞ୍ଚକୁଲା ପୋଲିସ କହିଛି।

ମୁସ୍ତାଫା ଏବଂ ସୁଲ୍‌ତାନାଙ୍କ ୩୫ ବର୍ଷୀୟ ପୁଅ ଅକିଲ ଅଖ୍‌ତର ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ପଞ୍ଚକୁଲାରେ ଥିବା ଏମ୍‌ଡିସି ସେକ୍ଟର ୪ ବାସଭବନରେ ଗତ ଗୁରୁବାର ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ



ସୁଲତାନା     ମହମ୍ମଦ ମୁସ୍ତାଫା

ଘଟିଥିଲା। ଶାମଶୁଦ୍ଦିନ୍ ନାମକ ବ୍ୟକ୍ତି ଏନେଇ ଏତଲା ଦେଇଥିଲେ। ୧୭ ତାରିଖରେ ପୋଲିସ ମାମଲା ରୁଜୁ କରି ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିଲେ। ତେବେ କୌଣସି ସନ୍ଦିଗ୍ଧ ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ି ନ ଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ଶେଷକୃତ୍ୟ ପାଇଁ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ତେବେ ଅଖତର ପୂର୍ବରୁ କରିଥିବା କେତେକ ସୋସିଆଲ ମିଡିଆ ପୋଷ୍ଟ ଏବଂ ଭିଡିଓ ପଦାକୁ ଆସିବା ପରେ ମାମଲା ନୂଆ ମୋଡ଼ ନେଇଛି। ଅଖତର ଗତ ଅଗଷ୍ଟରେ କରିଥିବା ଏକ ପୋଷ୍ଟରେ ପରିବାର ସଦସ୍ୟଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମିଳିଥିବା ଅଖତର ସେଥିରେ ଉଲ୍ଲେଖ କରିଥିଲେ। ଏହା ଜଣାପଡ଼ିବା ପରେ ପୋଲିସ ପୂର୍ବତନ ଡିଜିପିଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିଏନ୍‌ଏସ୍‌ର ଧାରା ୧୦୩(୧) ଏବଂ ୬୧ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପାଇଁ ଜଣେ ଏସିପି ପାହ୍ୟାର ଅଫିସରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି।

## ୨ ଆତଙ୍କବାଦୀଙ୍କୁ ଗିରଫ କଲା ପଞ୍ଜାବ ପୋଲିସ

**ଅମୃତସର, ୨୧।୧୦**

### ଆର୍‌ପିଜି-୨୨ ଆଣ୍ଟି-ଟ୍ୟାଙ୍କ୍ ରକେଟ ଲଞ୍ଚର ଜବତ




ପଞ୍ଜାବ ପୋଲିସ ପକ୍ଷରୁ ରାଜ୍ୟରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ମଙ୍ଗଳବାର ପୋଲିସ ଅମୃତସରରେ ୨ ଆତଙ୍କବାଦୀଙ୍କୁ ଏକ ରକେଟ ଲଞ୍ଚର ସହ ଗିରଫ କରିଛି। ଗିରଫ ହୋଇଥିବା ଆତଙ୍କବାଦୀ ହେଉଛନ୍ତି ମକ୍‌ଖନ ଦୀପ ସିଂ ଓରଫ୍ ମେହକ ଏବଂ ଆଦିତ୍ୟ ଓରଫ୍ ଆଦି। ପୋଲିସ ଉଭୟଙ୍କ ନିକଟରୁ ଏକ ରକେଟ ପ୍ରୋପେଲଡ୍ ଗ୍ରେନେଡ (ଆର୍‌ପିଜି)-୨୨ ନେଙ୍ଗୋ ଆଣ୍ଟି ଟ୍ୟାଙ୍କ୍ ରକେଟ ଲଞ୍ଚରକୁ ଜବତ କରିଛି। କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣରେ ଉକ୍ତ ରକେଟ ଲଞ୍ଚରକୁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ରଖାଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପଞ୍ଜାବ ପୋଲିସ ଡିଜିପି ଗୌରବ ଯାଦବ କହିଛନ୍ତି। ଗୌରବ ସାମାଜିକ ଗଣମାଧ୍ୟମ 'X'ରେ ଲେଖିଛନ୍ତି, ଉଭୟ ଆତଙ୍କବାଦୀ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଜଣେ ଅପରେଟିଭ୍‌ଙ୍କ ସହ ସମ୍ପର୍କରେ ଥିଲେ। ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଉକ୍ତ ଅପରେଟିଭ୍ ଜଣକ ମେହକ ଏବଂ ଆଦିଙ୍କୁ ଏହି ରକେଟ ଲଞ୍ଚର ଯୋଗାଇଥିଲେ ବୋଲି ସେ କହିଛନ୍ତି।

# ଏଚ୍-୧ବି ଭିଜା ନିୟମ ଉପରେ ନୂଆ ଗାଇଡ୍‌ଲାଇନ

**ନ୍ୟୁୟର୍କ,୨୧।୧୦**

### ଭାରତୀୟ ଛାତ୍ର, ଇଞ୍ଜିନିୟରଙ୍କ ପାଇଁ ଆଶ୍ୱସ୍ତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ କିଛିଦିନ ପୂର୍ବରୁ ନୂଆ ଏଚ୍-୧ବି ଭିଜା ଆବେଦନ ଦେୟ ୧,୦୦,୦୦୦ ଡଲାରକୁ ବୃଦ୍ଧି କରିଥିବାବେଳେ ଷ୍ଟାଟସ୍ ପରିବର୍ତ୍ତନ କରିବାକୁ ଚାହୁଁଥିବା କିମ୍ବା ରହଣି ସମୟ ବଢ଼ାଇବା ପାଇଁ କରିଥିବା ଆବେଦନ ନିମନ୍ତେ ଏହା ଲାଗୁ ହେବନାହିଁ। ନୂଆ ଗାଇଡ୍‌ଲାଇନ୍‌ରେ ଏହା ସ୍ପଷ୍ଟ କରାଯାଇଛି। ଆମେରିକା ନାଗରିକ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) ପକ୍ଷରୁ ସୋମବାର ଜାରି ଗାଇଡ୍‌ଲାଇନ ଭାରତୀୟ ଛାତ୍ରୀଛାତ୍ର ଏବଂ ପେସାଦାରମାନଙ୍କ ପାଇଁ ଆଶ୍ୱସ୍ତି ଆଣିଛି। କେଉଁମାନେ ଏଚ୍-୧ବି ଭିଜା ଦେୟ ଦେବେ, ପୈଠ କରିବା ପଦ୍ଧତି, ଆବେଦନ ପ୍ରକ୍ରିୟାରୁ ବାଦ୍ ଏବଂ ଛାତ୍ରୀଛାତ୍ରଙ୍କୁ ମିଳିବାକୁ ଥିବା ଆଶ୍ୱସ୍ତି ସମ୍ପର୍କରେ ଗାଇଡ୍‌ଲାଇନରେ ସ୍ପଷ୍ଟ କରାଯାଇଛି।

ନିର୍ଦ୍ଦିଷ୍ଟ ଅଣଆପ୍ରବାସୀ ଶ୍ରମିକମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ସେପ୍ଟେମ୍ବର ୧୯ରେ ନୂଆ ଏଚ୍-୧ବି ଭିଜା ଦେୟକୁ ୧,୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)କୁ ବୃଦ୍ଧି କରିଥିଲେ। ତେବେ ପୂର୍ବରୁ ଜାରି ହୋଇଥିବା କିମ୍ବା ବର୍ତ୍ତମାନ ବୈଧ ଥିବା ଏଚ୍-୧ବି ଭିଜା କ୍ଷେତ୍ରରେ ଏହି ଦେୟ ଲାଗୁ ହେବ ନାହିଁ। ସେହିପରି ୨୦୨୫ ସେପ୍ଟେମ୍ବର ୨୧ରେ ପୂର୍ବାହ୍ନ ୧୨.୦୧ ଇଷ୍ଟର୍ନ ଡେଲାଇଟ୍ ସମୟ ପୂର୍ବରୁ ଯେଉଁମାନେ ଭିଜା ଆବେଦନ କରିଥିବେ, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ନାହିଁ ବୋଲି ୟୁଏସ୍‌ସିଆଇଏସ୍ କହିଛି। ସମ୍ପ୍ରତି ଏଚ୍୧-ବି ଭିଜା ଥିବା ଲୋକଙ୍କୁ ଆମେରିକା ଯିବା କିମ୍ବା ସେଠାରୁ ବାହାରକୁ ଯିବାରେ କୌଣସି କଟକଣା ଲାଗିବ ନାହିଁ। ବ୍ୟକ୍ତିବିଶେଷ ଦେଶ ନ ଛାଡ଼ି ବର୍ଗ ବଦଳାଇବାକୁ ଚାହୁଁଥିଲେ, ଅର୍ଥାତ୍ ଏଫ୍-୧ ଛାତ୍ର ଷ୍ଟାଟସ୍‌ରୁ ଏଚ୍-୧ବି ଷ୍ଟାଟସ୍‌କୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ଏଥିପାଇଁ ଦେୟ ଦେବାକୁ ପଡ଼ିବ ନାହିଁ। କେବଳ ଆମେରିକା ବାହାର ଲୋକଙ୍କ ପାଇଁ ଦେୟ ଲାଗୁ ହେବ ବୋଲି ୟୁଏସ୍‌ସିଆଇଏସ୍ ପକ୍ଷରୁ କୁହାଯାଇଛି।

# ଆଇଏନ୍‌ଏସ୍ ବିକ୍ରାନ୍ତରେ ଦୀପାବଳି ପାଳିଲେ ପ୍ରଧାନମନ୍ତ୍ରୀ

**ପଣଜୀ,୨୧।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଚଳିତ ବର୍ଷର ଦୀପାବଳିକୁ ଗୋଆ ଉପକୂଳରେ ଆଇଏନ୍‌ଏସ୍ ବିକ୍ରାନ୍ତ ଯୁଦ୍ଧଜାହାଜରେ ଭାରତୀୟ ସଶସ୍ତ୍ର ବଳ ସହ ପାଳନ କରିଛନ୍ତି। ସେଠାରେ ସେ ନୌସେନା ଅଧିକାରୀମାନଙ୍କ ସହିତ କଥା ହେବା ସହ ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରଶଂସା କରିଥିଲେ। ୩ ସଶସ୍ତ୍ର ବଳ ମଧ୍ୟରେ ଅସାଧାରଣ ସମନ୍ୱୟ ରହିଛି। ଅପରେଶନ ସିନ୍ଦୂର ବେଳେ ନୌସେନା ଭୟଭୀତ କରାଇବା ସହ ବାୟୁସେନାର ଅସାଧାରଣ ଦକ୍ଷତା ଏବଂ ସ୍ଥଳସେନାର ଦୁଃସାହସ



ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା ଅଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ।

ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଇଏସ୍‌ଏସ୍ ବିକ୍ରାନ୍ତରେ ଥିବା ନୌସେନା ଅଧିକାରୀ ଓ ଯବାନମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧବିମାନବାହୀ ରଣତରୀ ଆତ୍ମନିର୍ଭର ଭାରତର ଶକ୍ତିଶାଳୀ ପ୍ରତୀକ। ଆଇଏନ୍‌ଏସ୍ ବିକ୍ରାନ୍ତ କିଛି ମାସ ପୂର୍ବେ କିପରି ପାକିସ୍ତାନର ନିଦ ହଜାଇ ଦେଇଥିଲା, ଆମେ ଦେଖିଛେ। ଆଇଏନ୍‌ଏସ୍ ବିକ୍ରାନ୍ତ ନାଁ ହିଁ ଶତ୍ରୁପକ୍ଷର ସାହସକୁ ଶେଷ କରିଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଉକ୍ତ ଯୁଦ୍ଧଜାହାଜରେ ରାତି କଟାଇବା ସହ ଗଭୀର ସମୁଦ୍ରରେ ନୌସେନାର ଆକାଶ ମାର୍ଗରେ ଆକ୍ରମଣ ଶକ୍ତି ଦେଖିଥିଲେ। ମିଗ୍-୨୭ ଯୁଦ୍ଧବିମାନ ରଣକୌଶଳ ପ୍ରଦର୍ଶନ କରିଥିଲା।

## ଫୁର୍‌ସତ୍

# ନବଜାତକର ନାମ ସିଙ୍ଗାପୁର

### ଗାଜାରେ ସିଙ୍ଗାପୁରର ମାନବୀୟ ସହାୟତାରୁ ଉପକୃତ ହୋଇଥିଲେ ପାଲେଷ୍ଟିନୀୟ ଦମ୍ପତି

**ଗାଜା ସିଟି**




ହମାସ୍ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ ୨ ବର୍ଷରୁ ଅଧିକ ସମୟ ଜାରି ରହିଛି। ଇସ୍ରାଏଲ ଆକ୍ରମଣରେ ପ୍ରତିଦିନ ଗାଜା ଷ୍ଟ୍ରିପ୍‌ରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେ ନିକଟରେ ସେଠାରୁ ଏପରି ଖବର ଆସିଛି, ଯାହା ଯୁଦ୍ଧର ବର୍ବରତା ମଧ୍ୟରେ ମାନବିକତାର ଗୁରୁତ୍ୱକୁ ଦର୍ଶାଇଛି। ଏକ ପାଲେଷ୍ଟିନୀୟ ଦମ୍ପତି ସେମାନଙ୍କ ନବଜାତ କନ୍ୟାର ନାମ 'ସିଙ୍ଗାପୁର' ରଖିଛନ୍ତି। ସିଙ୍ଗାପୁର ଦ୍ୱାରା ଗାଜାର ଲୋକଙ୍କୁ ପ୍ରଦାନ କରାଯାଉଥିବା ମାନବୀୟ ସହାୟତାକୁ ଦୃଷ୍ଟିରେ ରଖି ଉକ୍ତ ଦମ୍ପତି ଝିଅର ଏପରି ନାମକରଣ କରିଛନ୍ତି।

କନ୍ୟାର ବାପା ଅବୁ ବକର କହିଛନ୍ତି, ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ଗାଜାରେ ଚାଲିଥିବା ସଂଘର୍ଷ ଯୋଗୁ ସେ ଓ ତାଙ୍କ ପୂରା ପରିବାର ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖାଦ୍ୟ ଏବଂ ଔଷଧର ଅତ୍ୟନ୍ତ ଅଭାବ ଥିଲା। ଏହି ସମୟରେ ସିଙ୍ଗାପୁରର 'ଲଭ୍ ଏଡ୍ ସିଙ୍ଗାପୁର' ସଙ୍ଗଠନ ଦ୍ୱାରା ପରିଚାଳିତ ଏକ ଫୁଡ୍ କିଚେନ୍ ତାଙ୍କୁ ବେଶ୍ ସହାୟକ ହୋଇଥିଲା। ତାଙ୍କ ସ୍ତ୍ରୀ ସେଠାରୁ ପ୍ରତିଦିନ ଗରମ ଖାଦ୍ୟ ପାଉଥିଲେ, ଯାହା ତାଙ୍କ ଶିଶୁକନ୍ୟା ପାଇଁ ଜୀବନ ରକ୍ଷାକାରୀ ପ୍ରମାଣିତ ହୋଇଛି। ସିଙ୍ଗାପୁର ତାଙ୍କ ପରିବାରକୁ ସହାୟତା କରି ସେମାନଙ୍କୁ ଏକ ନୂତନ ଜୀବନ ଦେଇଛି ଏବଂ ତାଙ୍କ ଝିଅ ସୁସ୍ଥ ଭାବେ ଜନ୍ମ ହୋଇଛି। ସିଙ୍ଗାପୁର ସରକାରଙ୍କ ଏହି କୃତଜ୍ଞତାକୁ ସର୍ବଦା ମନେ ରଖିବା ପାଇଁ ସେ ଓ ତାଙ୍କ ସ୍ତ୍ରୀ ଝିଅର ନାମକୁ ସିଙ୍ଗାପୁର ରଖିଛନ୍ତି ବୋଲି ବକର କହିଛନ୍ତି। ତାଙ୍କ ଝିଅ ଗତ ୧୫ ତାରିଖରେ ଜନ୍ମ ହୋଇଥିଲା ଏବଂ ନାମକରଣ ଉତ୍ସବରେ ବକର ଓ ତାଙ୍କ ପରିବାର ସିଙ୍ଗାପୁର ପତାକା ଉଡ଼ାଇଥିଲେ।

ଲଭ୍ ଏଡ୍ ସିଙ୍ଗାପୁର ହେଉଛି ଏକ ବେସରକାରୀ ସଙ୍ଗଠନ, ଯାହା ୨୦୨୩ରୁ ଗାଜାରେ ସକ୍ରିୟ ରହିଛି। ଏହା ପାଲେଷ୍ଟିନୀୟମାନଙ୍କୁ ଖାଦ୍ୟ, ସ୍ୱଚ୍ଛ ପାଣି, ଔଷଧ ଏବଂ ଅସ୍ଥାୟୀ ଆଶ୍ରୟ ଯୋଗାଇ ଆସୁଛି। ଏହି ସଙ୍ଗଠନର ଫୁଡ୍ କିଚେନ୍ ପ୍ରତିଦିନ ୧୦ ହଜାରରୁ ଅଧିକ ଲୋକଙ୍କୁ ଗରମ ଖାଦ୍ୟ ପରିବେଷଣ କରିଥାଏ। ଲଭ୍ ଏଡ୍ ସିଙ୍ଗାପୁରର ପ୍ରତିଷ୍ଠାତା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଲେଖିଛନ୍ତି, ଜଣେ ନବଜାତ କନ୍ୟାର ନାମକୁ ସିଙ୍ଗାପୁର ରଖାଯିବା ନିଶ୍ଚିତ ଭାବେ ମାନବିକ ସହାୟତା ପାଇଁ ସିଙ୍ଗାପୁରର ପ୍ରୟାସର ସର୍ବୋତ୍ତମ ସ୍ୱୀକୃତି। ସିଙ୍ଗାପୁରର ସହାୟତା ବକର ଓ ତାଙ୍କ ପରିବାରକୁ ଆଶା ପ୍ରଦାନ କରିଥିବା ସେ କହିଛନ୍ତି।

# ସାଇକୋଲୋଜି ଅନର୍ସ ପଢୁଛନ୍ତି ହର୍ଷବର୍ଦ୍ଧନ

**ମୁମ୍ବାଇ**




ହର୍ଷବର୍ଦ୍ଧନ ରାଣେ

ବଲିଉଡ୍‌ରେ ଏପରି ଅନେକ କଳାକାର ଅଛନ୍ତି, ଯେଉଁମାନେ ଖୁବ୍ କମ୍ ପଢ଼ି ମଧ୍ୟ ନିଜ ଟ୍ୟାଲେଣ୍ଟ ଏବଂ ପରିଚୟ ବଳରେ ଫିଲ୍ମ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହିପରି କିଛି କଳାକାର ଏପରି ମଧ୍ୟ ରହିଛନ୍ତି, ଯେଉଁମାନେ ବଲିଉଡ୍‌ରେ ନିଜ ପରିଚୟ ସୃଷ୍ଟି କରିବା ପରେ ମଧ୍ୟ ପଢ଼ା ଛାଡ଼ିନାହାନ୍ତି ଏବଂ ଉଚ୍ଚଶିକ୍ଷା ଅଧ୍ୟୟନ ଜାରି ରଖିଛନ୍ତି। ଏହି ତାଲିକାରେ ୪୧ ବର୍ଷୀୟ ଅଭିନେତା ହର୍ଷବର୍ଦ୍ଧନ ରାଣେ ରହିଛନ୍ତି। ବିଭିନ୍ନ ଫିଲ୍ମର ଶୁଟିଂ କରିବା ସହ ସମ୍ପ୍ରତି ଡିଗ୍ରୀ ପାଇବା ପାଇଁ ସାଇକୋଲୋଜି ଅନର୍ସ ପଢୁଛନ୍ତି। ଏନେଇ ମଙ୍ଗଳବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ହର୍ଷବର୍ଦ୍ଧନ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଶୁଟିଂ ବେଳେ ପଢୁଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ହର୍ଷବର୍ଦ୍ଧନ ଲେଖିଛନ୍ତି, ସାଇକୋଲୋଜି ଅନର୍ସର ଦ୍ୱିତୀୟ ବର୍ଷ। ୨୦୨୫ ଶେଷ ଭାଗରେ ପରୀକ୍ଷା ହେବ। ସେଥିପାଇଁ ପରିଶ୍ରମ କରୁଛି। ଏହି ପୋଷ୍ଟରେ କମେଣ୍ଟ କରି ଅନେକ ୟୁଜର୍ସ ହର୍ଷବର୍ଦ୍ଧନଙ୍କୁ ପ୍ରଶଂସା କରିଛନ୍ତି। ସମ୍ପ୍ରତି ହର୍ଷବର୍ଦ୍ଧନ ନିଜ ଫିଲ୍ମ 'ଏକ ଦିୱାନେ କି ଦିୱାନିୟତ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ମଙ୍ଗଳବାର ରିଲିଜ୍ ହୋଇଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିଛନ୍ତି।




# ମାଦଳ ବଜାଇ ଦୀପାବଳି ପାଳିଲେ ମୁଖ୍ୟମନ୍ତ୍ରୀ

## ଅଭିଯୋଗ ଶୁଣିଲେ, ସୁଖ ଓ ସମୃଦ୍ଧି କାମନାକଲେ

କେନ୍ଦୁଝର,୨୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଗାଁ କେନ୍ଦୁଝର ଜିଲା ରାଇକଳାରେ ଲୋକଙ୍କ ସହ ମାଦଳ ବଜାଉଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ସୋମବାର ଅପରାହ୍ଣରେ ଜନ୍ମମାଟି ରାଇକଳା ଗ୍ରାମରେ ପହଞ୍ଚି ସମ୍ପର୍କୀୟ, ବନ୍ଧୁବାନ୍ଧବ ତଥା ପରିବାର ଲୋକଙ୍କୁ ଭେଟିଥିଲେ। ଏହି ଅବସରରେ ତାଙ୍କୁ ସେଠାରେ ପ୍ରଶାସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହ ପାରମ୍ପରିକ ବାଦ୍ୟ ମାଦଳ ବଜାଇ ଓ ନୃତ୍ୟଗୀତରେ ସାମିଲହୋଇ ଦୀପାବଳି ପାଳନ କରିଥିଲେ। ପୂଜାର୍ଚ୍ଚନା କରିବା ସହ ଦୀପ ଜଳାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦୁଝର ମାଟିର ମହାନ୍ ସଂସ୍କୃତି, ପରମ୍ପରା ଓ ଆତ୍ମୀୟତା ସର୍ବଦା ଶକ୍ତି ଓ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ସମସ୍ତଙ୍କ ସହ ମାଦଳ ବଜାଇ ଉତ୍ସବ ପାଳିବା ଏକ ଅନନ୍ୟ ଅନୁଭବ ଥିଲା। ଏହି ପର୍ବ କେବଳ ଆଲୋକର ପର୍ବ ନୁହେଁ ବରଂ ଆମ ସମୃଦ୍ଧ ସଂସ୍କୃତି, ଓଡ଼ିଆ ଅସ୍ମିତା ଏବଂ ପ୍ରକୃତି ପ୍ରତି ଆମର ଭକ୍ତିଭାବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା’ କାଳୀ ଏବଂ ମା’ ଲକ୍ଷ୍ମୀଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗପତ୍ର ଗ୍ରହଣକରି ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ମା’ କାଳୀଙ୍କ ମେଢ଼ ବୁଲି ଦେଖିବା ସହ ମେଳା ବୁଲିଥିଲେ। ପରେ ଦଳୀୟ କର୍ମୀ, ନେତାଙ୍କ ସହ ଆଲୋଚନା କରିଥିଲେ।

# ଧରିତ୍ରୀ ଖବରଦାତାଙ୍କ ପରଲୋକ

ଛତ୍ରପୁର,୨୧।୧୦
(ଦିଲୀପ ସାମଲ)


ସନ୍ତୋଷ କୁମାର ପାଢୀ

ଗଞ୍ଜାମ ଜିଲା ଛତ୍ରପୁରର ଧରିତ୍ରୀ ଖବରଦାତା ସନ୍ତୋଷ କୁମାର ପାଢୀଙ୍କ ସୋମବାର ଅପରାହ୍ଣ ୩ଟା୨୫ରେ କାଳିଆବାଲିସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଦକ୍ଷ ଓ ନିର୍ଭୀକ ଖବରଦାତା ଭାବରେ ସମଗ୍ର ଗଞ୍ଜାମ ଜିଲାରେ ପରିଚିତ ଥିଲେ। ସେ ଦୀର୍ଘ ବର୍ଷ ଧରି ଧରିତ୍ରୀର ଜିଲା ଖବରଦାତା ରୂପେ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ଧରି ସନ୍ତୋଷ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସାନଭାଇ ସୁଶାନ୍ତ ପାଢ଼ୀ ଓ ତିନି ବଡଭଉଣୀ ଉପସ୍ଥିତ ଥିଲେ। ସନ୍ତୋଷଙ୍କ ବିୟୋଗରେ ଛତ୍ରପୁର ପ୍ରେସ୍‌କ୍ଲବ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ମେଳାପୀ, ଭଦ୍ର ଓ ନମ୍ର ବ୍ୟକ୍ତି ଥିଲେ। ତାଙ୍କ ପରଲୋକ ଖବର ପାଇ ସବୁ ଖବରଦାତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରଲୋକ ଖବର ଶୁଣି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ଗଭୀର ଦୁଃଖ ପ୍ରକାଶ କରି ସେ ଜଣେ ନିର୍ଭୀକ ଓ ସାହସୀ ଖବରଦାତା ଥିଲେ ବୋଲି ମତ ପ୍ରକାଶ କରିଥିଲେ।

# ନିଶାମୁକ୍ତ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

## ଗଣ୍ଡଗୋଳରୁ ଘଟିଛି ହତ୍ୟାକାଣ୍ଡ, ୪ ଅଟକ

କଟକ/ଫୁଲନଖରା,୨୧।୧୦
(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ଗ୍ରାମରେ ଥିବା ଏକ ନିଶାମୁକ୍ତି କେନ୍ଦ୍ରରେ ସୋମବାର ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ସୌମ୍ୟରଞ୍ଜନ ଦାସ। ନିଶାମୁକ୍ତ କେନ୍ଦ୍ରରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏଥିସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନାନୁସାରେ, ଉତ୍ତମାପୁରର କାବୁଲି ମୂଳିଆ ନାମକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣା ନାମରେ ଏକ ନିଶାମୁକ୍ତ କେନ୍ଦ୍ର ରହିଛି। ସୌମ୍ୟରଞ୍ଜନ ଇଞ୍ଜିନିୟରିଂ ପାସ୍ କରିବା ପରେ ମୁମ୍ବାଇରେ ଚାକିରି କରୁଥିଲେ। ହେଲେ ଗତ କିଛି ମାସ ହେଲା ସେ ମାନସିକ ଅବସାଦରେ ରହୁଥିବାରୁ ୪ ମାସ ହେବ ସେହି ନିଶାମୁକ୍ତ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କୌଣସି କାରଣରୁ ନିଶାମୁକ୍ତ କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରେ ସୋମବାର ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ୪ଜଣ ଅନ୍ତେବାସୀ ମିଶି ସୌମ୍ୟରଞ୍ଜନଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

# ବାହୁଦା ମୁହାଣରେ ନୂଆ ପ୍ରଜାତିର ମାଛ

ବ୍ରହ୍ମପୁର,୨୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)


ସୁଡୋରୋମ୍ବସ ବାହୁଦାଏନ୍‌ସିସ୍

ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏଷ୍ଟୁଆରାଇନ୍ ବାୟୋଲୋଜି ରିଜିଓନାଲ ସେଣ୍ଟରର ଗବେଷକମାନେ ଓଡ଼ିଶାର ବାହୁଦା ମୁହାଣରେ ଏକ ନୂଆ ପ୍ରଜାତିର ମାଛର ସନ୍ଧାନ ପାଇଛନ୍ତି। ଏହି ନୂଆ ମାଛକୁ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ନାମ ଦିଆଯାଇଛି। ପୂର୍ବରୁ ଜଣାଶୁଣା ଥିବା ସୁଡୋରୋମ୍ବସ ଆର୍ସିଅସ (ଗଙ୍ଗାର ବଡ଼ଦାନ୍ତ ଫ୍ଲାଉଣ୍ଡର) ମାଛ ସହିତ ଏହାର ସାମଞ୍ଜସ୍ୟ ରହିଥିଲା। ଗବେଷକ ଡ. ଅନିଲ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଆଧୁନିକ ଡିଏନ୍‌ଏ ବାରକୋଡିଂ ଓ ଫାଇଲୋଜେନେଟିକ ଉପକରଣ ବ୍ୟବହାର କରି ଏହି ନୂଆ ପ୍ରଜାତି ଚିହ୍ନଟ ହୋଇଛି। ସୁଡୋରୋମ୍ବସ ଆର୍ସିଅସ ଓ ସୁଡୋରୋମ୍ବସ ବାହୁଦାଏନ୍‌ସିସ୍ ପ୍ରାୟ ୧୭ ନିୟୁତ ବର୍ଷ ପୂର୍ବେ ଅଲଗା ହୋଇଥିଲେ, କିନ୍ତୁ ବାହ୍ୟ ରୂପରେ ଏମାନେ ପ୍ରାୟ ଏକାଭଳି ଦେଖାଯାଉଛନ୍ତି। ଗବେଷକ ଶୁଭ୍ରେନ୍ଦୁ ଶେଖର ମିଶ୍ର କହିଛନ୍ତି, ସୁଡୋରୋମ୍ବସ ବାହୁଦାଏନସିସି ମାଛ ପ୍ରଥମେ ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ବାହୁଦାରେ ଦେଖାଯାଇଥିଲା ଏବଂ ପରେ ଗୋପାଳପୁର ଓ ପୁରୀର ପେଣ୍ଠକଟାରେ ମଧ୍ୟ ମିଳିଛି। ଏହି ପ୍ରଜାତି ଇଣ୍ଡୋ-ପାସିଫିକ ଅଞ୍ଚଳରେ ବ୍ୟାପକ ହୋଇପାରେ ବୋଲି ଗବେଷକମାନେ ଅନୁମାନ କରୁଛନ୍ତି। ଗବେଷକ ସ୍ମୃତିରେଖା ଆଚାର୍ଯ୍ୟ, ରାଜେଶ କୁମାର ବେହେରା, ସ୍ୱରୂପ ରଞ୍ଜନ ମହାନ୍ତି, ଦୀପାଞ୍ଜନ ରାୟ, ଶେଷଦେବ ପାତ୍ର, ଶୁଭ୍ରେନ୍ଦୁ ଶେଖର ମିଶ୍ର ଓ ଅନିଲ ମହାପାତ୍ର ଏହି ନୂତନ ପ୍ରଜାତିର ମାଛ ସମ୍ପର୍କରେ ଗବେଷଣାରେ ସାମିଲ ହୋଇଥିଲେ।

# କାଜୁ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ

ପାରଳାଖେମୁଣ୍ଡି,୨୧।୧୦
(ଗିରିଧାରୀ ପରିଚ୍ଛା)

■ ୧୨୦୦ରୁ ଊର୍ଦ୍ଧ୍ୱ କାଜୁବସ୍ତା ପୋଡ଼ି ପାଉଁଶ
■ ୨୦ ଘଣ୍ଟା ବିତିଲାଣି, ଆୟତ୍ତ ହୋଇପାରୁନି ନିଆଁ


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଲାବଣ୍ୟଗଡ଼ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ନିକଟରେ ଥିବା ଜଗନ୍ନାଥ କାଜୁ ଫ୍ୟାକ୍ଟ୍ରିରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ କାଜୁ ଫ୍ୟାକ୍ଟ୍ରି ମାଲିକ ବି.ଭି. ଜଗନ୍ନାଥ ରାଓ ଗୁରୁତର ହୋଇ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଗ୍ନିକାଣ୍ଡରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ କାଜୁ ପୋଡି ପାଉଁଶ ହୋଇଯାଇଛି।

ଖବରରୁ ଜଣାପଡ଼ିଛି, ସୋମବାର ବିଳମ୍ବିତ ରାତିରେ ଜଗନ୍ନାଥପୁରଠାରେ ଥିବା କାଜୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ମାଲିକ ଜଗନ୍ନାଥଙ୍କୁ ଖବର ଦେଇଥିଲେ। ମାଲିକ କାଜୁ ଫ୍ୟାକ୍ଟ୍ରିରେ ପହଞ୍ଚି ଫ୍ୟାକ୍ଟ୍ରିର କବାଟ ବାହାର କରିଦେଇଥିଲେ। ଫଳରେ ଫ୍ୟାକ୍ଟ୍ରି ଭିତରେ ଜଳୁଥିବା ନିଆଁ ଝାସରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଅଞ୍ଚଳବାସୀ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କୁ ଖବର ଦେଇଥିଲେ। ନିଶିକା ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଘଣ୍ଟାଘଣ୍ଟା ଧରି ଉଦ୍ୟମ ଜାରି ରଖିଥିଲେ ସୁଦ୍ଧା ଦୀର୍ଘ ୨୦ ଘଣ୍ଟା ହେଲା ନିଆଁ ଆୟତ୍ତ ହୋଇପାରିନି। ଖବର ଲେଖିବା ବେଳକୁ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିଲା। ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ଏନେଇ ଅଗ୍ନିଶମ ଅଧିକାରୀ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଛି। ସମ୍ଭବତଃ କାଜୁ ଚୋପାରେ ତେଲ ଥିବାରୁ ନିଆଁ ଜୁହୁଳୁଛି ଏବଂ ଆୟତ୍ତ କରିବା କଷ୍ଟକର ହେଉଛି। ଏପରି ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଗାରାବନ୍ଧ ଥାନା ଅଧିକାରୀ ନିଶିକା କହିଛନ୍ତି, ଏହାର ତଦନ୍ତ ଜାରି ରହିଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ପରେ ଅଗ୍ନିକାଣ୍ଡର କାରଣ ଜଣାପଡିବ। ଅନ୍ୟପକ୍ଷରେ କାଜୁ ଫ୍ୟାକ୍ଟ୍ରିରେ ୧୨ ଶହରୁ ୧୩ ଶହ କାଜୁ ବସ୍ତା ଥିଲା । ଏହାର ବଜାର ମୂଲ୍ୟ ୧ କୋଟି ୭୦ ଲକ୍ଷ ଟଙ୍କା ହେବ ବୋଲି ଫ୍ୟାକ୍ଟ୍ରି ମାଲିକ କହିଛନ୍ତି।

# ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ମିଳିଲାନି କାନ୍ଧ

ଝାରସୁଗୁଡ଼ା, ୨୧।୧୦
(ଆଶିଷ ରଞ୍ଜନ ଦାଶ)

■ ମୃତଦେହ ପାଖରେ ବସି କାନ୍ଦୁଥିଲେ ସ୍ତ୍ରୀ, ୨ ଝିଅ
■ ସରପଞ୍ଚ, ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟ କଲେ ମୃତଦେହ ସତ୍କାର

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ତେଲେନପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ୟ ଜାତିର ଯୁବତୀଙ୍କୁ ବିବାହ କରିଥିଲେ ବୋଲି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର ପାଇଁ ପରିବାର ସଦସ୍ୟ କିମ୍ବା ଜାତିବନ୍ଧୁ ଆସିଲେନି। ଶେଷରେ ତେଲେନପାଲି ସରପଞ୍ଚ ଓ ସ୍ଥାନୀୟ ପଶ୍ଚିମେଶ୍ୱର ଯୁବକ ସଂଘ ସଦସ୍ୟଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ମୃତଦେହ ସତ୍କାର କରାଯାଇଛି।

ସୂଚନା ଅନୁଯାୟୀ, ତେଲେନପାଲି ଗ୍ରାମର ରଘୁ ଧୂରୁଆ(୪୨) ପ୍ରାୟ ୧୦ ବର୍ଷ ପୂର୍ବେ ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏଥିପାଇଁ ତାଙ୍କୁ ପରିବାର ସଦସ୍ୟ ଓ ତାଙ୍କ ଜାତିର ଲୋକମାନେ ସାମାଜିକ ବାସନ୍ଦ କରିଥିଲେ। ଫଳରେ ସେ ଉକ୍ତ ଗ୍ରାମର ଅନ୍ୟଏକ ସ୍ଥାନରେ ଖୁସିରେ ରହୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ହେଲେ କୌଣସି ରୋଗରେ ଆକ୍ରାନ୍ତ ହୋଇ ସୋମବାର ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ନିକଟରେ ସ୍ତ୍ରୀ ଓ ୨ ଝିଅ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରଘୁଙ୍କ ମୃତଦେହ ସତ୍କାର ପାଇଁ ପରିବାର କିମ୍ବା ବନ୍ଧୁ ପରିଜନ ଆଗେଇ ଆସିଲେ ନାହିଁ। କାରଣ ସେମାନଙ୍କୁ ସାମାଜିକ ବାସନ୍ଦ କରିଦିଆଯିବ ବୋଲି ଭୟ ରହିଥିଲା। ସ୍ୱାମୀଙ୍କ ଶେଷକୃତ୍ୟ କିପରି ସମ୍ପନ୍ନ ହେବ ସେ ନେଇ ତାଙ୍କ ସ୍ତ୍ରୀ କିଛି ବୁଝି ପାରୁ ନ ଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ତେଲେନପାଲି ସରପଞ୍ଚ ଆକାଶ ସାହୁଙ୍କ ଉଦ୍ୟମରେ ପଶ୍ଚିମେଶ୍ୱର ବାବା ଯୁବକ ସଂଘର ସଦସ୍ୟମାନେ ମଙ୍ଗଳବାର ସକାଳେ ରଘୁଙ୍କ ଘରେ ପହଞ୍ଚିଥିଲେ। ଶେଷରେ ସେମାନେ ମୃତଦେହକୁ କାନ୍ଧରେ ନେଇ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ। ଏନେଇ ସରପଞ୍ଚ ସାହୁ, ପଶ୍ଚିମେଶ୍ୱର ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁ, ସଦସ୍ୟ ଶଙ୍କର ଖମାରୀ କହିଛନ୍ତି, ରଘୁଙ୍କ ଶୁଦ୍ଧିକ୍ରିୟା ଏବଂ ପରିବାରକୁ ଆବଶ୍ୟକ ସହଯୋଗ ପଞ୍ଚାୟତ ଓ ଯୁବକ ସଂଘ ପକ୍ଷରୁ ଯୋଗାଇ ଦିଆଯିବ।


ରଘୁଙ୍କ ସ୍ତ୍ରୀ ଏବଂ ୨ ଶିଶୁକନ୍ୟା।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ପାଳନ ଅବସରରେ ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ରସୁଲଗଡ଼ ଜି ଜି ପି କଲୋନୀସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ. ସମୟ: ସନ୍ଧ୍ୟା ୬ଟା।

**କଟକ**
- ତିଗିରିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମହେଶ୍ୱର ନୋଡାଲ ବିଦ୍ୟାପୀଠ, ପୁରୁଣା ତିଗିରିଆ, ସମୟ: ସକାଳ ୯ଟା।
- ବଡ଼ମ୍ବା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା ୩୦।

**ଖୋର୍ଦ୍ଧା**
- ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସମାରୋହ, ସ୍ଥାନ: ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

**ବାଲେଶ୍ୱର**
- ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଜଳସୋହରିଆ ପାନ ମାର୍କେଟ, ଭୋଗରାଇ, ସମୟ: ସକାଳ ୬ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଉତ୍ତର ଦେଉଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି, ସ୍ଥାନ: ଖାଟୁବଣୀ ଉଚ୍ଚ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମାର୍କୋଣା ରଘୁନାରାୟଣ ହାଇସ୍କୁଲ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସମାବେଶ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ତୃତୀୟ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ଦ୍ୱିତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- କାଳୀପୂଜା ଅବସରରେ ଚଣ୍ଡୀପାଠ, ପୂଜାର୍ଚ୍ଚନା, ସ୍ଥାନ: ବନେଇକଳା, ଶାସ୍ତ୍ରୀନଗର, ଯୋଡ଼ା, ସମୟ: ସକାଳ ୮ଟା ୩୦।
- କାଳୀମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ, ସ୍ଥାନ: ରଣାଶାଳ, ଯୋଡ଼ା, ସମୟ: ସକାଳ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ :ଶାଳନିଆଁ ମେଡିକାଲ, ହାଟଡିହୀ, ସମୟ :ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ସୁରଭି ଉତ୍ସବ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ତୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ମ୍ୟାଜିକ ଶୋ' ଓ ଡ୍ୟାନ୍ସ, ସ୍ଥାନ: ନିହୁଆ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଡୁମାପଦା କପ୍-୨୦୨୫, ସ୍ଥାନ:ବାରିପଦା ବ୍ଲକର ଡୁମାପଦା,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ଏକତା ପଦଯାତ୍ରା ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ଚୋରି ଓ ହଜିଥିବା ମୋବାଇଲ ଫେରସ୍ତ ମେଳା, ସ୍ଥାନ: ଅନୁଗୋଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ପରିକ୍ରମା ସାହିତ୍ୟ ଅନୁଷ୍ଠାନର ହେମନ୍ତ କବିତା ଆସର,ଚୂନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର, ଗଡପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଗୋବର୍ଦ୍ଧନ ପୂଜା ଓ ଭଜନ ସମାରୋହ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗୋବର୍ଦ୍ଧନ ପୂଜା ଓ ଭଜନ ସମାରୋହ, ସ୍ଥାନ: ଭକ୍ତବିଳାସ ମଠ, ଧୂମାତ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମା' ଶ୍ୟାମାକାଳୀଙ୍କ ପୂଜାତ୍ସୋବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତଣ୍ଡିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ବ୍ୟାସନଗର ପୌରାଞ୍ଚଳର ୧୦ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସନ୍ତରାଠାରୁ ବ୍ୟାସସରୋବର ପର୍ଯ୍ୟନ୍ତ ୧୦ଟି ସ୍ଥାନ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ସହରର କାଳୀପୂଜା ନିମନ୍ତେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଜାର, ମେଡିକାଲ ଛକ, ମାନସାପୋଲ, ଯୋଡିପୁଅ କାଳୀପୂଜା ମଣ୍ଡପ ପରିସର, ସମୟ : ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ସହରର କାଳୀପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: କୋପଣ୍ଡ କାଳୀପ ମଣ୍ଡପ ପରିସର, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**
- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ:ସକାଳ ୮ଟା।
- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ:ପୂର୍ବାହ୍ନ ୯ଟା।
- ୫ମ ବାର୍ଷିକ ରାମଚରିତ ମାନସ ପାରାୟଣ ଶୁଭାରମ୍ଭ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପୂର୍ବାହ୍ନ ୯ଟା।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ରଣପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଇସ୍କନ ନୟାଗଡ ଦ୍ୱାରା କଥା କୀର୍ତ୍ତନ ଓ ଗୋବର୍ଦ୍ଧନ ଲୀଳା, ସ୍ଥାନ: ନୟାଗଡ ସହର ନିକଟବର୍ତ୍ତୀ ଶିଆଳିଖୋଲ ରେଲୱେ ଓଭରବ୍ରିଜ ପାଖ, ସମୟ: ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ମହାବୀର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ:ନୟାଗଡ ଦୁଃଖି ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ଗିରି ଗୋବର୍ଦ୍ଧନ ପୂଜାର ଆରମ୍ଭ, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ୟାମାକାଳୀ ପୂଜାର ୫୨ ବର୍ଷ ପୂର୍ତ୍ତି ଅବସରରେ ଭଜନ ସମାରୋହ, ସ୍ଥାନ: ନୟାଗଡ ବ୍ଲକ ଷଠିଆପଲ୍ଲୀ ଶ୍ୟାମାକାଳୀ ପୀଠ, ସମୟ: ସଂଧ୍ୟା ୭ଟା।
- ଶ୍ୟାମାକାଳୀ ପୂଜା ମହୋତ୍ସବରେ ରାମ ନାଟକ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡ଼ା, ସମୟ: ସଂଧ୍ୟା ୭ଟା।

**ରାୟଗଡ଼ା**
- ମା' ତ୍ରିପୁରା ସୁନ୍ଦରୀ ପୂଜା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

**ନବରଙ୍ଗପୁର**
- ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚତୁଃଗ୍ରହ ଯୋଗ ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟିକରିବ। ଅବୁଝା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହେବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଆଶା ମଧ୍ୟ ଅପୂରଣୀୟ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ** ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ପରାମର୍ଶରେ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇବେ। ଷ୍ଟେସନାରୀ, ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାରରୁ ଉପକୃତ ହେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** କଥା ଓ କାମରେ ମେଳ ନ ରହିବାରୁ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହେବେ। ପରିବାରରେ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ବିଭିନ୍ନ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା** ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅନିୟମିତ ଭୋଜନଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାର ସୂଚନା ରହିଛି।

**ତୁଳା** ପରିବାରର ସମସ୍ୟା ସମାଧାନ ଚେଷ୍ଟା କରି ସଫଳ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍‌ଗୁଲ୍ ରହିବେ।

**ବିଛା** କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗଜନିତ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ଯୋଗୁ କେତେକାଂଶରେ ଉପକୃତ ହେବେ।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ** ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ମେଳା ମଉଚ୍ଛବରେ, ନୃତ୍ୟ ଓ ସଙ୍ଗୀତରେ ମଜିରହିପାରନ୍ତି। କୌଣସି ଜନହିତକର କାମରେ ତାହାକୁ ବିନିଯୋଗ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅକ୍ଟୋବର ୨୨ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ବୁଧବାର। ଗିରି ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ବଲ୍ୟୁତ୍ସବ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୭ମି. ଗତେ ଘ.୦୮.୦୪ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୩ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଦୀପାବଳି: ବଢ଼ିଲା...

୨୫୩ରେ ପହଞ୍ଚିଥିବାବେଳେ ନୟାପଲ୍ଲୀ ଅଞ୍ଚଳରେ ୨୨୦ରହିଛି। ସେହିପରି କଟକରେ ବାୟୁ ପ୍ରଦୂଷଣସ୍ତର ଅସ୍ୱାସ୍ଥ୍ୟକର ସ୍ଥିତିରେ ରହିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବାୟୁ ପ୍ରଦୂଷଣ ସୂଚକାଙ୍କ ୧୭୩ ଥିବା ରେକର୍ଡ ହୋଇଛି। ବାୟୁରେ ପ୍ରଦୂଷଣ ସୂଚକାଙ୍କ ୧୫୦ରୁ ୨୦୦ମଧ୍ୟରେ ରହିଲେ ତାହା ଅସ୍ୱାସ୍ଥ୍ୟକର ହୋଇଥାଏ। କଟକ ବାୟୁମଣ୍ଡଳରେ ବର୍ତ୍ତମାନ ଏକ୍ୟୁଆଇ ୧୨୨ ଥିବାବେଳେ ପିଏମ୍ ୨. ୫ କଣିକାର ମାତ୍ରା ୮୭ ରହିଛି। ସମ୍ବଲପୁର ସହରରେ ବାଣ ଫୁଟା ପ୍ରଦୂଷଣ ଅପେକ୍ଷା ଭାସମାନ ଧୂଳିକଣା ଜନିତ ପ୍ରଦୂଷଣ ଅଧିକ ବୋଲି ସମ୍ବଲପୁରସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି। ସହରରେ ବାଣ ବ୍ୟବସାୟୀମାନଙ୍କୁ ସବୁଜ ବାଣ ବିକ୍ରୟ ପାଇଁ କୁହାଯାଇଥିଲା। ଏଥିଯୋଗୁ ପୂର୍ବ ବର୍ଷ ଅପେକ୍ଷା ବାୟୁ ପ୍ରଦୂଷଣ କମ୍ ରହିଥିବା ସତ୍ୟନାରାୟଣ କହିଛନ୍ତି। ମୁଦିପଡ଼ା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପାଣିଟାଙ୍କି ଛକରେ ବାୟୁ ପ୍ରଦୂଷଣ ସର୍ବାଧିକ ୨୧୭ ମାଇକ୍ରୋଗ୍ରାମ ପ୍ରତି ଘନମିଟର, ବରେଇପାଲି ଜଳ ବିଶୋଧନାଗାର ନିକଟରେ ୧୭୩ ମାଇକ୍ରୋଗାମ ପ୍ରତି ଘନମିଟର ଓ ଦଳେଇପଡ଼ା ପୁରୁଣା ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ମାତ୍ରା ୧୪୯ ମାଇକ୍ରୋଗ୍ରାମ ପ୍ରତି ଘନମିଟର ରହିଛି।

ବ୍ରହ୍ମପୁରରେ ମଧ୍ୟ ଚଳିତବର୍ଷ ୨ ଦିନ ଦୀପାବଳି ପାଳିତ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ପ୍ରଦୂଷଣର ପ୍ରଭାବ ଅଧିକ ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାକୁ ମନିଟରିଂ କରାଯାଉଛି। ପ୍ରାୟ ୧୪ ଦିନ ଧରି ମନିଟରିଂ ହେବ। ବୁଧବାର ଏହାର ପ୍ରଭାବ ଜଣାପଡ଼ିବ ବୋଲି ବ୍ରହ୍ମପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଦୀପକ କୁମାର ସାହୁ କହିଛନ୍ତି।

ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ସାହୁ କହିଛନ୍ତି ଯେ, ବାଣ ଫୁଟାଇବା ନେଇ ପ୍ରଦୂଷଣ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ଜାରି ହୋଇଛି। ସବୁଜ ବାଣ ଫୁଟାଇବା ଉପରେ ବୋର୍ଡ ପକ୍ଷରୁ ସଚେତନ କରାଯାଉଛି। ହେଲେ ସାଧାରଣ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ଫଳରେ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଦୀପାବଳି ପାଇଁ ବୋର୍ଡ ପକ୍ଷରୁ ବିଭିନ୍ନ ସହରରେ ଅଧିକାଂଶ ସ୍ଥାନରେ ଚଢ଼ଉ କରାଯାଇଛି, ବାଣ ଦୋକାନୀଙ୍କୁ ଜୋରିମାନା କରାଯାଇଛି। ଏହାସତ୍ତ୍ୱେ ଜନସାଧାରଣ ବାଣ କିଣିବାପାଇଁ ଯେପରି ଆଗ୍ରହ ଦେଖାଉଛନ୍ତି ତାକୁ ନେଇ ଦୋକାନୀ ଅନୁରୂପ ଭାବେ ବାଣ ବିକୁଛନ୍ତି। ଏଥିପ୍ରତି ସବୁବର୍ଗର ଲୋକେ ସଚେତନ ହେବା ନିହାତି ଜରୁରୀ।

ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଡା. ଉମାକାନ୍ତ ଶତପଥୀ କହିଛନ୍ତି, ବାୟୁ ପ୍ରଦୂଷଣ ଅଧିକ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଚର୍ମରୋଗଠାରୁ ଆରମ୍ଭ କରି ଶ୍ରବଣଶକ୍ତି ହ୍ରାସ ପାଇଥାଏ। ୮୫ ଡେସିବଲରୁ ଅଧିକ ବାୟୁ ପ୍ରଦୂଷଣ ହେଲେ ଶ୍ରବଣଶକ୍ତି ଉପରେ ଗୁରୁତର ପ୍ରଭାବ ପଡ଼େ। ଆଜମା, ବ୍ରୋଙ୍କାଇଟସ୍ ଭଳି ରୋଗ ଦେଖାଦେଇଥାଏ। ଲୋକେ ସତର୍କ ନହେଲେ ସମସ୍ୟା ହିଁ ସମସ୍ୟା ଦେଖାଦିଏ ବୋଲି ଡା. ଶତପଥୀ କହିଛନ୍ତି।

ଦୀପାବଳି ରାତିରେ ହିମାଚଳ ପ୍ରଦେଶର ଶିମ୍‌ଲା ସମେତ ବିଭିନ୍ନ ସହରରେ ବାଣ ଫୁଟାବେଳେ ଅନେକ ଦୋକାନ ଜଳିଯାଇଛି। ଶିମ୍‌ଲାରେ ବହୁ କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। ସୋମବାର ରାତିରୁ ଅଦ୍ୟାବଧି ୪୭ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କୁଲ୍ଲୁ ଜିଲାର ଏକ ବହୁତଳ ବିଶିଷ୍ଟ ହୋଟେଲ ଜଳିଯାଇଛି। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ବାଣ ଫୁଟାଇବା ବେଳେ ଛିଣ୍ଡିଲା ଯୁବକଙ୍କ ହାତ ପାପୁଲି

**ସୋର,୨୧।୧୦(ଜନ୍ମେଜୟ ମିଶ୍ର)**

ଦୀପାବଳିରେ ବାଣ ଫୁଟାଇବା ବେଳେ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ଜଣ ନାବାଳକଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬)। ବାବୁ ସୋମବାର ସନ୍ଧ୍ୟାରେ ଚାଇନା ବାଣ ଫୁଟାଉଥିବା ବେଳେ ହଠାତ୍ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟିଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ, ସୋମେଶ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ବାଣଫୁଟି ୬୦ରୁ ଊର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)**

ଦୀପାବଳି ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟିଛି। ବାଣ ଫୁଟି ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନ ୨ଟାରୁ ରାତି ୧୦ଟା ୩୦ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୬୨ ଜଣ ଆହତ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ଆହତଙ୍କ ସଂଖ୍ୟା ବଢ଼ିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅପରପକ୍ଷରେ ବାଣ ଫୁଟାଇବାକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମୟ କଟକଣା ଜାରି କରାଯାଇଥିବା ସତ୍ତ୍ୱେ ଲୋକେ ଏହାକୁ ମାନି ନ ଥିଲେ। ସନ୍ଧ୍ୟା ୭ଟାରୁ ରାତି ୯ ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ପୋଲିସ ଅନୁମତି ଦେଇଥିଲା। ନିର୍ଦ୍ଦେଶନାମା ନ ମାନି ରାତି ୯ଟା ପରେ ବାଣ ଫୁଟାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ୍ ପୋଲିସ ଚେତାବନୀ ଦେଇଥିଲା। ହେଲେ ଲୋକେ ଏହି ନିୟମକୁ ମାନି ନ ଥିଲେ। ସନ୍ଧ୍ୟା ହେବା ମାତ୍ରେ ବିଭିନ୍ନ ସ୍ଥାନରେ ବାଣ ଫୁଟା ଆରମ୍ଭ ହୋଇଯାଇଥିଲା। ଏପରିକି ରାତି ୯ଟା ପରେ ବାଣଫୁଟା ବନ୍ଦ ହୋଇ ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅମାନିଆମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ବାଣ ଫୁଟା ଯୋଗୁ ରାଜଧାନୀର ପରିବେଶ ବିଗିଡ଼ି ଯାଇଥିଲା। ବାଣ ଧୂଆଁରେ ପରିବେଶ ଆଚ୍ଛାଦିତ ହୋଇଯାଇଥିଲା। ରାସ୍ତାରେ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡ଼ିଥିଲା।

## କଫ୍ ସିରପ୍ ମୃତ୍ୟୁ...

ଔଷଧରେ ଡାଇ-ଇଥାଇଲିନ୍ ଏବଂ ଇଥାଇଲିନ୍ ଗ୍ଲାଇକୋଲ ଭଳି ପ୍ରଦୂଷିତ ଉପାଦାନ ରହିଛି ନାହିଁ, ତାହାର ପରୀକ୍ଷା କରିବା ବ୍ୟବସ୍ଥା ରହିଛି। କିନ୍ତୁ ଘରୋଇ ବଜାରରେ ସିରପ୍ ବିକ୍ରି ପାଇଁ ସେଭଳି କୌଣସି ନିୟମାବଳୀ ନାହିଁ। ଏହା ନିୟାମକ ବ୍ୟବଧାନ ବୋଲି ଡବ୍ଲ୍ୟୁଏଚ୍‌ଓ ସତର୍କ କରାଇଛନ୍ତି। ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ ଔଷଧଗୁଡ଼ିକ ସହ ସମ୍ପୃକ୍ତ ଘଟଣାରେ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଡବ୍ଲ୍ୟୁଏଚ୍‌ଓ ଟିମ୍ ଏଥିରେ ଅଗ୍ରଣୀ ଭୂମିକା ନେଇଥିବା କୁଓ୍ୱାନା କହିଛନ୍ତି। ତେବେ ଆହୁରି ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। ଅନେକ ହଜାର ଉତ୍ପାଦନକାରୀଙ୍କୁ ନେଇ ଏହା ଏକ ବିଶାଳ ବଜାର ହୋଇଥିବାରୁ ଅନେକ ରାଜ୍ୟକୁ ଏଥିରେ ଡିଲ୍ କରିବାକୁ ହେବ।

କମ୍ପାନୀଗୁଡ଼ିକ ବର୍ଷେ ସୁଦ୍ଧା ସେମାନଙ୍କ କାରଖାନାଗୁଡ଼ିକୁ ଅନ୍ତର୍ଜାତୀୟ ଗୁଣବତ୍ତାରେ ଉନ୍ନତ କରିବା ପରେ ରପ୍ତାନି ନିୟମାବଳୀକୁ ରଦ୍ଦ କରିବାକୁ ଭାରତ ଯୋଜନା ରଖିଥିବା ଗତ ସପ୍ତାହରେ ରଏଟର୍ସ ପ୍ରକାଶ କରିଥିଲା। ଅନୁରୋଧ ସତ୍ତ୍ୱେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଯୋଜନା ଉପରେ ମନ୍ତବ୍ୟ ଦେବା ନିମନ୍ତେ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ସ୍ରେସାନ ଫାର୍ମାର ପ୍ରତିନିଧିମାନେ କୌଣସି ଜବାବ ରଖି ନ ଥିଲେ। ଔଷଧ ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ସମସ୍ତ ପଦକ୍ଷେପକୁ ଏଜେନ୍ସି ସ୍ୱାଗତ କରିଥିବା ଡବ୍ଲ୍ୟୁଏଚ୍‌ଓ ମୁଖପାତ୍ର କହିଛନ୍ତି। ତେବେ ରପ୍ତାନି ପରୀକ୍ଷା କରା ନ ଯିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କେବଳ ଶେଷରେ ନୁହେଁ, ଉତ୍ପାଦନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଞ୍ଚାମାଲ ସମେତ ଔଷଧକୁ ପରୀକ୍ଷା କରାଯିବା ଆବଶ୍ୟକ। ଆଇନ ଅନୁଯାୟୀ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କଞ୍ଚାମାଲ୍‌ର ପ୍ରତ୍ୟେକ ବ୍ୟାଚ୍ ଏବଂ ଚୂଡ଼ାନ୍ତ ଉତ୍ପାଦର ନିଶ୍ଚୟ ପରୀକ୍ଷା କରିବାକୁ ହେବ। ତେବେ କେତେକ କମ୍ପାନୀ ତାହା କରୁ ନ ଥିବା ସିଡିଏସ୍‌ସିଓ କହିଛନ୍ତି। ପଡ଼ୋଶୀ ପାକିସ୍ତାନ ବିଷାକ୍ତ ଉପାଦାନଗୁଡ଼ିକର ପରୀକ୍ଷା ପାଇଁ ଡବ୍ଲ୍ୟୁଏଚ୍‌ଓରୁ ତାଲିମ ନେବା ସହ ଏକ ନୂଆ ଓ ଶସ୍ତା ପରୀକ୍ଷାର ବିକାଶ କରିଛି। ଭାରତର ପ୍ରତିନିଧି ଯୋଗଦେଇ ନ ଥିଲେ କିନ୍ତୁ ଏହି ପଦ୍ଧତି ବ୍ୟବହାର କରୁଥିବା ଡବ୍ଲ୍ୟୁଏଚ୍‌ଓକୁ ନିଶ୍ଚିତ କରାଇଥିଲେ ବୋଲି କୁଓ୍ୱାନା କହିଛନ୍ତି। ପୂର୍ବ ଘଟଣାରେ କେହି ଉତ୍ତରଦାୟୀ ନ ରହିବା ଅତ୍ୟନ୍ତ ଦୁଃଖଦାୟକ। ବିଦେଶରେ ଔଷଧ ଖାଇ ପିଲାଙ୍କ ମୃତ୍ୟୁ ସତ୍ତ୍ୱେ ଭାରତରେ କେହି ଜେଲ ଯାଇଥିବାର ରେକର୍ଡ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ ଅଧିକାରୀ କହିଛନ୍ତି। ଏହା ନକଲି ଜୋତା ବିକିବା ଭଳି ନୁହେଁ, ଏହା ଏକ ନୈତିକ ପ୍ରସଙ୍ଗ। ଯଦି ଆପଣମାନେ ନିୟମାବଳୀ ଅନୁପାଳନ ନ କରନ୍ତି, ତେବେ ତାହା ଅପରାଧ, କାରଣ ତାହାର ଭୟଙ୍କର ପରିଣାମ ରହିଥିବା କୁଓ୍ୱାନା କହିଛନ୍ତି।

## ୫ ଦିନ ଯାଏ...

ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଆଗାମୀ ୫ ରୁ ୭ ଦିନ ଧରି ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନର ସମ୍ଭାବନା ଥିବାବେଳେ ଏହି ସମୟରେ ଚାଷୀଙ୍କୁ ସାବଧାନତା ଅବଲମ୍ବନ ସହ ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ସହିତ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ୨୩ ତାରିଖରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୪, ୨୫ ଓ ୨୬ରେ ବର୍ଷା ବଢ଼ିବାର ସମ୍ଭାବନା ଥିବା ନେଇ ନିର୍ଦ୍ଦେଶିକା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିସହ ଚାଷୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଅନୁଗୋଳ ଜିଲା ଟିକରପଡ଼ାରେ ସର୍ବାଧିକ ୬୨.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖୋର୍ଦ୍ଧାର ଟାଙ୍ଗୀରେ ୫୫ମି.ମି., ନୟାଗଡ଼ ଜିଲା ଗଣିଆରେ ୪୭ ମି.ମି., କଟକ ବାଙ୍କୀରେ ୪୫ ମି.ମି., ନୟାଗଡ଼ ଜିଲା ଦଶପଲ୍ଲାରେ ୪୨.୮ ମି.ମି., ବଲାଙ୍ଗୀରରେ ୪୧.୩ ମି.ମି., କଟକରେ ୩୯.୮ ମି.ମି. ଏବଂ କଳାହାଣ୍ଡି ଜିଲା ନର୍ଲାରେ ୩୭ ମି.ମି ବର୍ଷା ହୋଇଛି।

## ସମ୍ଭାବ୍ୟ ବାତ୍ୟା, ଲଘୁଚାପଜନିତ ବର୍ଷା ପାଇଁ ପ୍ରଶାସନକୁ ସତର୍କ କରାଯାଇଛି: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)**

ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ କରାଯାଇଛି। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବଙ୍ଗୋପସାଗରରେ ୨ଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ୍ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବର୍ଷା ଅଧିକ ପରିମାଣରେ ହେବା ସମ୍ଭାବନା ଥିବାରୁ ସରକାର ଜିଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ପ୍ରଭାବ ଅଧିକ ହେଲେ ବି ତା'ର ମୁକାବିଲା କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସାନେ ତାକାଇଚି...

ଶୂନ୍ୟତାର ଅନ୍ତ ଘଟିଛି। ଜୁଲାଇରେ ଅନୁଷ୍ଠିତ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ପରାଜିତ ହେବା ପରେ ରାଜନୈତିକ ଶୂନ୍ୟତା ଓ ବିବାଦ ଲାଗି ରହିଥିଲା। ଇଶିବା ମାତ୍ର ଗୋଟିଏ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ଇସ୍ତଫା ଦେଇ ଉତ୍ତରାଧିକାରୀ ବାଛିବାର ପଥ ପରିଷ୍କାର କରିଦେଇଥିଲେ। ଓସାକାର ଜାପାନ ଇନୋଭେଶନ ପାର୍ଟି ସହ ଏଲ୍‌ଡିପି ମେଣ୍ଟ କରିବା ଫଳରେ ସାନେଙ୍କ ପ୍ରଧାନମନ୍ତ୍ରିତ୍ୱ ସୁନିଶ୍ଚିତ ହୋଇଥିଲା। କାରଣ ବିରୋଧୀ ଏକାଠି ହୋଇପାରି ନ ଥିଲେ। ୬୪ ବର୍ଷୀୟ କଠୋର ରକ୍ଷଣଶୀଳ ନେତ୍ରୀ ସାନେ ପୁରୁଷପ୍ରାଧାନ୍ୟ ବ୍ୟବସ୍ଥା ମଧ୍ୟରେ ଉପରକୁ ଉଠିବାରେ ଜଣେ ବିରଳ ମହିଳା। ସେହିପରି ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତୃତ୍ୱ ନେବାରେ ମଧ୍ୟ ସେ ପ୍ରଥମ ମହିଳା।

## ବୋହୂ ସ୍ୱୀକୃତି ଦାବିରେ...

ଶାଶୁଘର ଲୋକେ ବାହାର କରିଦେଲେ। ଏପରି କି ତାଙ୍କଠାରୁ ଦୂରେଇ ଦେବାକୁ ସ୍ୱାମୀଙ୍କୁ ରାଜ୍ୟ ବାହାରକୁ ପଠାଇ ଦେଲେ। ତେଣୁ ବୋହୂର ସ୍ୱୀକୃତି ଦାବି କରି ଗତମାସ ୨୬ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ ଗର୍ଭବତୀ ଯୁବତୀ। ଏଥିସହ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଥିଲେ ହେଁ ବୋହୂର ସ୍ୱୀକୃତି ମିଳିବା ପରିବର୍ତ୍ତେ ତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ଘଟିଥିବା ଏହି ଘଟଣା ଏବେ ଆଲୋଚନାର ବିଷୟ ହୋଇଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ବିବାହର ଦୀର୍ଘଦିନ ପରେ ମଧ୍ୟ ତାଙ୍କୁ ବୋହୂର ମାନ୍ୟତା ମିଳିନାହିଁ। ସ୍ୱାମୀଙ୍କ ସହ ସେ ଶାଶୁଘରକୁ ଆସିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଜାତିଭାଇ ଧରିବାର ଭୟ ଦେଖାଇ ରାତି ପ୍ରାୟ ୩ଟା ବେଳେ ତାଙ୍କୁ ବାହାର କରିଦିଆଗଲା। ସ୍ୱାମୀଙ୍କ ସହ ସେ ଗାଁର ସ୍କୁଲ ଘରେ ଆଶ୍ରୟ ନେଲେ। ଭୋର ସମୟରେ ସ୍ୱାମୀଙ୍କ ସମ୍ପର୍କୀୟମାନେ ତାଙ୍କଠାରୁ ସ୍ୱାମୀଙ୍କୁ ଅଲଗା କରି ରାଜ୍ୟ ବାହାରକୁ ପଠାଇ ଦେଲେ। ଏହାପରଠାରୁ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଅଛନ୍ତି। ସେପ୍ଟେମ୍ବର ୨୬ ତାରିଖରୁ ସେ ଶାଶୁଘରର ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ ନଂ. ୪୫୧/୨୫ରେ ମାମଲା ରୁଜୁ କରିବା ବ୍ୟତୀତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ତେଣୁ ବାଧ ହୋଇ ସେ ଗତ ୨ ତାରିଖରୁ ଶାଶୁଘର ବାରଣ୍ଡାରେ ଧାରଣା ଦେଇଛନ୍ତି। ଶାଶୁଘର ଲୋକେ ସେବେଠାରୁ ଘର ଛାଡ଼ି ଅନ୍ୟତ୍ର ପଳାଇଥିବା ବେଳେ ସେ ଏକା ରୋଷେଇଘର ବାରଣ୍ଡାରେ ରହୁଥିଲେ। ହେଲେ ମଙ୍ଗଳବାର ଭୋର୍ ୪ ଟାରେ ରୋଷେଇ ଘରେ ନିଆଁ ଲଗାଇ ଦିଆଯିବା ସହ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଶାଶୁଘର ଲୋକେ ପୂର୍ବରୁ ବାରମ୍ବାର ଧମକ ଦେଉଥିବାରୁ ସେମାନେ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଯୁବତୀ ଜଣକ କହିଛନ୍ତି। ଚିକିତ୍ସା ପରେ ସେ ଏ ନେଇ ଲିଖିତ ଅଭିଯୋଗ କରିବାକୁ ଚାହୁଥିଲେ ସୁଦ୍ଧା ତାଙ୍କ ଟଙ୍କା ଓ ଆସବାବପତ୍ର ପୋଡ଼ି ଯାଇଥିବାରୁ ସେ ଲିଖିତ ଅଭିଯୋଗ କରିପାରିନାହାନ୍ତି। ଫାଣ୍ଡି ଅଧିକାରୀ ମଧ୍ୟ ତାଙ୍କୁ ସହଯୋଗ କରୁ ନ ଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାଆନ୍ଦା ଫାଣ୍ଡି ଅଧିକାରୀ ପଟ୍ଟନାୟକ କହିଛନ୍ତି, ଯୁବତୀଙ୍କୁ ମେଡିକାଲ ପଠାଇ ଦିଆଯାଇଥିଲା। ପରେ ସେ କୁଆଡେ ଗଲେ ଜାଣିନାହିଁ।

## ବୋନସ୍ ପାଇଲେନି...


କରୁଥିଲେ ମଧ୍ୟ କମ୍ପାନୀ ସେମାନଙ୍କୁ ଠିକ୍ ସମୟରେ ଦରମା ଦେଉନାହିଁ। ଛଟେଇ ନେଇ କମ୍ପାନୀ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ସୋମବାର ୧୦ ଘଣ୍ଟା ଧରି ଟୋଲ୍ କର୍ମଚାରୀମାନଙ୍କ ଧାରଣା ଜାରି ରହିଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୀପାବଳି ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଏବଂ ତୁରନ୍ତ ୧୦% ଦରମା ବୃଦ୍ଧିର ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

| ଉଷୁନା ଧାନ କି ଗଜା ହୋଇବ ରାମ ରାଇଜ କି ସତେ ଫେରିବ ? | ଉତ୍ତରରେ କଳା ପୂର୍ବେ ନଳା ଦକ୍ଷିଣେ ଜଳା ପଶ୍ଚିମେ ଖଳା । |
|---|---|
| ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଶାସନ ପ୍ରଣାଳୀ ଖୁବ୍ ଆଦର୍ଶ ହୋଇପାରିଥିଲା। ଉଷୁନା ଧାନ ଯେପରି ଗଜା ହେବା ଅସମ୍ଭବ ବର୍ତ୍ତମାନ ଶାସନ ପ୍ରଣାଳୀ ଶ୍ରୀରାମଙ୍କ ଭଳି ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। | ଉତ୍ତରରେ ହାଣ୍ଡିଶାଳ ଓ ପୂର୍ବପଟେ ନଳା ରଖିବା ଭଲ ହୋଇଥାଏ। ସେହିପରି ଦକ୍ଷିଣପଟରେ ଝରକା ଏବଂ ପଶ୍ଚିମ ଦିଗରେ ଖଳା ରଖିବା ଶୁଭପ୍ରଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି। |

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ ହେଲା ମାମଲା

**ସେକ୍ସ ର୍ୟାକେଟରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣା**

- ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ମାମଲାକୁ ତଦାରଖ କରିବେ
- ତଦନ୍ତରେ ସହଯୋଗ କରିବେ ୪ ମହିଳା ଡିଏସ୍‌ପି

ଭୁବନେଶ୍ୱର,୨୧।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସେକ୍ସ ର୍ୟାକେଟରେ ଫସିଥିବା ଝାଡ଼ଖଣ୍ଡ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ନେଇ ଛାନ୍‌ଭିନ ଚଳାଇଛି। ଏହି ଘଟଣାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିବାକୁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ପୋଲିସ ସହ ଓଡ଼ିଶା ପୋଲିସ ଯୋଗାଯୋଗରେ ରହିବ। କ୍ରାଇମ୍‌ବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା(ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ପକ୍ଷରୁ ଏହି ଘଟଣାର ତଦନ୍ତ କରାଯିବ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ରାଜ୍ୟ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବୁଧବାରଠାରୁ ବିଧିବଦ୍ଧ ଭାବେ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିବ ବୋଲି ଜଣାପଡ଼ିଛି। ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ମାମଲାକୁ ତଦାରଖ କରିବେ। ଏଥିସହ ୪ଜଣ ମହିଳା ଡିଏସ୍‌ପି ମାମଲାର ତଦନ୍ତରେ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ୨ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲିଙ୍କୁ ଗିରଫ କରାଯାଇ ଜେଲ ପଠା ଯାଇଥିବାବେଳେ ଏମାନଙ୍କ ଲିଙ୍କ୍‌ରେ ଅଧିକ ଖୋଳତାଡ଼ କରାଯାଉଛି। ଏପରିକି ଅଭିଯୁକ୍ତଙ୍କ ପଛରେ ଅନ୍ୟ ଜଣେ ମାଷ୍ଟରମାଇଣ୍ଡ ଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରୁ ଏକ କାର୍ ଜବତ କରାଯାଇଥିବାବେଳେ ସେକ୍ସ ର୍ୟାକେଟ୍‌ରେ ନିୟୋଜିତ ଯୁବତୀମାନଙ୍କୁ ଏଥିରେ ଅନ୍ୟସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି ସୂଚନା ମିଳିଛି। ଏଥିସହ ଆଉ ଜଣେ ମହିଳାଙ୍କୁ ମଧ୍ୟ ପୋଲିସ ଖୋଜାଖୋଜି କରୁଛି। ସାଇଣ୍ଟିଫିକ୍ ଟିମ୍ ଆସିବା ପୂର୍ବରୁ ଉକ୍ତ ମହିଳା ଜଣକ ସେଠାରୁ ସ୍କୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ହୋହଲ୍ଲା ପରେ ସେ ଗାଡ଼ି ନେଇପାରି ନ ଥିଲେ। ମହିଳା ଜଣକ ମଞ୍ଜୁଙ୍କ ସହଯୋଗୀ ବୋଲି ପୋଲିସ ସନ୍ଦେହ କରୁଛି। ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ଗ୍ରାହକ ଅବିନାଶ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦଲାଲ ଦ୍ୱୟ ଅକ୍ଟୋବର ୧୬ ସନ୍ଧ୍ୟାରେ ଏକ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ଦଲାଲଙ୍କ ଠିକଣା କହିଥିଲେ। ଏହାପରେ କ୍ୟାପିଟାଲ ଥାନା ପୋଲିସ ସେକ୍ସ ର୍ୟାକେଟ୍ ଚାଲିଥିବା ଲକ୍ଷ୍ମୀସାଗର ଫ୍ଲାଟ ନଂ. ଇବି ୩୨୪ସ୍ଥିତ ଘର (ଯାଜ୍ଞସେନୀ ନିବାସ)କୁ ଯାଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# କେନ୍ଦୁଝରରେ ସେକ୍ସ ର୍ୟାକେଟ୍, ୬ ଗିରଫ



**୫ ଯୁବତୀ ଉଦ୍ଧାର**

କେନ୍ଦୁଝର,୨୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମସ୍ଥିତ ଏକ ୩ ମହଲା ଘରେ ପୋଲିସ ଚଢ଼ାଉକରି ସେକ୍ସ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ଯୁବତୀ ଉଦ୍ଧାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକାଣୀ ବନରାଣୀ ବାରିକ, ଯୋଡ଼ାର ଫିରୋଜ ଅହମଦ ଓ ମନୋଜ ବେହେରା, ସ୍ଥାନୀୟ ନରଣପୁର ଗ୍ରାମର ଅଭିଷେକ ବେହେରା, ଡୁରୁମୁଙ୍ଗାର ପଙ୍କଜ ନାୟକ ଓ ନାରାୟଣ ମହାପାତ୍ର। ଚଢ଼ାଉ ବେଳେ ଝାଡ଼ଖଣ୍ଡର ଜଣେ ଯୁବତୀ, ବାରିପଦାର ୨ଜଣ, ବାଲେଶ୍ୱରର ଜଣେ ଓ ଜଗତ୍‌ସିଂହପୁରର ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ସେଠାରୁ ଦୁଇଟି ବାଇକ୍, ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ ଓ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଆଦି ପୋଲିସ ଜବତ କରିଛି। ଉଦ୍ଧାର ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗିରଫ ବନରାଣୀ କିଛି ବର୍ଷ ତଳେ କେନ୍ଦୁଝର ସହରରେ ଏକ ଭଡ଼ାଘରେ ଅନୈତିକ କାମ କରୁଥିବା ନେଇ ଗିରଫ ହୋଇଥିଲେ। ସେ ବାହାର ଅଞ୍ଚଳର ଯୁବତୀମାନଙ୍କୁ ଆଣି କେନ୍ଦୁଝର ସହରରେ ରଖି ଏଭଳି ଅନୈତିକ କାମ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ସେ ଗୋବିନ୍ଦପୁରରେ ଏକ ୩ ମହଲା ଘର ତିଆରିକରି ଏଭଳି କାମ ଚଳାଇ ଆସୁଥିଲା ବେଳେ ପୁଣି ଥରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। କେନ୍ଦୁଝର ସହରର କେତେକ ସ୍ଥାନର ଘରେ ତଥା ହୋଟେଲଗୁଡ଼ିକରେ ମଧ୍ୟ ଏଭଳି ଅନୈତିକ କାର୍ଯ୍ୟକଳାପ ଚାଲିଥିବାରୁ ପୋଲିସ ଧରପଗଡ଼ କରିବାକୁ ଦାବି ହେଉଛି।

# ବୋମା ଫୁଟି ପୁଅ ମୃତ, ବାପା ଗୁରୁତର

**ଭାଇଙ୍କୁ ଆକ୍ରମଣ ଉଦ୍ୟମ ବେଳେ ଅଘଟଣ**

ପବିତ୍ରନଗର,୨୧।୧୦(ନିରୋଜ ପ୍ରଧାନ)

ଦୀପାବଳି ରାତିରେ ୨ ଭାଇଙ୍କ ଭିତରେ ଝଗଡ଼ା ବେଳେ ଘଟିଛି ଅଘଟଣ। ଜନ୍ତୁ ଶିକାର ପାଇଁ ଘରେ ଥିବା ବୋମା ଧରି ଭାଇଙ୍କୁ ଆକ୍ରମଣ ଉଦ୍ୟମ କରୁଥିବା ସମୟରେ ବୋମା ଫୁଟିଯିବାରୁ ଆକ୍ରମଣକାରୀ ଭାଇ ଗୁରୁତର ହୋଇଥିବା ବେଳେ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ସୋମବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଶିପୁର ଗ୍ରାମର ସରୋଜ ପ୍ରଧାନ (୨୬ ବର୍ଷ) ଓ ଗୁରୁତର ହେଉଛନ୍ତି ପ୍ରମୋଦ ପ୍ରଧାନ(୫୫ ବର୍ଷ)।

ସୂଚନା ଅନୁଯାୟୀ, ସମଲ ଥାନା ଶିପୁର ଗ୍ରାମର ପ୍ରମୋଦ ଓ ତ୍ରିନାଥ ହେଉଛନ୍ତି ୨ ଭାଇ। ରାତି ପ୍ରାୟ ୯ଟା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ପ୍ରମୋଦ ଘରେ ରଖିଥିବା ବୋମା ଧରି ତ୍ରିନାଥଙ୍କୁ ଆକ୍ରମଣ ପାଇଁ ଗୋଡ଼ାଉଥିଲେ। ଏହି ସମୟରେ ପ୍ରମୋଦଙ୍କ ପୁଅ ସରୋଜ ଆସି ବାପାଙ୍କୁ ଅଟକାଇଥିଲେ। ଏତିକିବେଳେ ପ୍ରମୋଦ ଧରିଥିବା ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ବାପପୁଅ ଗୁରୁତର ହୋଇଥିଲେ। ପରିବାର ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଖମାର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରମୋଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ସମଲ ଆଇଆଇସି ଅରୁଣ କୁମାର ଖିଲାର କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଲଲହଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି।

# ଆଉ ଜଣେ ରାଜନେତାଙ୍କୁ ଉଠାଇନେଲା ପୋଲିସ

**ପୀତବାସ ହତ୍ୟା ମାମଲା**

ବ୍ରହ୍ମପୁର,୨୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ସୋମବାର ବ୍ରହ୍ମପୁର ସହରର ଆଉ ଜଣେ ରାଜନେତାଙ୍କୁ ଉଠାଇନେଇ ପଚରାଉଚରା କରୁଛି। ଏହା ପୂର୍ବରୁ ୨ ଜଣ କର୍ପୋରେଟରଙ୍କୁ ନେଇ ଜେରା କରିଥିଲା। ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ଜଣଙ୍କ ଏବେ ବି ଅଟକ ଅଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ଶେଷ ଲିଙ୍କ୍ ପର୍ଯ୍ୟନ୍ତ ପହଞ୍ଚି ସାରିଥିବା କୁହାଯାଉଛି। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଏହି ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର କହିଛନ୍ତି। ପୀତବାସଙ୍କୁ କିଏ ଓ କାହିଁକି ହତ୍ୟାକଲେ ସେ ବିଷୟରେ ବ୍ରହ୍ମପୁର ଏସ୍‌ପି ଶୀଘ୍ର ସୂଚନା ଦେବେ ବୋଲି ଆଇଜି କହିଛନ୍ତି। ପୀତବାସ ହତ୍ୟା ଘଟଣାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ପୂର୍ବରୁ ପୋଲିସ ବାଲି, ଜମି ଓ ବ୍ୟବସାୟିକ ଶତ୍ରୁତା ଦିଗରେ ତଦନ୍ତ କରିଥିଲା। ହେଲେ ଏହି ହତ୍ୟା ପଛରେ ରାଜନୈତିକ ଶତ୍ରୁତା ଲିଙ୍କ୍ ମିଳିବା ପରେ ପୋଲିସ ନିଜ ତଦନ୍ତର ଦିଗ ବଦଳାଇ ଜଣକ ପରେ ଜଣେ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଠାଇ ନେଉଛି। ଅନ୍ୟପକ୍ଷରେ ପୀତବାସଙ୍କୁ ବାହାର ରାଜ୍ୟର ନୁହେଁ, ଦିଗପହଣ୍ଡି ଥାନା ଅଞ୍ଚଳର ୨ଜଣ ଯୁବକ ଗୁଳି କରିଥିବା କୁହାଯାଉଛି। ଏହା ଏକ ସୁଚିନ୍ତିତ ହତ୍ୟା। ଏହା ପଛରେ ବହୁ ପୁରୁଣା ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଓ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତି ରହିଥିବା ମଧ୍ୟ କୁହାଯାଉଛି। ପୀତବାସଙ୍କୁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ରକାରୀମାନେ ୨ମାସ ତଳୁ ଯୋଜନା କରିଥିଲେ। ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ସ୍ଥାନୀୟ ସୁପାରିକିଲରଙ୍କ ଦ୍ୱାରା ହତ୍ୟାକାଣ୍ଡ ଭିଆଇଥିଲେ। ପୋଲିସ କବ୍‌ଜାରେ ଥିବା ଜଣେ ପରିଚିତ ବ୍ୟକ୍ତି ଏହି ହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ତେବେ ହତ୍ୟା ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏ ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରି ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

No.F-

୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ
ଉପ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଇଁ
କଲ କରନ୍ତୁ
ଶ୍ରୀ ପ୍ରକାଶ ବିନ୍ଦୁ, ଭା.ପ୍ର.ସେ.
ସାଧାରଣ ପର୍ଯ୍ୟବେକ୍ଷକ
୯୦୭୮୭୫୨୪୫୨
ଶ୍ରୀ ବି.ଶଙ୍କର ଜୟସ୍ୱାଲ ଭା.ପୁ.ସେ. ଶ୍ରୀ ଅତୁଲ୍ ପାଣ୍ଡେ, ଭା.ରା.ସେ.
ପୋଲିସ ପର୍ଯ୍ୟବେକ୍ଷକ ୯୯୩୮୫୪୫୦୨୮
ଖର୍ଚ୍ଚ ପର୍ଯ୍ୟବେକ୍ଷକ ୭୦୭୭୮୩୬୪୨୮
କାର୍ଯ୍ୟାଳୟ ଠିକଣା
ସର୍କିଟ୍ ହାଉସ, ନୂଆପଡ଼ା
ସାକ୍ଷାତ ସମୟ: ସକାଳ ୧୧:୦୦ ରୁ ମଧ୍ୟାହ୍ନ ୧୨:୦୦
ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ନୂଆପଡ଼ା
OIPR-24432/11/0002/2526

**ରାଜ୍ୟ ଖବର**

# ଆଜି ଯାଞ୍ଚ ; ୨୪ରେ ପ୍ରତ୍ୟାହାର

- ନାମାଙ୍କନ କଲେ ୧୯ ଜଣ
- ମଇଦାନ ପାଇଁ ୧୧ ସ୍ୱାଧୀନ ପ୍ରାର୍ଥୀ

**ନୂଆପଡା ଉପନିର୍ବାଚନ**

ଭୁବନେଶ୍ୱର/ ନୂଆପଡ଼ା, ୨୧।୧୦
(ରବିନାରାୟଣ ଜେନା/ ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ତାହାକୁ ନେଇ ସେତିକି ରାଜନୈତିକ ଉଷ୍ମତା ବଢୁଛି। ୨୦ ତାରିଖ ସୁଦ୍ଧା ଲାଗି ୧୯ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ପ୍ରାର୍ଥିପତ୍ର ବୁଧବାର ଯାଞ୍ଚ କରାଯିବ। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ପ୍ରାର୍ଥିପତ୍ର ନାକଚ ହେବ ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅବଗତ କରାଯିବ। ଏହାପରେ ୨୪ତାରିଖକୁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରଖାଯାଇଛି। ତେବେ ଏହି ୧୯ ଜଣଙ୍କ ମଧ୍ୟରୁ କେତେଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଉଛନ୍ତି ତାହା ୨୪ରେ ସ୍ପଷ୍ଟ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ତଥ୍ୟ ଅନୁଯାୟୀ, ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜନତା ପାର୍ଟିର ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଘାସିରାମ ମାଝୀ ରହିଥିବାବେଳେ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ରହିଛନ୍ତି। ଏହାସହିତ ୧୧ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଶ୍ରୟ ମହାନନ୍ଦ, ଇଂ. ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ, ଭୁବନଲାଲ୍ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ୍, ଭକ୍ତବନ୍ଧୁ ଧରୁଆ, ନୀତା ବାଗ୍ ଏବଂ ଲକ୍ଷ୍ମୀକାନ୍ତ ତାଣ୍ଡି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅକ୍ଟୋବର ୨୪(ଶୁକ୍ରବାର) ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ନଭେମ୍ବର ୧୧ରେ ମତଦାନ ହେବାକୁ ରହିଛି।

# କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ଅଧିକ ଆପରାଧିକ ମାମଲା: ଭାଜପା

ନୂଆପଡ଼ା,୨୧।୧୦
(ମକାରୁ ବେମାଲ)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା ଭାରତୀୟ ଜନତା ପାର୍ଟି ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଜିଲା ସଭାପତି କମଳେଶ ଦୀକ୍ଷିତ ସୂଚନା ଦେଇ କହିଥିଲେ, ଜାତୀୟ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ନାମରେ ଅନେକ ଆପରାଧିକ ମାମଲା ରହିଛି। ସେ ତାଙ୍କର କିଛି ମାମଲାକୁ ଲୁଚାଇ ରିଟର୍ନିଂ ଅଧିକାରୀଙ୍କଠାରେ ଆଫିଡେଭିଟ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୧୯ ଆପରାଧିକ ମାମଲା ଆଫିଡେଭିଟରେ ଉଲ୍ଲେଖ କରି ରିଟର୍ନିଂ ଅଧିକାରୀଙ୍କଠାରେ ଦାଖଲ କରିଥିଲେ। ୨୦୨୫ ଉପନିର୍ବାଚନରେ ୭ ମାମଲା ଲୁଚାଇ ୧୨ ମାମଲା ରହିଛି ବୋଲି ଆଫିଡେଭିଟରେ ଉଲ୍ଲେଖ ରହିଛି। ଦୁଇଟି ମାମଲା କେସ୍ ନଂ.୧୦୧/୨୦୧୮ ଓ ୧୪୬/୨୦୨୨ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ଏହି ଦୁଇ ମାମଲାକୁ ପ୍ରାର୍ଥୀ ଆଫିଡେଭିଟରେ ଉଲ୍ଲେଖ କରିନାହାନ୍ତି। ଏପରି ମିଥ୍ୟା ତଥ୍ୟ ଦେଇ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ରଦ୍ଦ କରାଯାଉ ବୋଲି ଭାଜପା ଜିଲା ସଭାପତି ଦୀକ୍ଷିତ ଦାବି କରିଛନ୍ତି। ଏହାସହ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରିବେ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜାତୀୟ କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ପଚାରିବାରୁ ୨୦୨୪ରେ ୧୯ ମାମଲା ରହିଥିଲା ସତ। କିଛିମାସ ଭିତରେ ୭ ମାମଲାର ବିଚାର ହୋଇ ସମାଧାନ ହୋଇସାରିଛି। ତାଙ୍କ ନାମରେ ଯେତେ ମାମଲା ରହିଛି ଆଫିଡେଭିଟ କରି ରିଟର୍ନିଂ ଅଧିକାରୀଙ୍କଠାରେ ଦାଖଲ କରିଛନ୍ତି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବିଜେପୁର ବିଧାୟକ ସନତ ଗଡତିଆ, ଭଟ୍ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରିୟ ରଞ୍ଜନ ମେହେର, ଦଳର ଅଧିବକ୍ତା ପୁନମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାରେ ବିଏସ୍‌ଏଫ୍ ଯବାନ ମୃତ, ୬ ଗୁରୁତର

ମାଲକାନଗିରି,୨୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶର ଚିନ୍ତୁରଠାରେ କାର୍ ଦୁର୍ଘଟଣାରେ ଜଣେ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଯବାନ ହେଲେ ମାଲକାନଗିରି ଜିଲା ବାଲିମେଳା ୧୪୨ ବାଟାଲିୟନରେ କାର୍ଯ୍ୟରତ ବିଏସ୍‌ଏଫ୍ ଯବାନ ଗୌରବ ପାଣ୍ଡେ। ଯବାନମାନେ ଛୁଟିରେ ଯାଇ ସୋମବାର ରାତିରେ କାର୍ ଯୋଗେ ଡ୍ୟୁଟିକୁ ଫେରିବା ସମୟରେ ଚିନ୍ତୁର ନିକଟରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଚିନ୍ତୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଆହତଙ୍କୁ ଚିନ୍ତୁର ଓ ଖମାମ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିନ୍ତୁର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।




# 'ସିଦ୍ଧାନ୍ତର ପୁନର୍ବିଚାର କରୁ ଇସ୍କନ'

**ଅଦିନିଆ ରଥଯାତ୍ରା ନେଇ ଗଜପତି ମହାରାଜା ଚିଠି ଲେଖିଲେ**

ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)

ଓଡ଼ିଶା ସଂସ୍କୃତିର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରମ୍ପରାକୁ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଅଣଦେଖା କରୁଛନ୍ତି। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଗଭୀର ଆଘାତ ଦେଉଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏନେଇ ପୂର୍ବରୁ ଅନେକ ଥର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏହାସତ୍ତ୍ୱେ ଇସ୍କନ ବାରମ୍ବାର ଅଦିନରେ ରଥଯାତ୍ରା ଆୟୋଜନ କରୁଛି। ଇସ୍କନର ଏଭଳି ପଦକ୍ଷେପ ନେଇ ପୁରୀ ଗଜପତି ମହାରାଜା ମଙ୍ଗଳବାର ଇସ୍କନ ଗଭର୍ନିଂ ବଡି କମିଶନ (ଜିବିସି) ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ପୁନର୍ବାର ଚିଠି ଲେଖିଛନ୍ତି।

ଚିଠିରେ ଉଲ୍ଲେଖ, ହୋଇଛି ଯେ, ଇସ୍କନ କର୍ତ୍ତୃପକ୍ଷ ସିଦ୍ଧାନ୍ତର ପୁନଃ ବିଚାର କରନ୍ତୁ। ସମସ୍ତ ଦେଶରେ ଇସ୍କନ ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ୯ଦିନ ମଧ୍ୟରେ ରଥଯାତ୍ରା କରୁ। ଇସ୍କନକୁ ଗଜପତିଙ୍କ ଚିଠିନେଇ ଗଜପତି ମହାରାଜାଙ୍କ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା ମଙ୍ଗଳବାର ଗଣମାଧ୍ୟମକୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ। -ଶ୍ରୀମା

-ଗୋବର୍ଦ୍ଧନ ପୂଜା



# ନିଶାମୁକ୍ତ କେନ୍ଦ୍ର

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ସମୟ ଅନ୍ତରରେ ଖବର ଶୁଣିବାକୁ ମିଳେ ଡି-ଆଡିକ୍‌ଶନ ସେଣ୍ଟର ବା ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏ କ୍ଷେତ୍ରରେ ଘରଲୋକ ଅଭିଯୋଗ କରିଥାଆନ୍ତି ସେମାନଙ୍କ ପିଲାଙ୍କୁ ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀ ମାରି ଦେଇଛନ୍ତି। କେତେକେ ଏଭଳି ମୃତ୍ୟୁକୁ ରହସ୍ୟଜନକ ବୋଲି ଆଖ୍ୟା ଦେଇ ତଦନ୍ତ ଦାବି କରିଥାଆନ୍ତି। ସଦ୍ୟ ଘଟଣାକୁ ଦେଖିଲେ କଟକ ସଦର ଥାନା ଅନ୍ତର୍ଗତ ଉତ୍ତମପୁରରେ ଥିବା ଏକ ନିଶା ମୁକ୍ତ କେନ୍ଦ୍ରରେ ଜଟଣୀ ଅଞ୍ଚଳର ଜଣେ ଯୁବକ ଭର୍ତ୍ତି ହୋଇଥିଲେ। ଇଞ୍ଜିନିୟରିଂ ଡିଗ୍ରୀ ଅର୍ଜନ କରି ସେ ମୁମ୍ବାଇରେ ଚାକିରି କରୁଥିଲେ। ନିଶାରେ ବୁଡ଼ି ରହିବାରୁ ଘର ଲୋକେ ତାଙ୍କୁ ଆଣି ସମ୍ପୃକ୍ତ କେନ୍ଦ୍ରରେ ରଖିଥିଲେ। ଆଶା ଥିଲା ସେ ନିଶା ଦୁନିଆରୁ ଫେରିଆସି ସ୍ୱାଭାବିକ ଜୀବନଯାପନ କରିବେ। ହେଲେ ତାଙ୍କ ମୃତ୍ୟୁରେ ପରିବାର ଲୋକଙ୍କ ସବୁ ପରିଶ୍ରମ ଓ ଅର୍ଥ ବୃଥା ହୋଇଗଲା। ଗତ ୪ ସେପ୍ଟେମ୍ବରରେ ଭୁବନେଶ୍ୱର ଭରତପୁର ପୋଲିସ ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। କେବଳ ଦୁଇଟି ସ୍ଥାନର ଦୃଷ୍ଟାନ୍ତ ଦିଆଗଲା। ତାଲିକା ପ୍ରସ୍ତୁତ କଲେ ଲମ୍ବି ଚାଲିବ।

ଏଭଳି କ୍ଷେତ୍ରରେ ବାସ୍ତବ ସ୍ଥିତି ଗୋଟିଏ ଘଟଣାରୁ ଆଉ ଗୋଟିଏ ଅଲଗା ଥାଏ। ଶୁଣିବାକୁ ମିଳେ ନିଶା କରି ନ ପାରି ବା ନିଶାଦ୍ରବ୍ୟ ନ ପାଇ କିଛି ଆତ୍ମହତ୍ୟା କରିଦିଅନ୍ତି। କେତେକ ଜାଗାରେ ନିଶାଗ୍ରସ୍ତଙ୍କ ଦୌରାତ୍ମ୍ୟ ଏତେ ବଢ଼ିଯାଏ ଯେ, ନିଶା ମୁକ୍ତ କେନ୍ଦ୍ରର କର୍ମଚାରୀମାନେ ମାଡ଼ ମାରି ନିଶା ଛଡ଼ାଇବାର ଉଦ୍ୟମ କରିଥାଆନ୍ତି। ବାଡ଼ଉ ବାଡ଼ଉ ଅଜାଗାରେ ମାଡ଼ ବସିଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରାଣବାୟୁ ଉଡ଼ିଯାଏ। ଏଭଳି ଘଟଣା କାହିଁକି ଘଟୁଛି ତାହାର ତଦନ୍ତ ହେଉଥିଲେ ହେଁ ମୂଳକୁ ଯାଇ ସେସବୁର ଗଭୀର ଅନୁଧ୍ୟାନ କରାଯାଉ ନ ଥିବାରୁ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ସାଧାରଣତଃ ଏଭଳି କେନ୍ଦ୍ରଗୁଡ଼ିକର ନିୟମିତ ଯାଞ୍ଚ ହୋଇ ନ ଥାଏ। ନିଶା ଛଡ଼ାଉଛନ୍ତି କହି ବାହ୍ୟ ଅନୁଦାନ ପାଇବା ସହ ନିଶାରେ ବୁଡ଼ି ହୋଇଥିବା ବ୍ୟକ୍ତିଙ୍କୁ ଠିକ୍ ରାସ୍ତାକୁ ଆଣିବା ନାମରେ ନିଶା ନିବାରଣ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ପରିବାରବର୍ଗଙ୍କଠାରୁ ମଧ୍ୟ ଭଲ ରକମର ଅର୍ଥ ନିଆଯାଇଥାଏ। ଯେହେତୁ ଅର୍ଥ ନେଇଛନ୍ତି ପରିବାର ଲୋକଙ୍କୁ ତୁରନ୍ତ ଫଳ ଦେବା ଲକ୍ଷ୍ୟରେ ନିଶାଗ୍ରସ୍ତଙ୍କ ଉପରେ ମାନସିକ ଓ ଶାରୀରିକ ଚାପ ପକାଇଥାଆନ୍ତି। ମନେରଖିବାକୁ ହେବ ଯେ, ଦୀର୍ଘ ସମୟ ଧରି ନିଶାସକ୍ତ ଥିବା ବ୍ୟକ୍ତିଙ୍କୁ ରାତାରାତି ବଦଳାଇ ଦେବା ଅସମ୍ଭବ। ସେଥିପାଇଁ ସେମାନଙ୍କୁ କାଉନ୍‌ସେଲିଂ ବା ପରାମର୍ଶ ଦେବା ସହ ସେମାନଙ୍କ ମନର କଥା ବୁଝିବା ଦରକାର। ତେଣୁ କାଉନ୍‌ସେଲିଂ ଦେଉଥିବା ବ୍ୟକ୍ତି ଜଣେ ବିଶେଷଜ୍ଞ ହେବା ସହିତ ଧୈର୍ଯ୍ୟବାନ୍ ହୋଇଥିବା ବାଞ୍ଛନୀୟ। ପ୍ରତି ନିଶା ନିବାରଣ କେନ୍ଦ୍ରରେ ସେଭଳି ଲୋକ ଅଛନ୍ତି କି ନାହିଁ, ତାହାକୁ ଭଲ ଭାବେ ଜାଣିବା ପରେ ପରିବାରବର୍ଗ ସେମାନଙ୍କ ଆତ୍ମୀୟଙ୍କୁ ସେଠାକୁ ପଠାଇବା ଦରକାର। ନିଶା ମୁକ୍ତ କେନ୍ଦ୍ର ଲେଖାଥିବା ଦେଖି ବା ଅନ୍ୟ କାହାଠାରୁ ଶୁଣି ଯେଉଁଠି ପାରେ ସେଇଠିକୁ ନିଶାଗ୍ରସ୍ତଙ୍କୁ ପଠାଇ ଦିଆଯାଉଥିବାରୁ ସ୍ଥିତି ସୁଧୁରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏଠି ଗୋଟେ କଥା କୁହାଯାଇପାରେ ଯେ, କାଉନ୍‌ସେଲିଂ ଦେଉଥିବା ବ୍ୟକ୍ତି କେତେ ଅଭିଜ୍ଞ ଓ ସେ ପାଉଥିବା ଅର୍ଥରାଶି ଉପରେ ମଧ୍ୟ ତାଙ୍କ ପରାମର୍ଶର ପରିମାଣ ନିର୍ଭର କରିଥାଏ। କୁହାଯାଉଥିବ ଅଭିଜ୍ଞ ପରାମର୍ଶଦାତା, ମାତ୍ର ସ୍ୱଳ୍ପ ବେତନ ପାଉଥିବେ। ସେମିତି ହେଲେ ଚଳିବନି। ବିଧିବଦ୍ଧ ଭାବେ ଗଢ଼ି ଉଠିଥିବା ନିଶାମୁକ୍ତ କେନ୍ଦ୍ରଗୁଡ଼ିକ ଉତ୍ତମ ଧରଣର ବିଶେଷଜ୍ଞଙ୍କୁ ରଖିବାର ସମୟ ଆସିଲାଣି। ଯାହିତାହିଙ୍କୁ ରଖି ଦେଇ ଶାରୀରିକ ଦଣ୍ଡ ମାଧ୍ୟମରେ ନିଶା ଛଡ଼େଇ ଦେବା କଦାପି ସମ୍ଭବ ନୁହେଁ। ଅନ୍ୟପଟେ ନିଶା ଛଡ଼ାଇବାର ଏହିଭଳି ଅଧିକାଂଶ କେନ୍ଦ୍ର ଘରୋଇ ବା ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ଏହି କେନ୍ଦ୍ରଗୁଡ଼ିକ ଲୁକ୍କାୟିତ, କିନ୍ତୁ ଲାଭଦାୟକ ବ୍ୟବସାୟରେ ପରିଣତ ହେଲେଣି। ସରକାରଙ୍କ ସମେତ ଅନେକ ବିଦେଶୀ ସଂସ୍ଥା ଏହି କେନ୍ଦ୍ରଗୁଡ଼ିକୁ ବିପୁଳ ଅର୍ଥ ଯୋଗାଉଛନ୍ତି। ଏହାର ମାଲିକମାନେ କୌଣସି ଭାବେ ବିଜ୍ଞାପନ ଦେଇ ଲୋକଲୋଚନକୁ ଆସିବାକୁ ଚାହିଁ ନ ଥାଆନ୍ତି। ସେମାନେ ଅଜଣା, ଅଚିହ୍ନା ହୋଇ କାର୍ଯ୍ୟ କରି ଲାଭ ଉଠାଇବାକୁ ପସନ୍ଦ କରିଥାଆନ୍ତି। ଏହି ଲୁଚାଛପା ପଥରେ ଯଦି କେଉଁ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଲା, ତେବେ ସେମାନେ ଲୋକଲୋଚନକୁ ଆସନ୍ତି ଓ ସେମାନଙ୍କ ସମସ୍ୟା ବଢ଼େ। ଏଭଳି ସଂସ୍ଥାଗୁଡ଼ିକ ମୂଲ୍ୟବୋଧ ବୁଝି କାଉନ୍‌ସିଲର ନିଯୁକ୍ତ କରୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଡି-ଆଡିକ୍‌ଶନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେନ୍ଦେରେଇ ଦିଆଯାଉଛି।

ଡି-ଆଡିକ୍‌ଶନ ସେଣ୍ଟରରେ ପରିବାରର କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପୂର୍ବରୁ ନିକଟ ସମ୍ପର୍କୀୟମାନେ ସଂସ୍ଥାର ମାନ, ମାଲିକ ଓ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଦରକାର। ଆଜିର ସ୍ଥିତିରେ ସେହିସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଣସ୍ୱୀକୃତିପ୍ରାପ୍ତ ନିଶା ମୁକ୍ତ କେନ୍ଦ୍ର ସହରଠାରୁ ଉପସହରଗୁଡ଼ିକରେ ବଢ଼ିବାରେ ଲାଗିଛି। ଯେଉଁଠାରେ ମୃତ୍ୟୁ ଅଭିଯୋଗ ହେଉଛି ସେହିଠାରେ ସ୍ଥିତିକୁ ଗେନ୍ଦେରେଇ ଦିଆଯାଉଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| 3 | | | | | 8 | | 2 | |
| 1 | | | | 2 | | | 4 | 8 |
| | 2 | | | | 5 | 9 | | |
| 5 | | | | | 4 | 7 | 8 | |
| 4 | | | | 6 | 9 | | 5 | |
| 2 | | | | | | 3 | | |
| | | 5 | 1 | | | | | |
| 8 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 5 | 7 | 8 | 2 | 3 | 9 | 4 |
| 8 | 3 | 2 | 4 | 5 | 9 | 7 | 1 | 6 |
| 9 | 4 | 7 | 6 | 1 | 3 | 2 | 8 | 5 |
| 3 | 2 | 6 | 8 | 9 | 4 | 5 | 7 | 1 |
| 4 | 5 | 1 | 2 | 7 | 6 | 9 | 3 | 8 |
| 7 | 9 | 8 | 1 | 3 | 5 | 4 | 6 | 2 |
| 5 | 7 | 4 | 3 | 6 | 8 | 1 | 2 | 9 |
| 6 | 1 | 9 | 5 | 2 | 7 | 8 | 4 | 3 |
| 2 | 8 | 3 | 9 | 4 | 1 | 6 | 5 | 7 |

ଗତ ସଂସ୍କରଣର ଉତ୍ତର

# ଜନସଂଖ୍ୟା ଏବଂ ଖାଦ୍ୟାଭାବ



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ଜନସଂଖ୍ୟା ୮୨୩ କୋଟିରେ ପହଞ୍ଚି ଗଲାଣି। ଜନସଂଖ୍ୟା ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟପେୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶର ସନ୍ତୁଳନ, ଶୃଙ୍ଖଳିତ ଜୀବନଯାପନ ତଥା ଉତ୍ତମ ଶାସନ ଉପରେ ଏବେ ଧ୍ୟାନ ଦେବାର ସମୟ ଉପନୀତ। ଅନ୍ୟଥା ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିବ। ଅଳ୍ପେ ବହୁତେ ସବୁ ଦେଶ ଉପରେ ଏହାର ଅନେକ ପ୍ରଭାବ ପଡ଼ିପାରେ। ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଦ୍ରୁତ ଗତିରେ ବଢ଼ୁଥିବା ଜନସଂଖ୍ୟା ପୃଥିବୀ ପାଇଁ ଆହ୍ୱାନ ହୋଇଛି। ଏକଶହ କୋଟି ଜନସଂଖ୍ୟାରୁ ଦୁଇଶହ କୋଟି ଜନସଂଖ୍ୟାରେ ପହଞ୍ଚିବାକୁ ଯେତେବେଳେ ୧୨୫ ବର୍ଷ ଲାଗିଥିଲା ସେହି ସଂଖ୍ୟା ଏବଂ ଅନୁପାତ ବର୍ତ୍ତମାନ ୭୦୦ କୋଟି ଜନସଂଖ୍ୟାରୁ ୮୦୦ କୋଟି ଜନସଂଖ୍ୟା ହେବାକୁ ମାତ୍ର ୧୨ ବର୍ଷ ଲାଗିଲା। ଏହି ଗତିରେ ଯଦି ଜନସଂଖ୍ୟା ବଢିଚାଲେ ତେବେ ୨୦୩୦ ସୁଦ୍ଧା ଏହା ୮୫୦ କୋଟି ଛୁଇଁବ ୨୦୫୦ ବେଳକୁ ୯୭୦ କୋଟିରେ ଏବଂ ୨୦୮୦ ବେଳକୁ ୧୦୦୦ କୋଟି, ୨୧୦୦ ମସିହା ବେଳକୁ ୧୦୪୦ କୋଟି ଜନସଂଖ୍ୟା ହୋଇଯିବ। ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଏହି ଜନସଂଖ୍ୟା ବିସ୍ଫୋରଣର ମୁଖ୍ୟ ଦେଶଗୁଡିକ ହେଲା- ଆଫ୍ରିକା ମହାଦେଶର କଙ୍ଗୋ, ଇଥିଓପିଆ, ଇଜିପ୍ଟ, ତାଞ୍ଜାନିଆ ଓ ନାଇଜେରିଆ ଏବଂ ଏସିଆ ମହାଦେଶର ଭାରତ, ପାକିସ୍ତାନ ଏବଂ ଫିଲିପାଇନ୍ସ। ଭାରତର ଜନସଂଖ୍ୟା ଚାଇନାକୁ ଟପି ଯାଇଛି, ଏହା ଶୁଣିବାକୁ ଯେତେ ସହଜ ପ୍ରକୃତ ପକ୍ଷେ ଏହାକୁ ମୁକାବିଲା କରିବା ତାହା ଠାରୁ କଷ୍ଟ। ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତ୍ୟେକ ଦେଶ ବର୍ଦ୍ଧିତ ଜନସଂଖ୍ୟା ଉପରେ ଗୁରୁତ୍ୱର ସହ ବିଚାର କରିବା ଉଚିତ।

ଜନସଂଖ୍ୟା ବୃଦ୍ଧି ହେଲେ କ'ଣ ଅସୁବିଧା ହେବ? ଏହି ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଙ୍କି ମାରୁଥିବ, ସମ୍ୟକ ଜ୍ଞାନରୁ ଉତ୍ତର ହେଲା, ପରିବେଶର ସନ୍ତୁଳନ ବଜାୟ ରହିବ ନାହିଁ, ଖାଦ୍ୟପେୟ, ପାନୀୟଜଳ, ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ, ଯାହାକି ବର୍ତ୍ତମାନ ସମୟରେ ଅନେକ ଦେଶରେ ଦେଖା ଦେଲାଣି।

ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୭ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ, ଯାହାକି ପାନୀୟ ପାଇଁ ଅନୁପଯୁକ୍ତ। ବରଫ ପାହାଡ଼, ଗ୍ଲେସିଅର ଏବଂ ସ୍ଥାୟୀ ବରଫ ୧.୬ ଭାଗ, ଭୂତଳ ଜଳ ୧.୬୪ ଭାଗ, ସତେଜ ଜଳ ୦.୭୬ ଭାଗ, ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରିପାରିବା? ସାଧାରଣତଃ ଆମେମାନେ ନଦୀଗୁଡିକ ଉପରେ ନିର୍ଭରଶୀଳ,



କିଛି ସ୍ଥାନରେ ଭୂତଳ ଜଳର ମଧ୍ୟ ଉପଯୋଗ କରାଯାଇ ଥାଏ, କିଛି ବିକଶିତ ରାଷ୍ଟ୍ର ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେଇ ସାରିଲେଣି। ଜଳ ସଂରକ୍ଷଣ ନ କଲେ ଆଗାମୀ ପିଢ଼ି ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ। ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇପାରେ। ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ନୂତନ ଜଳ ଉତ୍ସର ସନ୍ଧାନ କରିବାକୁ ପଡିବ ନଚେତ ଜୀବନର ସତ୍ତା ରହିବ ନାହିଁ।

ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ ଖାଦ୍ୟ ହୁଏତ ଠିକ୍ ରୂପେ ମିଳି ଯାଉଛି କିନ୍ତୁ ଆଗାମୀ ଦିନରେ ଯଦି କୃଷି ଉପରେ ଗୁରୁତ୍ୱ ଦିଆ ନ ଯାଏ ତେବେ ବିଶ୍ୱରେ ଉତ୍କଟ ଖାଦ୍ୟାଭାବ ପରିଲକ୍ଷିତ ହେବ। ମନୁଷ୍ୟ ସାଧାରଣତଃ ଖାଦ୍ୟ ପାଇଁ କୃଷି ଜାତ ଦ୍ରବ୍ୟ, ଜଙ୍ଗଲରୁ ଆମଦାନୀ ହେଉଥିବା ଖାଦ୍ୟ , ପଶୁ ପକ୍ଷୀଙ୍କ ମାଂସ, ନଦୀ ସମୁଦ୍ରରୁ ଉତ୍ପାଦିତ ମାଛ ତଥା ଅନ୍ୟ ଜଳଚର ଜୀବଙ୍କ ଉପରେ ନିର୍ଭରଶୀଳ। ଅନେକ କୃଷି କ୍ଷେତ୍ର ସମୟ ଚକ୍ରରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି ଲୋକଙ୍କର କୃଷି ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଉଛି। ଜୈବିକ ସାର ବଦଳରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମିର ଉତ୍ପାଦିକା ଶକ୍ତି କମି କମି ଯାଉଛି।

ପ୍ରତି ମନୁଷ୍ୟ ପ୍ରତିଦିନ ହାରାହାରି ୧.୮୭ କି:ଗ୍ରା ଖାଦ୍ୟ ଗ୍ରହଣ କରିଥାଏ ଏବଂ ବାର୍ଷିକ ହାରାହାରି ୬୭୫ କି:ଗ୍ରା ଖାଦ୍ୟ ଗ୍ରହଣ କରେ। ଏହା ମଧ୍ୟରେ ଦୁଗ୍ଧ ଜାତୀୟ ପାନୀୟ, ଚାଉଳ, ଗହମ, ପନିପରିବା, ଆଳୁ, ପଶୁ ମାଂସ, ସାମୁଦ୍ରିକ ମାଛ ଇତ୍ୟାଦି ଖାଦ୍ୟ ଅନ୍ତର୍ଭୁକ୍ତ। ପରିସଂଖ୍ୟନରୁ ଅନୁମାନ କରନ୍ତୁ ଆଠ ଶହ ତେଇଶ କୋଟି ଲୋକଙ୍କ ପାଇଁ କେତେ ଖାଦ୍ୟର ଆବଶ୍ୟକତା ରହିଛି? ଆଜି ମଧ୍ୟ ଅନେକ ଦେଶ ଖାଦ୍ୟାଭାବ ଭିତରେ ଗତି କରୁଛି ଏବଂ ଅନେକ ଦେଶରେ ସଚେତନତା ଅଭାବରୁ ଅନେକ ଖାଦ୍ୟ ନଷ୍ଟ ହେଉଛି। ଆଫ୍ରିକା ମହା ଦେଶର ନାମ୍ବିଆ ଦେଶ ଗତ ବର୍ଷ ଅଗଷ୍ଟ ମାସରେ ୭୨୩ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୮୩ ଟି ହାତୀ, ୩୦ଟି ଜଳ ହସ୍ତୀ ୩୦୦ ଜେବ୍ରା ହତ୍ୟାକରି ମନୁଷ୍ୟ ମାନଙ୍କର ଖାଦ୍ୟାଭାବ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା। ଠିକ ସେହିପରି, ଜିମ୍ବାୱେ ଖାଦ୍ୟାଭାବ ପାଇଁ ୨୦୦ ହାତୀ ମାରିବାର ଆଦେଶ ଦେଇଥିଲା। ଏଥିରୁ ଅନୁମାନ କରନ୍ତୁ ବିଶ୍ୱ ଆଜି କେଉଁଠି ପହଞ୍ଚି ଗଲାଣି। ବର୍ତ୍ତମାନ ଖାଦ୍ୟାଭାବ ଦେଇ ଗତି କରୁଥିବା କିଛି ଦେଶର ନାମ ହେଲା - ୧. ସୋମାଲିଆ, ୨. ୟେମେନ, ୩. ଚାଡ଼, ୪. ମାଡାଗାସ୍କର, ୫. କଙ୍ଗୋ, ୬. ହାଇତି, ୭. ନାଇଜର, ୮. ଲାଇବେରିଆ, ୯. ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ୍, ୧୦ . ରିପବ୍ଲିକ ଅଫ କୋରିଆ। କିଛି ଏସିଅ ଦେଶ ମଧ୍ୟ ଖାଦ୍ୟ ସଙ୍କଟ ମଧ୍ୟରେ ଗତି କରୁଛି, ଆଗାମୀ ଦିନର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ସମସ୍ତେ ସଚେତନ ହେବା ଉଚିତ ଅନ୍ୟଥା ଦିନେ ଆମକୁ ପଶ୍ଚାତ୍ତାପ କରିବାକୁ ସମୟ ମିଳିବ ନାହିଁ।

ମିଳିତ ଜାତିସଂଘ ଦ୍ୱାରା ଭବିଷ୍ୟବାଣୀ କରାଯାଇଥିବା ଆଠ ଗୋଟି ଦେଶ ସମୂହ ଯଦି ଏହି ଭବିଷ୍ୟବାଣୀକୁ ଗୁରୁତ୍ୱ ଦେଇ ଜନସଂଖ୍ୟା ହ୍ରାସ ବା ସୀମିତ ରଖିବାକୁ ଚେଷ୍ଟିତ ନ'ହେବେ ତେବେ ଏହାର କୁପରିଣାମ ପାଇଁ ହୁଏତ ସାରା ବିଶ୍ୱକୁ କଷ୍ଟ ଭୋଗିବାକୁ ପଡିବ। ଆଫ୍ରିକୀୟ ଦେଶ କଙ୍ଗୋ, ଇଥିଓପିଆ, ଇଜିପ୍ଟ ଏବଂ ତାଞ୍ଜାନିଆ ଦେଶର ଜଳବାୟୁ , ଧାର୍ମିକ ଭାବନା ତଥା ସରକାରଙ୍କ ଦୃଷ୍ଟିହୀନତା ପାଇଁ ହୁ ହୁ ହୋଇ ଜନସଂଖ୍ୟା ବଢି ଚାଲିଛି, ସେହିପରି ଏସୀୟ ଦେଶ ଭାରତ, ପାକିସ୍ତାନ, ଫିଲିପାଇନ୍ସ, ବାଂଲାଦେଶ ଇତ୍ୟାଦି ଦେଶରେ ଜନ ସଚେତନତାର ଅଭାବ, କିଛି ଧାର୍ମିକ ଭାବନା, ଅଜ୍ଞତା, ସରକାରଙ୍କ କୋହଳ ମନୋଭାବ ଲାଗି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ମିଳୁନାହିଁ। ଆମର ଭୁଲ ଯୋଗୁ ଉତ୍ତର ପିଢ଼ି ଏହାର ମୁକାବିଲା କରିବେ। ତେଣୁ ବେଳହୁଁ ସାବଧାନ ରହିବା ଦରକାର। ଖାଦ୍ୟ ନିୟମ ଅନୁଯାୟୀ ଖାଦ୍ୟ ନଷ୍ଟ କରିବା ଏକ ଅପରାଧ , ଏହି ନିୟମକୁ କଡାକଡି ପାଳନ କରାଯାଉ , ବିବାହ ଠାରୁ ଆରମ୍ଭ କରି ଅନେକ ଭୋଜି ଭାତ , ହୋଟେଲ, ରେଳଗାଡ଼ି , ଉଡ଼ାଜାହାଜ ଇତ୍ୟାଦିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଖାଦ୍ୟ ନଷ୍ଟ ହୁଏ ଯାହାକୁ ଆମେ ଚାହିଁଲେ ରୋକି ପାରିବା ଏବଂ ବଳକା ଖାଦ୍ୟକୁ ଭୋକିଲା ମନୁଷ୍ୟ /ଜୀବ ଜନ୍ତୁଙ୍କୁ ଦେଇପାରିବା। ଏଥିପାଇଁ କେବଳ ଆମର ଦୃଢ଼ ମାନସିକତାର ଆବଶ୍ୟକତା ସହିତ ସରକାରୀ ନିୟମକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ ହେବ ।

ବରିଷ୍ଠ ନାଗରିକ, ସ୍ନେହ କୁଟୀର,
ଖାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

# ପାଲେଷ୍ଟାଇନ କାହାର



ଲଳିତେନ୍ଦୁ ପଲାଉରୀ

ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ୧୦୦ବର୍ଷରୁ ଅଧିକ ପୁରୁଣା। ଉଭୟଙ୍କ ମଧ୍ୟରେ ବିବାଦ ଜେରୁଜେଲମକୁ ନେଇ। ଇସ୍ରାଏଲ ପାଲେଷ୍ଟାଇନ ମଧ୍ୟରେ ଅନେକ ଯୁଦ୍ଧ ଘଟିଛି ଏବଂ ଅନେକ ଥର ମଧ୍ୟ ଯୁଦ୍ଧ ବିରତି ହୋଇଛି। କିନ୍ତୁ ମଧ୍ୟପ୍ରାଚ୍ୟର ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ଫେରିବା ନାଁ ନେଉନି। ୧୯୪୮ରୁ ଇସ୍ରାଏଲ ସ୍ୱାଧୀନ ରାଷ୍ଟ୍ର ହୋଇଛି। କିନ୍ତୁ ପାଲେଷ୍ଟାଇନକୁ ନେଇ ଏଯାଏ କୌଣସି ସ୍ପଷ୍ଟ ନିଷ୍କର୍ଷ ବାହାରି ପାରୁନି। ଜାତିସଂଘ କିମ୍ବା କୌଣସି ଅନ୍ତର୍ଜାତୀୟ ମଧ୍ୟସ୍ଥ ଏହି ଦୀର୍ଘ ବିବାଦ ସମାଧାନରେ ବିଫଳ ହୋଇଛନ୍ତି। ପାଲେଷ୍ଟାଇନର ଜନତାଙ୍କୁ ସେମାନଙ୍କ ନାଗରିକ ମର୍ଯ୍ୟାଦା ଦେବାରେ କାହିଁକି ଏତେ ପ୍ରତିବନ୍ଧକ।

ନିକଟରେ ଜାତିସଂଘର ମୋଟ ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ଟି ଦେଶ ପାଖାପାଖି ୮୧ ପ୍ରତିଶତ ସଦସ୍ୟ ରାଷ୍ଟ୍ର ପାଲେଷ୍ଟାଇନକୁ ସାର୍ବଭୌମତ୍ୱ ଦେଶ ଭାବେ ସମର୍ଥନ କରିଛନ୍ତି। ୨୦୧୨ ନଭେମ୍ବରରୁ ପାଲେଷ୍ଟାଇନ ଜାତିସଂଘର ଅସ୍ଥାୟୀ ସଦସ୍ୟ ବା ଅବଜରଭର ଷ୍ଟେଟ ଭାବେ ଗଣାଯାଉଛି। ଜାତିସଂଘରେ ଭିଟୋ କ୍ଷମତାଧାରୀ ଆମେରିକା ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନରେ ବାରମ୍ବାର ପ୍ରତିବନ୍ଧକ ସାଜୁଛି । ଭିଟୋ ପ୍ରୟୋଗ କରି ପ୍ରସ୍ତାବକୁ ଅଟକାଇ ଦେଉଛି । କିନ୍ତୁ ଅନ୍ୟ ୪ ଭିଟୋ କ୍ଷମତାଧାରୀ ଦେଶ ଚାଇନା, ଫ୍ରାନ୍ସ, ରୁଷିଆ ଓ ବ୍ରିଟେନ ପାଲେଷ୍ଟାଇନକୁ ଜାତିସଂଘରେ ସ୍ଥାୟୀ ସଦସ୍ୟତା ପ୍ରଦାନ ପାଇଁ ବାରମ୍ବାର ମତ ରଖିଆସୁଛନ୍ତି। ୧୯୮୮ରୁ ୱେଷ୍ଟବ୍ୟାଙ୍କ ବା ଇଷ୍ଟ ଜେରୁଜେଲମ ଓ ଗାଜା ଷ୍ଟ୍ରିପ୍‌କୁ ମିଶାଇ ଷ୍ଟେଟ ଅଫ୍ ପାଲେଷ୍ଟାଇନ ଭାବେ ଦାବି କରିଆସୁଛି ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ବା ପିଏଲ୍‌ଓ। ୧୯୮୮ରେ ୭୮ଟି ଦେଶ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ମତ ଦେଇଥିଲେ। ପାଲେଷ୍ଟାଇନ ଅଥରିଟିଙ୍କ ଦ୍ୱାରା ସ୍ୱୟଂ ଶାସିତ ପାଲେଷ୍ଟାଇନକୁ ୧୯୯୩-୯୫ ମସିହାରେ ଓସୋଲ ରାଜିନାମା ଅନୁସାରେ ଇସ୍ରାଏଲ ଓ ପିଏଲ୍‌ଓ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏଥିରେ ନିଷ୍ପତ୍ତି ହୋଇଥିଲା ପାଲେଷ୍ଟାଇନର ମଧ୍ୟବର୍ତ୍ତିକାଳୀନ କର୍ତ୍ତୃପକ୍ଷ ଗାଜା ସମେତ ୱେଷ୍ଟବ୍ୟାଙ୍କର ୪୦ପ୍ରତିଶତ ଅଞ୍ଚଳରେ ଶାସନ କରିବେ। କିନ୍ତୁ ୧୯୯୬ ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଭାବେ ବେଞ୍ଜାମିନ ନେତାନ୍ୟାହୁ ଶାସନ ଭାର ସମ୍ଭାଳିବା ପରେ ପାଲେଷ୍ଟାଇନ ଶାନ୍ତି ଚୁକ୍ତିରେ ଝଟକା ଆସିଥିଲା। ନେତାନ୍ୟାହୁ ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦେବାକୁ ମନା କରି ଦେଇଥିଲେ। ପାଲେଷ୍ଟାଇନ ଲିବରେଶନ ଅର୍ଗାନାଇଜେଶନ ଶେଷରେ ହମାସ୍ ହାତରେ ଗାଜାର ଶାସନ ଭାର ଟେକି ଦେଇଥିଲା। ହମାସ୍ ନେତାମାଙ୍କ ଇଚ୍ଛାରେ ଚାଲିଥିଲା ଗାଜାରେ ଶାସନ। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ୍ ଆକ୍ରମଣ କରି ପାଖାପାଖି ୧୨ଶହ ଇସ୍ରାଏଲବାସୀଙ୍କୁ ହତ୍ୟା କରିଥିଲେ।



ଅନେକଙ୍କୁ ପଣବନ୍ଦୀ କରି ନେଇଥିଲେ। ଏହାପରେ ଇସ୍ରାଏଲ ଗାଜାରେ ଆରମ୍ଭ କରିଥିଲା ହମାସ ନିପାତ ଅଭିଯାନ ବା ଅପରେଶନ ଆଇରନ ସୋର୍ଡ। ଗାଜାର ୯୦ ପ୍ରତିଶତ ଭିତ୍ତିଭୂମି ଧୂଳିସାତ ହୋଇଯାଇଛି। ଇସ୍ରାଏଲ ହମାସ୍ ଯୁଦ୍ଧ ବିରତି ଓ ଶାନ୍ତି ରାଜିନାମା ପାଇଁ କତାରର ଦୋହାରେ ବାରମ୍ବାର ମଧ୍ୟସ୍ଥ ବସୁଛନ୍ତି। କିନ୍ତୁ କୌଣସି ସମାଧାନ ସୂତ୍ର ବାହାରିପାରୁନି।

ଲୋକଙ୍କ ଜୀବନ ରକ୍ଷା ଓ ଇସ୍ରାଏଲ-ପାଲେଷ୍ଟାଇନ ବିବାଦକୁ ନେଇ ଟୁ ଷ୍ଟେଟ ସଲ୍ୟୁଶନ ଆଧାରରେ ଦେଶ ଗଠନ ପାଇଁ ଅନେକ ଦେଶ ମତ ରଖୁଛନ୍ତି। ଭାରତ ମଧ୍ୟ ଇସ୍ରାଏଲ ପାଲେଷ୍ଟାଇନ ବିବାଦ କେବଳ ଟୁ ଷ୍ଟେଟ ସଲ୍ୟୁଶନ ଦ୍ୱାରା ସମ୍ଭବ ବୋଲି କହିସାରିଛି। ଏହାସହ ଜି ୨୦ ଦେଶ ସମୂହ ପାଲେଷ୍ଟାଇନକୁ ନୂଆ ରାଷ୍ଟ୍ର ଭାବେ ଦେଖିବାକୁ ମତ ରଖିଛନ୍ତି। କିନ୍ତୁ ଇସ୍ରାଏଲ, ଆମେରିକା, ଜର୍ମାନୀ, ଇଟାଲି, ଜାପାନ, ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ପାଲେଷ୍ଟାଇନକୁ ସ୍ୱାଧୀନ ଦେଶ ଭାବେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ନିକଟ ଅତୀତରେ ହଜାର ହଜାର ଇଟାଲିବାସୀ ପାଲେଷ୍ଟାଇନ ଷ୍ଟେଟ୍‌କୁ ସମର୍ଥନ କରି ଆନ୍ଦୋଳନ କରିଥିଲେ। ହେଲେ ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ପାଲେଷ୍ଟାଇନକୁ ଦେଶର ମାନ୍ୟତା ଦେବା ସପକ୍ଷରେ ନ ଥିବା ଜଣାଇଥିଲେ। ପାଲେଷ୍ଟାଇନ ସମର୍ଥକମାନେ ଇଟାଲିର ପ୍ରମୁଖ ସହର ମିଲାନ, ରୋମ, ନାପେଲ୍ସ, ସିସିଲି, ଟ୍ୟୁରିନ, ବୋଲଗ ଆଦି ସ୍ଥାନରେ ବିରୋଧ ପ୍ରଦର୍ଶନ ସହ ପୋଡ଼ାଜଳା କରିଥିଲେ।

କେବଳ ଇଟାଲି କାହିଁକି ବ୍ରିଟେନ, ଫ୍ରାନ୍ସରେ ମଧ୍ୟ ପାଲେଷ୍ଟାଇନଙ୍କୁ ସ୍ୱତନ୍ତ୍ର ଦେଶ ମାନ୍ୟତା ଦାବିରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ଓ ବେଲଜିୟମ ସର୍ବଭିତ୍ତିକ ପାଲେଷ୍ଟାଇନ ସମର୍ଥନରେ ମତ ରଖିଥିଲେ। ଗାଜାରୁ ତୁରନ୍ତ ହମାସ୍ ଆତଙ୍କୀଙ୍କୁ ମୂଳୋତ୍ପାଟନ, ସମସ୍ତ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତି ଦାବି କରିଛି ବେଲଜିୟମ। ପାଲେଷ୍ଟାଇନ ଲୋକତାନ୍ତ୍ରିକ ଦେଶ ହେବା ଜରୁରୀ ବୋଲି କାନାଡା ସରକାର ମତ ଦେଇଛନ୍ତି । କିନ୍ତୁ ଇସ୍ରାଏଲ ପ୍ରଧନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନକୁ କେବେ ବି ଦେଶ କରାଯାଇ ନ ପାରେ ବୋଲି ଯୁକ୍ତି ବାଢ଼ୁଛନ୍ତି। ପାଲେଷ୍ଟାଇନକୁ ସ୍ୱାଧୀନତା ମାନେ ହମାସ୍ ଆତଙ୍କବାଦୀଙ୍କୁ ସମ୍ମାନ ବା ବଡ଼ ପୁରସ୍କାର ବୋଲି ସେ କହୁଛନ୍ତି। ଏଭଳି ସ୍ଥିତିରେ ବ୍ରିଟେନ ମଧ୍ୟ ଇସ୍ରାଏଲକୁ ଚେତାବନୀ ଦେଇଛି। ୱେଷ୍ଟବ୍ୟାଙ୍କ ଅଞ୍ଚଳକୁ ଇସ୍ରାଏଲ କବ୍‌ଜା କରିବାକୁ ବୃଥା ଚେଷ୍ଟା ନ କରୁ। କେବଳ ସେତିକି ନୁହେଁ ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ନ ଥିବା ଆମେରିକା ରାଷ୍ଟ୍ରପତିଙ୍କ ଗାଜା ପ୍ଲାନ ମଧ୍ୟ ଆପଣଙ୍କୁ ଚକିତ କଲାଭଳି। ବଡ଼ କଥା ହେଉଛି ଗାଜାରୁ ବିସ୍ଥାପିତମାନେ କିନ୍ତୁ କୁଆଡ଼େ ଯିବେ ଏନେଇ ଟ୍ରମ୍ପଙ୍କର ଯୋଜନା ନାହିଁ। ତେବେ ଏତେ ସବୁ ଘଣ୍ଟା ଚକଟା ଭିତରେ ଏତିକି କୁହାଯାଇ ପାରେ ନିଜର ସ୍ୱାର୍ଥ ହାସଲ ପାଇଁ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ସାରା ବିଶ୍ୱକୁ ଭୁଆଁବୁଲାଇବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ ସଂଗଠିତ କରି ଅଶାନ୍ତି ଓ ହିଂସାତ୍ମକ ବାତାବରଣ ସୃଷ୍ଟି କରିଚାଲିଛନ୍ତି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ଦୀପାବଳିରେ ବାଣଫୁଟା ଉପରେ କଟକଣା ଲଗାଗଲେ ମଧ୍ୟ ପରମ୍ପରା ଆଗରେ ତାହା ଫିକା ପଡ଼ିଯାଉଛି। ଲୋକେ ପରିବେଶ ସୁରକ୍ଷା ଚିନ୍ତା କରୁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ହେଲେ ତାମିଲନାଡୁର ଶିବଗଙ୍ଗା ଜିଲାର ଭେଟାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ ନିକଟରେ ଥିବା କୋଲ୍ଲୁକୁଡ଼ିପଟ୍ଟି, ଏସ୍.ମାମ୍‌ପଟ୍ଟି ଏବଂ ଭେଟାଙ୍ଗୁଡ଼ିପଟ୍ଟି ଗାଁର ଗ୍ରାମବାସୀ ଅଭୟାରଣ୍ୟରେ ପକ୍ଷୀଙ୍କ ସୁରକ୍ଷା ପାଇଁ ୩୦ ବର୍ଷ ହେଲା ଦୀପାବଳି ପାଳନ କରୁନାହାନ୍ତି। କେବଳ ଏତିକି ନୁହେଁ, ଏହିସବୁ ଗାଁରେ ଲୋକେ ବିବାହ କିମ୍ବା ମନ୍ଦିର ଉତ୍ସବଗୁଡ଼ିକରେ ମଧ୍ୟ ବାଣ ଫୁଟାଉ ନାହାନ୍ତି। ଦୀପାବଳି ସମୟରେ ବାହାର ଦେଶରୁ ପକ୍ଷୀମାନେ ଏଠାକୁ ଆସୁଥିବାରୁ ସେମାନଙ୍କ ଆଗମନରେ ବାଧା ସୃଷ୍ଟି ନ କରିବା ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଉଛନ୍ତି। ପ୍ରାୟ ବର୍ଷସାରା ଗ୍ରାମବାସୀ ଏକ ନୀରବ ପରିବେଶ ବଜାୟ ରଖିଥାନ୍ତି। ୩୬ ହେକ୍ଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟକୁ ଶୀତଦିନ ଆଗମନ ସମୟରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ରୁଷିଆ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ଇଣ୍ଡୋନେସିଆ ଆଦି ଦେଶରୁ ଆସିଥାନ୍ତି। ଗ୍ରାମବାସୀଙ୍କ ଏହି ପଦକ୍ଷେପ ଯୋଗୁ ବହିରାଗତ ପକ୍ଷୀଙ୍କ ସଂଖ୍ୟା ୪,୦୦୦ ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଅକ୍ଟୋବର ୧୯୭୬**

- କାବେରୀ ନଦୀଜଳ ବଣ୍ଟନ ସମସ୍ୟାର ଆଶୁ ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି।
- ଇରାକରେ ଶିଳ୍ପ ଅଭିବୃଦ୍ଧି ଲାଗି ଭାରତର ସହଯୋଗ ସମ୍ପର୍କରେ ଇରାକର ଶିଳ୍ପମନ୍ତ୍ରୀ ଫ୍ଲେହାସାନ ଆଲଜସୀମ ଏବଂ ଭାରତର ଶିଳ୍ପମନ୍ତ୍ରୀ ଟି. ଏ. ପାଲଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି କିଣାବିକାରେ ନୋମିନି ବ୍ୟବସ୍ଥା କରାଯାଉ

ମହାଶୟ,

ବର୍ତ୍ତମାନ ପରିସ୍ଥିତିରେ ପ୍ରତି କାର୍ଯ୍ୟରେ ବ୍ୟାଙ୍କରେ ଇନ୍‌ସ୍ୟୁରାନ୍ସ ବା ଯେକୌଣସି ଦସ୍ତାବିଜ୍‌ରେ ନୋମିନର ଆବଶ୍ୟକତା ପଡୁଛି। ଭବିଷ୍ୟତରେ ଯଦି କିଛି ହୁଏ, ବୀମାଭୁକ୍ତ ବ୍ୟକ୍ତି ବଦଳରେ ନୋମିନକୁ ସମସ୍ତ ହକ୍ ମିଳୁଛି। କିନ୍ତୁ କୌଣସି ସମ୍ପତ୍ତି କିଣାବିକାରେ ନୋମିନ ବ୍ୟବସ୍ଥା ରହୁନାହିଁ। ଯାହାଫଳରେ ଭବିଷ୍ୟତରେ କାଳକ୍ରମେ ସମ୍ପର୍କୀୟ ଲୋକ ସେ ସମ୍ପତ୍ତିର ହକ୍‌ଦାର ହୋଇଯାଉଛନ୍ତି। କିଛି ବ୍ୟକ୍ତି ବିଦେଶରେ ରହୁଛନ୍ତି। ପ୍ରତ୍ୟେକ ସମ୍ପତ୍ତିର ସ୍ୱତଃପ୍ରବୃତ୍ତ ହକ୍‌ଦାର ହୋଇଯାଉଛନ୍ତି ଏବଂ ସେମାନେ ସମ୍ପତ୍ତି ବିଷୟରେ କିଛି ଜାଣୁନାହାନ୍ତି, କିନ୍ତୁ ସେମାନେ ତାଙ୍କର ଅଂଶ ଛାଡ଼ିବାକୁ ନାରାଜ। ଯାହାଫଳରେ ସବୁ ସମ୍ପତ୍ତି ସର୍ବସାଧାରଣଙ୍କ ଭଳି ପଡିରହୁଛି ଏବଂ କାହାର କାର୍ଯ୍ୟରେ ଲାଗୁନାହିଁ। ଆସ୍ତେ ଆସ୍ତେ ଅଂଶୀଦାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କେତେକ ସ୍ଥଳରେ ୧ ଗୁଣ୍ଠ ଜାଗାରେ ୪୦ ଜଣ ଅଂଶୀଦାର ହେଉଛନ୍ତି। ତେଣୁ ପ୍ରତ୍ୟେକ ସମ୍ପତ୍ତି କିଣାବିକା ସମୟରେ ନୋମିନ ରଖାଯିବାର ନିୟମ ପ୍ରଚଳନ କରାଯାଉ।

-ଡି. ଉପେନ୍ଦ୍ର, ନୟାପାଲ୍ଲୀ, ଭୁବନେଶ୍ୱର

## ଚିରନ୍ତନୀ

ଅଭେଦ ପାଚେରି ଡୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମିନିଟ୍ରକ୍ ସହ ୨୪୫ କେଜି ଗଞ୍ଜେଇ ଜବତ



କ.ନୂଆଗାଁ,୨୧।୧୦(କାଳି ପ୍ରସାଦ ତ୍ରିପାଠୀ):

କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଯାନବାହାନ ଯାଞ୍ଚ ବେଳେ ମିନିଟ୍ରକ (ନଂ.ଓଡି ୩୨ ଜି ୯୪୬୮)ରୁ ୨୪୫ କେଜି ୧୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଡ୍ରାଇଭର ଓ ଦୁଇ ମହିଳାଙ୍କୁ ଗିରଫ କରାଯାଇଛି। ମିନିଟ୍ରକ ଡ୍ରାଇଭର ରାଇକିଆ ଥାନା ଅଞ୍ଚଳର ଭାଲିଆପଦା ଗ୍ରାମର ଶିବାନ ନାୟକ (୨୭), ମଧ୍ୟପ୍ରଦେଶର ୨ ମହିଳା ଆରିଷ୍ଟା ପାର୍ଦ୍ଧି (୪୦) ଓ ଉଲେଷ୍ଟା ବାଇ (୪୦)ଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ମିନି ଟ୍ରକ ଓ ମୋବାଇଲକୁ ପୋଲିସ ଜବତ କରିଛି । ସାରଙ୍ଗ ଗଡ଼ ଥାନା ଅନ୍ତର୍ଗତ କୁନ୍ଦାରୀ ନିକଟରେ ମିନି ଟ୍ରକରେ ୩ ଜଣ ଗଞ୍ଜେଇ ଚାଲାଣ କରିବା ପାଇଁ ଯାଉଥିଲା। ସାରଙ୍ଗ ଗଡ଼ ଥାନା ଏସଆଇ କୃଷ୍ଣ ଚନ୍ଦ୍ର ବେହେରା ଓ ଅନୀଲ କୁମାର ପଲେଇଙ୍କ ସମେତ ଥାନାର ପାଟ୍ରୋଲିଂ ଟିମ୍ ସନ୍ଦେହରେ ମିନିଟ୍ରକିକୁ ଅଟକାଇ ତନଖି କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟ ଭାବେ ବାଲିଗୁଡ଼ା ଅତିରିକ୍ତ ଉପ ଜିଲ୍ଲାପାଳ ରୁପକ କୁଜୁରଙ୍କ ଉପସ୍ଥିତିରେ ୧୦ ଟି ଜରି ଅଖାରେ ଥିବା ଗଞ୍ଜେଇ ଜବତ ହୋଇଛି। ଏ ନେଇ ଥାନା ରେ ନଂ ୧୮୯/୨୫ ଅବକାରୀ ଦଫା ରୁଜୁ ହୋଇଥିବା ଥାନା ଅଧିକାରୀ ବଧୁଲିକା ବିଶାଳ ସୂଚନା ଦେଇଛନ୍ତି।

# ଶ୍ୟାମାକାଳୀ ପୂଜା ପାଇଁ ସହର ଚଳଚଞ୍ଚଳ

ଛତ୍ରପୁର/ ଆସିକା,୨୧।୧୦(ଦିଲୀପ ସାମଲ/ ସୁରେନ୍ଦ୍ର ନାଥ ସାହୁ)– ଚାଲିଛି ପାର୍ବଣ ଋତୁ। ଦୁର୍ଗତିନାଶିନୀ ଦୁର୍ଗା ଓ ମା' ଗଜଲକ୍ଷ୍ମୀଙ୍କ ପୂଜା ପରେ ଏବେ ଆରମ୍ଭ ହୋଇଛି ଶ୍ୟାମାକାଳୀ ପୂଜା। ଶ୍ୟାମାକାଳୀ ପୂଜା ପାଇଁ ଛତ୍ରପୁର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସହରରେ ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ମଣ୍ଡପଗୁଡିକରେ ପୂଜା ପାଉଛି। ଦୀପାବଳିଠାରୁ ମା' ପୂଜାମଣ୍ଡପରେ ଅବତରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଛତ୍ରପୁର ସହରର ମାର୍କେଟ ରୋଡ୍, ରିକାପଲ୍ଲୀ, ନୀଳକଣ୍ଠେଶ୍ୱର ସାହି ଓ ବଡ଼ବଜାର ପୂଜା କମିଟି ପକ୍ଷରୁ ମା' ଶ୍ୟାମାକାଳୀଙ୍କ ପୂଜା ଆୟୋଜନ କରାଯାଇଛି। ଛତ୍ରପୁରର ବିଭିନ୍ନ ଗ୍ରାମରେ ମଧ ମା' ଶ୍ୟାମାକାଳୀଙ୍କ ପୂଜା ହେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟହ ସକାଳୁ ସୂର୍ଯ୍ୟ ନାରାୟଣ ପୂଜା ସହ ବିଭିନ୍ନ ରୀତିନୀତି ପୂଜାମଣ୍ଡପରେ ହେଉଥିବା ବେଳେ ସନ୍ଧ୍ୟାରେ ଆଳତି ଏବଂ ଚଣ୍ଡୀପାଠ କରାଯାଉଛି। ମା'ଙ୍କ ଆଳତି ଦର୍ଶନ ପାଇଁ ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ପୂଜା କମିଟିର ସଦସ୍ୟମାନେ ପୂଜା ପରିଚାଳନା କରୁଛନ୍ତି।

ଆସିକା ସହର ଉପକଣ୍ଠ ଚିନିଶିଳ୍ପ ନୂଆଗାଁ ଗ୍ରାମରେ ସୋମବାରଠାରୁ ମା' ଶ୍ୟାମାକାଳୀଙ୍କ ଅଷ୍ଟାଦଶତମ ପୂଜା ଆରମ୍ଭ ହୋଇଛି । ଭଗବତସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନପୂର୍ବକ ପୂଜାର୍ଚ୍ଚନା, ମନ୍ତ୍ରପାଠ, ହୋମ, ଆଳତି, ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଚାଲୁରହିଛି । ଏହି ପୂଜା ଶନିବାର ଯାଏ ଚାଲିବ। ମେଢ଼ ସାଜସଜ୍ଜା ସାଙ୍ଗକୁ ଆଲୋକମାଳା ଓ ତୋରଣ ପୂଜାକୁ ଆକର୍ଷଣୀୟ କରିଛି। ମା'ଙ୍କ ଦର୍ଶନ ପାଇଁ ପୂଜାମଣ୍ଡପରେ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ଶ୍ୟାମାକାଳୀ ପୂଜା କମିଟି ସଭାପତି ନିରଞ୍ଜନ ନାହାକ, କାର୍ତ୍ତିକ ନାହାକ, ସନ୍ତୋଷ ପରିଡ଼ା, ରମେଶ ଜେନା, ଗ୍ରାମ ଅଧିକାରୀ ରଘୁନାଥ ପରିଡ଼ା, ସୁଦର୍ଶନ ନାହାକ ଓ ଗ୍ରାମବାସୀ ପୂଜା ପରିଚାଳନା କରୁଛନ୍ତି।

## କୁଶପଲ୍ଲୀରେ ବିଶ୍ୱକର୍ମା ସମାଜର ବୈଠକ

ରମ୍ଭା,୨୧।୧୦(ବନବାସୀ ସେଠୀ): ମଲାଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମର ଅଧିଷ୍ଠାତ୍ରୀ ମା' ଚାମଣ୍ଡା ମନ୍ଦିର ପରିସରରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ(ବଢ଼େଇ କୁଳ) ପକ୍ଷରୁ ସଭାପତି ଯୋଗୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିରୁଳି ତାଲୁକା ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ସୁଦର୍ଶନ ମହାରଣା, ଲଡୁ କିଶୋର ମହାରଣା, ସଭ୍ୟ ହରିହର ମହାରଣା, ନିରଞ୍ଜନ ମହାରଣା, ପିଣ୍ଟୁ ମହାରଣା, ଦୁର୍ଯ୍ୟୋଧନ ମହାରଣା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାରଣା, କବିରାଜ ମହାରଣା, ସିମାଞ୍ଚଳ ମହାରଣା, ହୃଷିକେଶ ମହାରଣା, କାମେଶ୍ୱର ମହାରଣା, କବିରାଜ ମହାରଣା, ପ୍ରଦୀପ ମହାରଣାଙ୍କ ସମେତ କାର୍ଯ୍ୟକାରୀ କମିଟି ଉପସ୍ଥିତ ଥିଲେ। ବିଦ୍ୟାଧର ମହାରଣା, ବାବୁଲା ମହାରଣା କାର୍ଯକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଶ୍ୱକର୍ମା ସମାଜର ସମସ୍ତ ସଭ୍ୟମାନଙ୍କୁ ପରିଚୟ ପତ୍ର ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିସହ ନୂତନ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ପ୍ରତାପ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। କୁଶପଲ୍ଲୀ ଓ ସନ୍ତୋଷ ପୁର ଗ୍ରାମ ସଦସ୍ୟଙ୍କ ସହଯୋଗରେ ବୈଠକ ହୋଇଥିଲା।

# କନ୍ଧମାଳରେ ଶହୀଦ ସ୍ମୃତି ଦିବସ ପାଳିତ



ଫୁଲବାଣୀ,୨୧।୧୦(ରାକେଶ କୁମାର ରାଉତ)

ଫୁଲବାଣୀ ମାଦିକୁନ୍ଦାସ୍ଥିତ ପୋଲିସ ରିଜର୍ଭ ପଡିଆରେ ଜିଲା ପୋଲିସ ପକ୍ଷରୁ ୬୬ ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏସ୍‌ପି ହରିଶ ବିସି ଯୋଗଦେଇ ଶହୀଦ ସ୍ମୃତି ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। । ପରେ ସମବେତ ପରେଡରେ ଏସ୍‌ପି ଅଭିବାଦନ ଗ୍ରହଣ କରଥିଲେ। ଏହି ଅବସରରେ ସେ ଶହୀଦ ଦିବସର ତାତ୍ପର୍ଯ୍ୟ ଉପରେ ମତ ରଖି ଅମର ଶହୀଦ ଯବାନମାନଙ୍କ ପ୍ରତି ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଠ କରିଥିଲେ। ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୋପ ସଲାମି ପ୍ରଦାନ କରାଯିବା ସହ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଡାକ୍ତରଖାନାଠାରେ ଏକ ରକ୍ତଦାନ ଶିବିର ହୋଇଥିଲା। ରିଜର୍ଭ ଇନ୍ସପେକ୍ଟର ବୀର ସିଂ ଶବର ପରେଡ ପରିଚାଳନା କରିଥିଲେ। ଅତିରିକ୍ତ ଏସପି ବିଭୂତି ଭୂଷଣ ମହାପାତ୍ର, ଡିଏଫଓ ପ୍ରତାପ କୋଟାପଲ୍ଲି, ଟାଉନ ଥାନା ଅଧିକାରୀ ପି ସ୍ୱରୂପ କିଶନଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ, ଏସ୍‌ଓଜି, ବିଏସଏଫ ଯବାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପାଷ୍ଟରେଟସ୍ତରୀୟ ଯୁବ ଶୋଭାଯାତ୍ରା

ଜି.ଉଦୟଗିରି,୨୧।୧୦(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଆର୍. ପଡିକିଆ ଗ୍ରାମର ଖ୍ରୀଷ୍ଟ ସମ୍ପ୍ରଦାୟର ଉତ୍ତରଭାରତ ମଣ୍ଡଳୀ ପକ୍ଷରୁ ପାଷ୍ଟରେଟସ୍ତରୀୟ ଯୁବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଡାୟୋସିସ୍ ଅନ୍ତର୍ଗତ ଟିଟିଲାଗଡ଼ରୁ ଆଚାର୍ଯ୍ୟ ଜ୍ୟୋତିରଞ୍ଜନ ପଲାକ ଉପସ୍ଥିତ ଥିଲେ। ସେ ବାଇବେଲ ଲିଖିତ ଆଧ୍ୟାତ୍ମିକବାଣୀ ପ୍ରଚାର କରି ଯୁବତୀଯୁବକମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ମଙ୍ଗଳବାର ଆର୍ ପଡିକିଆ ମଣ୍ଡଳୀ ପରିସରରେ ଏକ ଯୁବ ଶୋଭାଯାତ୍ରା ହୋଇଥିଲା। ଏଥିରେ ଜି.ଉଦୟଗିରି ପାଷ୍ଟରେଟ ସମ୍ପାଦକ ପବିତ୍ର ନାୟକ, କୋଷାଧ୍ୟକ୍ଷ ଭୀମସେନ ନାୟକ, ପ୍ରେସ୍‌ବିଟର୍ ଆଚାର୍ଯ୍ୟ, ଆଲୋକ ପ୍ରଧାନ, ନିବେଦିତ ପ୍ରଧାନ, ସଦାନନ୍ଦ ନାୟକ, ଆଚାର୍ଯ୍ୟ ସାମନ୍ତ ନାୟକ ଓ ଯୁବ ଆବାହକ ପ୍ରତୀକ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୬ଟି ମଣ୍ଡଳୀରୁ ଶତାଧିକ ଯୁବତୀଯୁବକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ରିଲିଭ୍ କନସଲ୍ଟିଂ କର୍ପୋରେସନ**
୧୪୨୨, ସେକ୍ଟର- ସି, ପକେଟ୍- ୧, ବସନ୍ତ କୁଞ୍ଜ, ଦିଲ୍ଲୀ- ୧୧୦୦୭୦
ମୋବାଇଲ୍: +୯୧ ୭୦୪୨୯୪୪୪୨୫, ଇମେଲ୍: reliveconsultingco@gmail.com

"ଓଡିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ଅଭିଜ୍ଞ ଏବଂ ଯୋଗ୍ୟ ବିଡରଙ୍କଠାରୁ ରିଲିଭ୍ କନସଲ୍ଟିଂ କର୍ପୋରେସନର କାର୍ଯ୍ୟାଳୟ, ୧୪୨୨, ସେକ୍ଟ- ସି, ପକେଟ- ୧, ବସନ୍ତ କୁଞ୍ଜ, ଦିଲ୍ଲୀ-୧୧୦୦୭୦ ସିଲଡ୍ ବିଡ୍ ଆମନ୍ତ୍ରଣ କରୁଛି।

| କ୍ର. ନଂ. | ପ୍ରକଳ୍ପର ନାମ | ଟେଣ୍ଡର ନୋଟିସ ନମ୍ବର | ଟେଣ୍ଡର ଦେୟ |
|---|---|---|---|
| ୧ | " ଓଡିଶାର କଳାହାଣ୍ଡି ଜିଲ୍ଲାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ସୋଲାର ରୋ ଜଳ କୁଲର ଯୋଗାଣ ଏବଂ ସଂସ୍ଥାପନ" ପାଇଁ ବିପିସିଏଲ ସିଏସଆର ପଦକ୍ଷେପ ପାଇଁ ଖୋଲା ଟେଣ୍ଡର ଅନୁସନ୍ଧାନ। | RCC/DEL/CSR/2025/04; ତାରିଖ: 21.10.2025 | Rs. ୧୦୦୦/- |

ବିସ୍ତୃତ ଟେଣ୍ଡର ନୋଟିସ୍, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ https://reliveconsulting.com/ ୱେବସାଇଟ୍ ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଦେଖାଯାଇପାରିବ। ଆଗ୍ରହୀ ବିଡରମାନେ ଟେଣ୍ଡର ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କର ଟେଣ୍ଡର ଡକ୍ୟୁମେଣ୍ଟ ଦାଖଲ କରିପାରିବେ।
ଟେଣ୍ଡର ପ୍ରକ୍ରିୟାକରଣ ପ୍ରକୋଷ୍ଠ
ରିଲିଭ୍ ପରାମର୍ଶ ନିଗମ

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଓଟି-୨୫-୨୬-ଏସ୍‌ପିପି୨-୨୯, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କ୍ଷେତ୍ରାଧିକାରଠାରେ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସଂସ୍ଥାପନ ଏବଂ ଉତ୍ଥାପନ (ପର୍ଯ୍ୟାୟ ୨)। ଟେଣ୍ଡର ମୂଲ୍ୟ: ₹୧୪,୯୭,୦୭,୭୭୮.୫୭ । ଇଏମ୍‌ଡି/ବିଡ୍ ଅମାନତ: ₹୮,୯୮,୫୦୦/– । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୨।୧୧।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି । (PR-750)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Immediately Required, **Arc & Argon Welder, Fitter & Helper** with Minimum Two Year Work Experience.
Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
**Contact No. : 9556393222/7077471819**
Email : elite.bbs@gmail.com

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
**9438128790କୁ ବାୟୋଡ଼ାଟା ପଠାନ୍ତୁ ।**

**URGENT REQUIRES**
**Experienced Driver - 2 nos., House Keeping Boy - 2 nos., Indian Cook - 2 nos.** for a Guest House at Bhubaneswar.
**Contact : 7656915989**

**REQUIRES**
Advith Pvt. Ltd. – Now Hiring, Positions-
**COMPUTER TRAINER-** BCA/MCA/ B.Tech (CS & Electrical),
**SPORTS COACH -** BPEd,
**DANCE TRAINER** BA in Dance (Kathak & Bharatanatyam),
**MUSIC TRAINER -** BA in Music,
**YOGA TRAINER -** MA/MSc/ Diploma in Yoga,
**ACADEMIC POSITIONS –** MA / MSc (any discipline)
Email:advithrecruitment@gmail.com,
Contact- Deepak Dongre (HR)
Mob.: 9131381341

See Career Appointment on every Wednesday & Saturday

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm
Contact Person: Mr. SK Ray, Mob. 9937222002. Interview Location:
Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar

# ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ସହରବାସୀ



ଗଞ୍ଜାମ,୨୧।୧୦(ଅଖିଳ ତରାଇ)

ଗଞ୍ଜାମ ଜିଲା ରମ୍ଭା ସହରର ପ୍ରବେଶ ଦ୍ୱାରରେ ଥିବା ମହାତ୍ମାଗାନ୍ଧିଙ୍କ ଦାଣ୍ଡିଯାତ୍ରା ମଣ୍ଡପରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ପ୍ରତି କେତେ ଜଣ ବାଣ ଦୋକାନୀ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି। ବ୍ୟବସାୟୀମାନେ ମଣ୍ଡପରେ ବାଉଁଶ କିଲା ଦେଇ ଦୋକାନକରିଥିଲେ। ଏହାକୁ ସହରବାସୀ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଐତିହାସିକ ସ୍ଥଳରେ ଜାତିରପିତା ମହାତ୍ମାଗାନ୍ଧିଙ୍କ ସହ ଅନ୍ୟ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ରହିଛି। ଏହି ମହାପୁରୁଷ ମାନଙ୍କ ପ୍ରତି ,ଭଳି ଅସମ୍ମାନ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ବାଣ ଦୋକାନ କରିବାକୁ କିଏ ଅନୁମତି ଦେଲା ସେନେଇ ଏବେ ଖୋଳତାଡ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଦିପାବଳୀ ପୂର୍ବରୁ ଏଠାରେ ବାଣ ବିସ୍ଫୋରଣ ହୋଇଥିଲା। ଏହି ଘଟଣା ଗଞ୍ଜାମ ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ପରିବେଶବିତ୍, ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ମହାପୁରୁଷଙ୍କ ପ୍ରତି ଅସମ୍ମାନ କାର୍ଯ୍ୟରେ ଯିଏ ଜଡିତ ଅଛନ୍ତି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

**ଲକର ଧାରକଙ୍କ ପାଇଁ ଖବରକାଗଜ ସୂଚନା**
**ଲକର ଭଡା ଦେୟ ଖିଲାପକାରୀ**

ଏହି ନୋଟିସ୍ ସେହି ଗ୍ରାହକଙ୍କ ପାଇଁ ଯେଉଁମାନେ ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡର ବିଭିନ୍ନ ଶାଖାରେ ଭଡାରେ ଲକର ନେଇଛନ୍ତି ଏବଂ ୩ ବର୍ଷରୁ ଅଧିକ ସମୟ ଧରି ଭଡା ଦେଇନାହାନ୍ତି।

ବ୍ୟାଙ୍କ ସମୟ ସମୟରେ ଗ୍ରାହକମାନଙ୍କୁ ଲକର ଭଡା ଦେବା ପାଇଁ ଅନେକ ନୋଟିସ୍ ପଠାଇଛି, କିନ୍ତୁ କୌଣସି ଉତ୍ତର ମିଳିନାହିଁ। ୭୦ ଦିନ ମଧ୍ୟରେ ଲକର ଭଡାର ବକେୟା ଦେୟ ଦେବାକୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଏହା ଚୂଡାନ୍ତ ନୋଟିସ୍ ଦିଆଯାଇଛି, ଯାହା ବିଫଳ ହେଲେ ବ୍ୟାଙ୍କ ଲକର ଭଡାଦାତାଙ୍କ ଖର୍ଚ୍ଚ, ବିପଦ ଏବଂ ଦାୟିତ୍ୱରେ ଲକର ଖୋଲିବାକୁ ଆଗକୁ ବଢିବ । ବକେୟା ଭଡା, ମୂଲ୍ୟ ଏବଂ ଅନ୍ୟାନ୍ୟ ଶୁଳ୍କ ଯଦି ଥାଏ ତେବେ ତାହା ଆଦାୟ ପାଇଁ ଆଇନଗତ ଭାବରେ ପଦକ୍ଷେପ ନେବାର ଅଧିକାର ବ୍ୟାଙ୍କ ସଂରକ୍ଷଣ କରେ ।

| କ୍ରମିକ ସଂଖ୍ୟା | ଶାଖା ନାମ | ଗ୍ରାହକ ନାମ | ଲକର ନମ୍ବର | ଲକର ସିରିଜ | ଲକର ଟାଇପ | ଓଭର ଡିଉ |
|---|---|---|---|---|---|---|
| ୧ | ନୟାପଲ୍ଲୀ | ରଶ୍ମିକାନ୍ତ ଲେଙ୍କା | ୪୭ | B03 | ମିଡିୟମ | ୦୧-୦୪-୨୦୧୭ |
| ୨ | ନୟାପଲ୍ଲୀ | ପରମଜିତ ସିଂହ | ୯ | D01 | ଏକ୍ସଟ୍ରା ଲାର୍ଜ | ୦୧-୦୪-୨୦୧୪ |
| ୩ | ନୟାପଲ୍ଲୀ | ଏମ ଭି ଏସ ଶେଖର | ୫ | C01 | ଲାର୍ଜ | ୦୧-୦୪-୨୦୧୪ |
| ୪ | ନୟାପଲ୍ଲୀ | ସୁମନ୍ତ ପାତ୍ର | ୧୮ | C01 | ଲାର୍ଜ | ୦୧-୦୪-୨୦୧୪ |
| ୫ | ନୟାପଲ୍ଲୀ | ଲିଙ୍ଗରାଜ ପାଣିଗ୍ରାହୀ | ୧୯ | C01 | ଲାର୍ଜ | ୦୧-୦୪-୨୦୧୪ |
| ୬ | ନୟାପଲ୍ଲୀ | ତପନ କୁମାର ବେହେରା | ୯ | B01 | ମିଡିୟମ | ୦୧-୦୪-୨୦୧୪ |
| ୭ | ନୟାପଲ୍ଲୀ | ଶକ୍ତି ପ୍ରସନ୍ନ ପରମଗୁରୁ | ୪୦ | B01 | ମିଡିୟମ | ୦୧-୦୪-୨୦୧୪ |
| ୮ | ନୟାପଲ୍ଲୀ | ରମେଶ ଚନ୍ଦ୍ର ବାରିକ | ୧୩ | B02 | ମିଡିୟମ | ୦୧-୦୪-୨୦୧୪ |
| ୯ | ନୟାପଲ୍ଲୀ | ସୁକଦେବ ମେହେର | ୨୬ | B02 | ମିଡିୟମ | ୦୧-୦୪-୨୦୧୬ |
| ୧୦ | ନୟାପଲ୍ଲୀ | ରଶ୍ମିତା କର | ୨୮ | B02 | ମିଡିୟମ | ୦୧-୦୪-୨୦୧୭ |
| ୧୧ | ନୟାପଲ୍ଲୀ | ସୌଭାଗ୍ୟଲକ୍ଷ୍ମୀ ନାୟକ | ୩୧ | B02 | ମିଡିୟମ | ୦୧-୦୪-୨୦୧୪ |
| ୧୨ | ନୟାପଲ୍ଲୀ | ଉତ୍ତମ ସିଂହ ବିଷ୍ଟ | ୭୨ | B03 | ମିଡିୟମ | ୦୧-୦୪-୨୦୧୯ |
| ୧୩ | ନୟାପଲ୍ଲୀ | ମୋହନ ରାଣା | ୮୯ | B03 | ମିଡିୟମ | ୦୧-୦୪-୨୦୧୪ |
| ୧୪ | ନୟାପଲ୍ଲୀ | ଦୁଷ୍ମନ୍ତ କୁମାର ଦାଶ | ୭ | B02 | ମିଡିୟମ | ୦୧-୦୪-୨୦୧୯ |
| ୧୫ | ନୟାପଲ୍ଲୀ | ବୋଧିସତ୍ତ୍ୱ ଦାସ | ୩୨ | B01 | ମିଡିୟମ | ୦୧-୦୪-୨୦୨୧ |

**ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ**
ଶାଖା ପରିଚାଳକ, ଏଚ୍. ଡି. ଏଫ୍. ସି ବ୍ୟାଙ୍କ ଲିମିଟେଡ୍
ନଂ A / ୬୨୧, ଫାଷ୍ଟ ଫ୍ଲୋର, ୟୁନିଟ୍ ନଂ ୮ ନୟାପଲ୍ଲୀ
ଭୁବନେଶ୍ୱର, ଓଡିଶା- ୭୫୧୦୧୨
ଯୋଗାଯୋଗ- ୯୩୩୭୧୬୯୬୧୨

ଏଚ୍ ଡି ଏଫ୍ ସି ବ୍ୟାଙ୍କ

# ଗାଁ ଦିବସରେ ସମ୍ବର୍ଦ୍ଧିତ ହେଲେ ନାଟ୍ୟକାର ପ୍ରମୋଦ



ନାଟ୍ୟକାର ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲିଗୁଡ଼ା,୨୧।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାକ୍ଷେତ୍ର ପକ୍ଷରୁ ସମଗ୍ର ରାଜ୍ୟରେ ଗାଁ ଦିବସ ପାଳନ କରାଯାଉଛି। କନ୍ଧମାଳ ଜିଲାରେ ପାଳିତ ଗାଁ ଦିବସରେ ବରିଷ୍ଠ ନାଟ୍ୟକାର ପ୍ରମୋଦ ଦଣ୍ଡସେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଞ୍ଚ ନାଟକ ରଚନା ଓ ନିର୍ଦ୍ଦେଶନା ସହିତ ନିଖୁଣ ଅଭିନୟ କରି ପ୍ରମୋଦ ବିଭିନ୍ନ ସ୍ଥାନରୁ ପ୍ରଶଂସା ସାଉଁଟିଛନ୍ତି। ମଙ୍ଗଳବାର ଗାଁ ଦିବସ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଭାଜପା ସମ୍ପାଦକ ଭଗବାନ ମହାନ୍ତି, ରାଷ୍ଟ୍ରୀୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ ମଣ୍ଡଳ, ଫୁଲବାଣୀ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କହ୍ମୋ, ଖଜୁରୀପଡ଼ାର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ବରିଷ୍ଠ କଳାକାର ଜଳେନ୍ଦ୍ର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର, ଓଡ଼ିଶାରେ ଥିବା ବ୍ୟାଙ୍କର ଷ୍ଟାଫ କ୍ୱାଟର୍ସରେ ୫ଟି ଫ୍ଲାଟ୍ ମିଳିତ ପରେ 4ଟି ଫ୍ଲାଟ୍‌ର ପୁନର୍ନିର୍ମାଣ (ସିଭିଲ୍ କାର୍ଯ୍ୟ) କାର୍ଯ୍ୟ ପାଇଁ ଯୋଗ୍ୟ** ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 03, 2025 ଅପରାହ୍ଣ 02:00 ଟା ଅଟେ ।

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ**
**SPORTS AUTHORITY OF INDIA**
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
(ମାନବ ସମ୍ବଳ ଡିଭିଜନ - II)
ମୁଖ୍ୟ କାର୍ଯ୍ୟାଳୟ, ଗେଟ୍ ନଂ. ୧୦ (ଇଷ୍ଟ ଗେଟ୍),
ଜବାହାରଲାଲ ନେହେରୁ ଷ୍ଟାଡିୟମ୍, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଏଫ୍.ନଂ. ୦୧-୦୪୦୦୧(୦୧)/୬/୨୦୨୧-ଏଚ୍‌ଓ-ପର୍ସୋନେଲ ଡିଭିଜନ — ତାରିଖ: ୦୭।୧୦।୨୦୨୫

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ ସାଇ ଲକ୍ଷ୍ମୀବାଈ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍ ନିମନ୍ତେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ) ଏସ୍‌ଏଆଇ ଲକ୍ଷ୍ମୀବାଈ ନ୍ୟାସନାଲ କଲେଜ ଅଫ୍ ଫିଜିକାଲ ଏଜୁକେଶନ, କାରିଆଭାଟ୍ଟୋମ୍, ଥିରୁଭାନନ୍ତପୁରମ୍‌ରେ ନିୟମିତ ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର (ଫିଜିକାଲ ଏଜୁକେଶନ) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛି । ୦୬ ଗୋଟି ପଦବୀ ଉପଲବ୍ଧ (୪– ଅଣସଂରକ୍ଷିତ, ୧–ଓବିସି, ୧–ଇଡବ୍ଲ୍ୟୁଏସ୍) । ଯୋଗ୍ୟ ଭାରତୀୟ ନାଗରିକମାନେ ସେଲ୍‌ଫ-ଆଟେଷ୍ଟେଡ୍ ପ୍ରମାଣପତ୍ର/ଦସ୍ତାବିଜ ଓ ପାସ୍‌ପୋର୍ଟ ଫଟୋଗ୍ରାଫ୍ ଦାଖଲ କରି କେବଳ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ତା୦୯।୧୦।୨୦୨୫ରିଖ (ପୂର୍ବାହ୍ନ ୧୦.୦୦ ଘଟିକା) ଠାରୁ ଆରମ୍ଭ ହେବ ଏବଂ ତା୦୮।୧୧।୨୦୨୫ରିଖ (ଅପରାହ୍ନ ୫.୦୦ ଘଟିକା)ରେ ବନ୍ଦ ହେବ । ପଦବୀଗୁଡ଼ିକର ସଂଖ୍ୟା ସାଙ୍କେତିକ ଅଟେ ଏବଂ ନିଯୁକ୍ତି ବାସ୍ତବିକ କାର୍ଯ୍ୟଭାର ଉପରେ ନିର୍ଭର କରିବ । ଯୋଗ୍ୟତା ୟୁଜିସି ରେଗୁଲେସନ୍ସ, ୨୦୧୮ ଅନୁଯାୟୀ ହେବ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ପ୍ରତ୍ୟାହାର କରିବାର ଅଧିକାର ଏସ୍‌ଏଆଇ ନିକଟରେ ସଂରକ୍ଷିତ । ସବିଶେଷ ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: www.sportsauthorityofindia.nic.in
cbc 47103/12/0015/2526




ମା' କାଳୀଙ୍କୁ ଆରାଧନା: ଖୋଡାସିଙ୍ଗି ଓ ଆଙ୍କୁଲି ଶିଳ୍ପାଞ୍ଚଳରେ ମା' କାଳୀଙ୍କ ପୂଜାର୍ଚ୍ଚନା। (ଫଟୋ:ସମୀର)

# ଶହୀଦଙ୍କ ବଳିଦାନ ବୃଥା ହେବ ନାହିଁ :ଆଇଜି

ବ୍ରହ୍ମପୁର, ୨୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**୬୬ ତମ ପୋଲିସ ଶହୀଦ ଦିବସ**



ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରିବାକୁ ଆଇଜି ଓ ଏସପି ଯାଉଛନ୍ତି।

ଆମ୍ବପୁଆ ସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ମଙ୍ଗଳବାର ୬୬ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୋଲିସ ଆରକ୍ଷୀ ମହାନିରୀକ୍ଷକ (ଆଇଜି)ନୀତି ଶେଖର ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେଠାରେ ସେ ଶହୀଦଙ୍କ ସ୍ମୃତିଚାରଣ କରି ସେମାନଙ୍କ ନାମ ପଠନ କରିଥିଲେ। କର୍ତ୍ତବ୍ୟରତ ପୋଲିସ ମାନେ ନିଜ ମାତୃଭୂମିର ରକ୍ଷା କରିବାକୁ ଯାଇ ଅନେକ ସ୍ଥାନରେ ନିଜ ଜୀବନକୁ ବଳିଦାନ ଦେଇଛନ୍ତି। ୨୦୨୪ ସେପ୍ଟମ୍ବର ୧ ତାରିଖରୁ ୨୦୨୫ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଭାରତରେ ୧୯୧ ଜଣ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି ବୋଲି ସେ କହିଛନ୍ତି। ସେମାନଙ୍କ ଏହି ବଳିଦାନ ବୃଥା ହେବ ନାହିଁ ବୋଲି ଆଇଜି କହିଛନ୍ତି। ସେମାନଙ୍କୁ ସମ୍ମାନ ଦେବା ସହିତ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ସଦାସର୍ବଦା କାର୍ଯ୍ୟ କରି ଆସୁଛନ୍ତି। ପୋଲିସ କର୍ମଚାରୀ ଦକ୍ଷତାର ସହିତ ଦାୟିତ୍ୱ ସମ୍ପାଦନ କରି ନିଜର ଜୀବନକୁ ମଧ୍ୟ ବଳିଦାନ ଦେଉଛନ୍ତି ବୋଲି ସେ କହିଥିଲେ। ଏହା ପରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣା ବିବେକ ଏମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ପୋଲିସ ଅଧିକାରୀମାନେ ଜନସାଧାରଣଙ୍କ ନିକଟତର ହୋଇ ସେବା ପ୍ରଦାନ କରିବାକୁ ହେବ । ପୋଲିସ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦେଶ ଓ ଜାତିର କଲ୍ୟାଣ ପାଇଁ ଆତ୍ମୋତ୍ସର୍ଗ କରିବା ଏକ ମହାନତାର ପରିଚୟ ବୋଲି ସେ କହିଥିଲେ। ଏହାସହିତ ପୋଲିସ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ନିଷ୍ଠାର ସହ କରିବାକୁ ଏସପି ପରାମର୍ଶ ଦେଇଥିଲେ । ଏହି ଅବସରରେ ଏଏସପି କୈଳାଶ ଚନ୍ଦ୍ର ବୁରୁଦା, ଆଲୋକ ଜେନା, ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡିଏସପି, ସମସ୍ତ ଏସଡ଼ିପିଓ ପୋଲିସ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ ଏବଂ ଜିଲାର ଥାନା ଅଧିକାରୀ ଗଣ ସମେତ ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି , ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋବରା ଗାନ୍ଧୀ ବାଞ୍ଛାନିଧି ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବେଲଗୁଣ୍ଠା,୨୧।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)




ଘୁମୁସର ମାଟିର ସ୍ୱାଧୀନତା ସଂଗ୍ରାମୀ ତଥା ଗୋବରା ଗାନ୍ଧୀ ଭାବେ ପରିଚିତ ବାଞ୍ଛାନିଧି ପଟ୍ଟନାୟକଙ୍କ ୧୨୫ ତମ ଜୟନ୍ତୀ ସ୍ମୃତି କମିଟି ଅଧ୍ୟକ୍ଷ କୁଞ୍ଜବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶ୍ରୀଅରବିନ୍ଦ ଶିକ୍ଷା ନିକେତନ, ବିଶ୍ୱଭାରତୀ, ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଗୋବରା ମୁଖ୍ୟ ସଡ଼କରେ ଥିବା ବାଞ୍ଛାନିଧି ପଟ୍ଟନାୟକ ଏବଂ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ ଭାରତୀ ପରିସରରେ ଏକ ସ୍ମୃତି ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ବାଞ୍ଛାନିଧି ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଏହା ସହିତ ଅଧ୍ୟାପକ ଡ. ସ୍ୱାଇଁ ବିଭିନ୍ନ ଶାସ୍ତ୍ର ଆଧାରରେ ଛାତ୍ରୀଛାତ୍ରଙ୍କୁ ଆଧାତ୍ମିକ ଏବଂ ନୈତିକ ଜୀବନ ଶୈଳୀ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ବାଞ୍ଛାନିଧି ପଟ୍ଟନାୟକଙ୍କ ନାତି ସୁଜାତ ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ବିଭୂପାଦ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ରାମକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭୂପାଦ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାଳ, ଗୋପାଳ ଚନ୍ଦ୍ର ଲେଙ୍କା, ନାଏବ ସରପଞ୍ଚ କାର୍ତ୍ତିକ୍ ପ୍ରଧାନ, ଶିକ୍ଷାବିତ ତ୍ରିଲୋଚନ ପ୍ରଧାନ, ଚନ୍ଦ୍ର ଶେଖର ପଣ୍ଡା, ବାବୁ ବେହେରା, ଅଧ୍ୟାପକ ଦିବ୍ଯଲୋଚନ ବିଶ୍ୱାଳ, ନଳିନୀ କାନ୍ତ ଶର୍ମା ଏବଂ ଡ.ରତ୍ନ ସାଗର ମଳିକ କାର୍ଯକ୍ରମ ପରିଚାଳନା କରିଥିଲେ।

# ସୌର ବିପ୍ଳବରେ ସାମିଲ ହେଲା ଭାଟକୁମରଡ଼ା ଗାଁ



ଭାଟକୁମରଡା ଗାଁରେ ଉଦଘାଟିତ ସୌର ପ୍ରକଳ୍ପ।

ବ୍ରହ୍ମପୁର,୨୧।୧୦(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଆଗ୍ରିଗେସନ (ୟୁଏଲଏ) ମଡେଲ ଅଧୀନରେ ସୌର ଶକ୍ତିକୁ ଆପଣେଇବା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଜିଲାର ପୁରୁଷୋତ୍ତମପୁର ଇଲେକ୍ଟ୍ରିକାଲ ଡିଭିଜନ ଅଧୀନସ୍ଥ ଭାଟକୁମରଡା ପଂଚାୟତର ପ୍ରଭାକର ବେହେରାଙ୍କ ଘରେ ୧କିଲୋୱାଟ କ୍ଷମତା ବିଶିଷ୍ଟ ରୁଫ ଟପ ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ ହୋଇଛି। ଏଥିରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସୌର ପ୍ୟାନେଲ ସ୍ଥାପନ ପୂରା ଗାଁ ପାଇଁ ଏକ ବିଶେଷ ସଫଳତା ଅଟେ, ଯେଉଁଠି ସୌର ଶକ୍ତିକୁ ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଉଛି। ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲଏ ମଡେଲ ଅଧୀନରେ ଭାଟକୁମରଡ଼ା ଗାଁର ପ୍ରାୟ ୨୨ଜଣ ଉପଭୋକ୍ତା, ପ୍ରତ୍ୟେକେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ପାଇଁ ୮,୭୪୭ଟଙ୍କା ଜମା କରିସାରିଛନ୍ତି। ତନ୍ମଧ୍ୟରୁ ୧୮ଜଣ ଉପଭୋକ୍ତାଙ୍କ ଘର ଛାତ ଉପରେ ଏକ କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ସଫଳତାର ସହ ହୋଇ ସାରିଛି। ଏଥିସହିତ ବଳକା ଥିବା ସ୍ଥାପନ ପ୍ରକ୍ରିୟା ଖୁବ ଶୀଘ୍ର ଶେଷ ହେବ। ଏହା ଗ୍ରାମୀଣ ଉପଭୋକ୍ତାଙ୍କୁ ଉଭୟ ସାମାଜିକ ଓ ଅର୍ଥନୈତିକ ସ୍ତରରେ ସଶକ୍ତ କରିବ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଭାରତର ସୌର ଯାତ୍ରାରେ ଦକ୍ଷିଣ ଓଡ଼ିଶାର ପ୍ରତିଟି ଘରକୁ ସାମିଲ କରିବା ହେଉଛି ଆମର ଲକ୍ଷ୍ୟ। ଭାଟକୁମରଡ଼ା ଗାଁର ଏହି ସଫଳତା ଦର୍ଶାଉଛି ଯେ କିଭଳି ଭାବେ ଗ୍ରାମୀଣ ଉପଭୋକ୍ତାମାନେ ସ୍ୱଚ୍ଛ ଏବଂ ସବୁଜ ଶକ୍ତିକୁ ଆପଣେଇବା ପାଇଁ ଉତ୍ସାହ ଓ ଆଗ୍ରହର ସହିତ ଇଚ୍ଛା ପ୍ରକାଶ କରୁଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଫୁଲବାଣୀ,୨୧।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ନୁଆପଦର ପଞ୍ଚାୟତ ରବିଙ୍ଗିଆ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ନୁଆପଦର ପଞ୍ଚାୟତ ଜାର୍ଗିପଡା ଗ୍ରାମର କାର୍ତ୍ତିକ ମଲିକ। ଗୁରୁତର ଜଣକ ତାଙ୍କ ସମ୍ପର୍କୀୟ ଭାଇ ଫିରୋଜ ମଲ୍ଲିକ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି, ଉଭୟେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍‌ରେ ନୂଆପଦରଠାରେ ଚାଲିଥିବା ଶ୍ୟାମାକାଳୀ ଯାତ୍ରା ଦେଖିବାକୁ ଯାଉଥିଲେ। ଏହି ସମୟରେ ମାଣିରପଡା–ନୂଆପଦର ରାସ୍ତାର ରବିଙ୍ଗିଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ସୁରକ୍ଷା ବାଡରେ ପିଟି ହୋଇଯାଇଥିଲେ । ଫଳରେ ପଛରେ ବସିଥିବା କାର୍ତ୍ତିକ ତଳେ ପଡିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ ଫିରୋଜ ଗୁରୁତର ହୋଇଥିଲେ। ସୂଚନା ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ନୂଆପଦର ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୃତକ କାର୍ତ୍ତିକଙ୍କ ମୃତଦେହକୁ ପୋଲିସ ଫିରିଙ୍ଗିଆ ମେଡିକାଲକୁ ଆଣି ପରେ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

# କଥାସାହିତ୍ୟର ପାଠକୀୟତା ଏବେ ବି ଅତୁଟ ରହିଛି

ବ୍ରହ୍ମପୁର,୨୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**'ସ୍ୱାଧୀନୋତ୍ତର ଓଡ଼ିଆ କଥା ସାହିତ୍ୟ : ବିନ୍ଦୁ ଓ ବିସ୍ତୃତି' ଆଲୋଚନାଚକ୍ର**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା–ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଧୀନୋତ୍ତର ଓଡ଼ିଆ କଥା ସାହିତ୍ୟ : ବିନ୍ଦୁ ଓ ବିସ୍ତୃତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଶିଷ୍ଟ ସମାଲୋଚକ ଡ. ଅଲେଖ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କଲେଜ ଅଧକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ.କୁଳମଣି ଓଝା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର ଡ. ଶରତ କୁମାର ଜେନା ଭିତ୍ତିପ୍ରବନ୍ଧ ଉପସ୍ଥାପକ, କଥାଶିଳ୍ପୀ ମନୋରଞ୍ଜନ ପାଣିଗ୍ରାହୀ, କବି ସୁଶାନ୍ତ ଦାସ ଓ ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଡ. ଆନନ୍ଦ ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥିଥିଲେ । ମୁଖ୍ୟବକ୍ତା ଡ. ଜେନା ସ୍ୱାଧୀନୋତ୍ତର ଓଡ଼ିଆ କଥା ସାହିତ୍ୟର ଉଭୟ ଅଙ୍ଗ ଓ ଆତ୍ମାକୁ ପ୍ରଭାବିତ କରିଥିବା ବିବିଧ ବୈଶିକ ପ୍ରସଙ୍ଗ ଓ କଥାସାହିତ୍ୟରେ ପ୍ରତିଫଳନ ଉପରେ କହିଥିଲେ। ମୁଖ୍ୟଅତିଥି ଡ. ପାଢ଼ୀ ଗତ ଶତାବ୍ଦୀ ଦିତୀୟାର୍ଦ୍ଧରେ ଇଂରାଜୀ ସାହିତ୍ୟର ପ୍ରଭାବ ଓଡ଼ିଆ ନାଟକକୁ ଦର୍ଶକ ଓ କବିତାକୁ ପାଠକମାନଙ୍କ ଠାରୁ ଦୂରେଇ ଦେଇଥିଲେ ମଧ୍ୟ କଥାସାହିତ୍ୟର ପାଠକୀୟତା ଏବେ ବି ଅତୁଟ ରହିଛି ବୋଲି କହିଥିଲେ । ସମ୍ମାନନୀୟ ଅତିଥି ଶ୍ରୀ ପାଣିଗ୍ରାହୀ କଥାସୃଷ୍ଟିର ସର୍ଜନାତ୍ମକ ଦିଗ ସଂପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ଡ. କୁଳମଣି ଓଝା ପାଠଚକ୍ର ପ୍ରସଙ୍ଗର ଆଭିମୁଖ୍ୟ ସଂପର୍କରେ କହିଥିଲେ । ପ୍ରଥମ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଫେସର ଡ. ସଦାନନ୍ଦ ନାୟକ ପୌରୋହିତ୍ୟ କରି ଓଡ଼ିଆ କଥା ପରମ୍ପରାରେ ଉତ୍ତର ସ୍ୱାଧୀନତା କଥା ସାହିତ୍ୟର ବ୍ୟାପ୍ତି ଓ ପ୍ରସାର ସମ୍ପର୍କରେ କହିଥିଲେ । ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟା ଡ. ଉଷାରାଣୀ ରଥ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର୍ ଡ. ସମୀର ଭୋଇ, ଭଞ୍ଜବିହାର ଓଡ଼ିଆ ବିଭାଗ ଅତିଥି ସହଯୋଗୀ ପ୍ରଫେସର ଡ. ବିଦ୍ୟୁତ ପ୍ରଭା ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ସୁଶାନ୍ତ କୁମାର ପରିଡ଼ା ବିବରଣୀ ପାଠ କରିଥିଲେ। ଡ. ଶାରଦା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅତିଥି ସହଯୋଗୀ ପ୍ରଫେସର ଡ. କୃଷ୍ଣପ୍ରସାଦ ମହାପାତ୍ର ପୌରୋହିତ୍ୟ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର ଡ. ଦେବୀପ୍ରସାଦ ଶତପଥୀ, ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଡ. ହୃଷୀକେଶ ପଣ୍ଡା, ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିପ୍ଳବ ରଞ୍ଜନ ପ୍ରଧାନ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ଟି. ସୀମାଞ୍ଚଳ ପାତ୍ର ଧନ୍ୟବାଦ ଦେଇଥିଲେ। ବିଭାଗର ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାର ଅଧ୍ୟାପକ, ଗବେଷକମାନେ ଯୋଗଦେଇଥିଲେ।

## ଯୁବକଙ୍କୁ ଗୋଡ଼ାଇ ହାଣିଲେ

ବ୍ରହ୍ମପୁର, ୨୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଧାନମେରା ସାହିରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଆହତ ଯୁବକ ଜଣଙ୍କ ଉକ୍ତ ସାହିର ନରୋତ୍ତମ ନାୟକ। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡ଼ିଛି। ଗୁରୁତରଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ସ୍ତ୍ରୀ ଅନିତା ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୋମବାର ଦୀପାବଳି ପାଇଁ ଧାନମେରା ସାହି ଚଳଚଞ୍ଚଳ ଥିଲା। ରାତ୍ର ପ୍ରାୟ ୧୧ ଟା ସମୟରେ ୩/୪ ଜଣ ଯୁବକ ହାତରେ ମାରଣାସ୍ତ୍ର ଧରି ନରୋତ୍ତମଙ୍କ ଘର ପାଖକୁ ଆସିଥିଲେ। ସେ କ'ଣ ହେଲା ବୋଲି ପଚାରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଚମ୍ପଟ ମାରିଥିଲେ।

## ତ୍ରିନାଥ ମିଶ୍ରଙ୍କ ଜୟନ୍ତୀ

ବ୍ରହ୍ମପୁର,୨୧।୧୦(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମହାନ ଜ୍ୟୋତିଷ ପଣ୍ଡିତ ସ୍ୱର୍ଗତ ତ୍ରିନାଥ ମିଶ୍ରଙ୍କ ୭୯ ତମ ଜୟନ୍ତୀ ବିଜିପୁର ସନ୍ତୋଷୀ ମା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତା ରୂପେ ଶିକ୍ଷାବିତ ପ୍ରଭାତ କୁମାର ମିଶ୍ର ଯୋଗ ଦେଇ ପଞ୍ଜିକାର ଲିଖନ ଗ୍ରହ ନକ୍ଷତ୍ରର ଗଣନା, ତିଥି ରାଶି ନକ୍ଷତ୍ରର ବର୍ଣ୍ଣନା କରି ମାନବ ଜୀବନରେ ଆବଶ୍ୟକତା ସମ୍ପର୍କରେ କହିଥିଲେ । ବିଜୟ କୁମାର ବେହେରା, ହିମାଂଶୁ କୁମାର ପଟ୍ଟନାୟକ, ବିଜୟ କୁମାର ବିଷୋୟୀ, ସମୀର କୁମାର ଆଚାର୍ଯ୍ୟ, ସଞ୍ଜୟ କୁମାର ମାଝୀ, ଉପସଭାପତି ପ୍ରମୋଦ କୁମାର ସାହୁ, ରାଜେନ୍ଦ୍ର ମହାନ୍ତି, ସମୀର କୁମାର ମହାନ୍ତି. ସନ୍ତୋଷ କୁ କୁମାର ମହାନ୍ତି. ରବିନାରାୟଣ ସାବତ ପ୍ରମୁଖ ସ୍ୱର୍ଗତ ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ନିର୍ଭୁଲ ଗଣନା ଓ ସମାଜରେ ଜ୍ୟୋତିଷ ଶାସ୍ତ୍ରର ପ୍ରସାର ପାଇଁ ଉଦ୍ୟମକୁ ପ୍ରଶଂସା କରିଥିଲେ ।

# ଅସହାୟଙ୍କ ମୁହଁରେ ହସ ଫୁଟାଇଲା ସବୁଜ ବାହିନୀ

ବ୍ରହ୍ମପୁର,୨୧।୧୦(ସ୍ମୃତି ରଞ୍ଜନ ମହାଲିକ)




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବାଣ ନୁହେଁ ହସ ଫୁଟାଇବା, ମିଠା ଖୁଆଇ ଖୁସି ବାଣ୍ଟିବା ନାରା ଦେଇ ସବୁଜ ବାହିନୀ ପକ୍ଷରୁ ସୋମବାର ସହର ଉପକଣ୍ଠ ଆମ୍ବଗଡ଼ ସ୍ଥିତ ଓମ ଜରା ନିବାସ ସେବାଶ୍ରମରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା । ସେବାଶ୍ରମରେ ରହୁଥିବା ବରିଷ୍ଠ ନାଗରିକ ସେମାନଙ୍କ ପରିବାର ସହିତ ଦୀପାବଳି ପାଳନ କରିବାରେ ବଞ୍ଚିତ ରହୁଥିବାରୁ ସଂଘ ଏଭଳି ପ୍ରୟାସ କରିଛି। ସଂଗଠନର ସଦସ୍ୟ ସେବାଶ୍ରମରେ ରହୁଥିବା ବୃଦ୍ଧା ବୃଦ୍ଧଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ,ପିଠାପଣା, ନୂତନ ବସ୍ତ୍ର ସହ ଭଜନ ସମାରୋହ ଓ ନାମ ଜପର ଆୟୋଜନ କରିଥିଲେ। ସଂଘ ପକ୍ଷରୁ ଗତ ପାଞ୍ଚ ବର୍ଷ ଧରି ବିଭିନ୍ନ ସେବାଶ୍ରମରେ ଏହା ଆୟୋଜନ କରାଯାଇଆସୁଅଛି। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସହଯୋଗ କରିଥିଲେ । ଦୀପାବଳୀରେ ବାଣ ଫୁଟାଇବା ଦ୍ୱାରା ବାୟୁର ଗୁଣବତ୍ତା ଖରାପ ହେବା ଯୋଗୁଁ ଜନସାଧାରଣଙ୍କୁ ଶ୍ୱାସରୋଗ,ଚର୍ମରୋଗ,ହୃଦରୋଗ ହେବା ସହ ପରିବେଶରେ ରହୁଥିବା ଅନେକ ନିରୀହ ଜୀବଜନ୍ତୁଙ୍କ ଜୀବନ ହାନୀ ହେଉଛି ବୋଲି ସଂଘର ଉପ ସଭାପତି ଏ ପ୍ରକାଶ କହିଛନ୍ତି। ସେହିପରି ସେବାଶ୍ରମର ପରିଚାଳନା ଦାୟିତ୍ୱରେ ଥିବା ମିନତୀ ରାଓ ବାଣ ନ ଫୁଟାଇ ଏଭଳି ଆୟୋଜନ କରାଯାଇଥିବାରୁ ଆଶ୍ରମର ରହୁଥିବା ବୃଦ୍ଧା ବୃଦ୍ଧ ଖୁସି ଅନୁଭବ କରିଥିବା କହିଛନ୍ତି। ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଗଣେଶ ପାଣିଗ୍ରାହୀ, ସହ ସମ୍ପାଦକ ଅନୀଲ ଚୌଧୁରୀ,ପି ବିନୋଦ,ପ୍ରବୀଣ ନାୟକ,ରବି ସାହୁ ଓ ଆକାଶ ରାଉତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିଭଳି ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର ପ୍ରସାଦ ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ ଓ ବହୁ ପରିବେଶ ପ୍ରେମୀ ଉପସ୍ଥିତ ଥିଲେ।

# ଅପରେଶନ ଅଗ୍ନି : ୯୧ ଲକ୍ଷ ଟଙ୍କାର ବାଣ ଜବତ

ଛତ୍ରପୁର,୨୧।୧୦( ଦିଲ୍ଲୀପ ସାମଲ)–

ଗଞ୍ଜାମ ପୋଲିସ ଜିଲା ପୋଲିସ ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଡ୍ରାଇଭ (ଅପରେଶନ ଅଗ୍ନି) କରାଯାଇଥିଲା। ଏହି ଅପରେଶନ ଅବଧିରେ ପୋଲିସ ୯୧ ଲକ୍ଷ ୭ହଜାର ଟଙ୍କାର ବାଣ ଜବତ କରିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏନେଇ ପୋଲିସ ଜିଲାର ବିଭିନ୍ନ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ବାଣ ବିକ୍ରି ଉପରେ ରୋକୋ ଲଗାଇବାକୁ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୦ ଯାଏ ଅପରେଶନ ଅଗ୍ନି ଚାଲିଥିଲା। ଏହି ଡ୍ରାଇଭ୍‌ରେ ପୋଲିସ ୧୩୮ ଜଣଙ୍କୁ ବିଏନ୍‌ଏସ୍‌ଏସ୍ ନୋଟିସ ଜାରି କରି ୨ ଜଣଙ୍କୁ ଗିରଫ କରିଥିଲା। ଗଞ୍ଜାମ ଜିଲା ଛତ୍ରପୁରରେ ଏନେଇ ୫ଟି ମାମଲା ରୁଜୁ କରାଯାଇ ଏହି ସମୟ ଅବଧିରେ ୩୭ ଲକ୍ଷ ଟଙ୍କାର ବାଣ ଜବତ ହୋଇଥିଲା। ସେହିପରି ଚମାଖଣ୍ଡି, ରମ୍ଭା, ଖଲ୍ଲିକୋଟ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ବେଗୁନିଆପଡା, ଆସିକା, ହିଞ୍ଜିଳିକାଟୁ ପାଟପୁର, ପୋଲସରା, ବେଲଗାଁ, ବଡଗଡ, ଜଗନ୍ନାଥପ୍ରସାଦ, ଧରାକୋଟ, ଶେରଗଡ଼ ଥାନା ପୋଲିସ ପକ୍ଷରୁ ବେଆଇନ ବାଣ କାରବାର ହେଉଥିବା ସ୍ଥାନଗୁଡିକରେ ବିଭିନ୍ନ ସମୟରେ ଚଢାଉ କରାଯାଇ ଲକ୍ଷଲକ୍ଷ ଟଙ୍କାର ବାଣ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଓ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। କେତେକ ସ୍ଥଳରେ ବେଆଇନ ବାଣ କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କୁ ପୋଲିସ ନୋଟିସ ଦେଇ ଛାଡିଥିବା ଜଣାପଡିଛି।

# ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୨୧।୧୦
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋଳନ୍ଥରା ଥାନା ଅଧୀନ ସୋରଳ ଛକ ୧୬ ନଂ. ଜାତୀୟ ରାଜପଥ କଡରେ ଜଣେ ଅଜଣା ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଗୋଳନ୍ଥରା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରିଚୟ ମିଳି ନ ଥିବା ଏହି ଯୁବକଙ୍କ କିଭଳି ମୃତ୍ୟୁ ଘଟିଲା ସେନେଇ ପୋଲିସ ତଦନ୍ତ କରୁଛି। ନଂ. ୪୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକଙ୍କ ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଛି।

# ପ୍ରଶାସନିକ ନିୟମକୁ ମାନିଲେନି, ବିଳମ୍ବିତ ରାତି ଯାଏ ଫୁଟିଲା ବାଣ

ବ୍ରହ୍ମପୁର,୨୧।୧୦(ସ୍ମୃତିରଞ୍ଜନ ମହାଲିକ)



ପରିବାର ଲୋକେ ଏକାଠି ହୋଇ ଦୀପାବଳି ପାଳୁଛନ୍ତି।

ସବୁଜ ଦୀପାବଳି ଓ ନିର୍ଦ୍ଦିଷ୍ଟ ସମୟ ଯାଏଁ ଆଲୋକର ପର୍ବ ଦୀପାବଳୀ ପାଳନ ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ପ୍ରଶାସନର ନିୟମକୁ ନ ମାନି ବିଳମ୍ବିତ ରାତ୍ରି ଯାଏଁ ସହରବାସୀ ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ଫୁଟାଉଥିଲେ। ଫଳରେ ଶବ୍ଦ ପ୍ରଦୂଷଣ ସମେତ ବାୟୁ ପ୍ରଦୂଷଣ ବୃଦ୍ଧି ପାଇଥିବା ସହରର ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୭ଟାରୁ ରାତ୍ରି ୯ ଯାଏଁ ବାଣ ଫୁଟାଇବା ଓ ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ବଦଳରେ ସବୁଜ ଦୀପାବଳୀ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ସନ୍ଧ୍ୟା ହେବା ମାତ୍ରେ ଉଚ୍ଚ ଶବ୍ଦ ବାଣରେ ସହର କମ୍ପିଥିଲା। କେହି ମଧ୍ୟ କଟକଣାକୁ ମାନି ନ ଥିଲେ। ଦୀପାବଳୀ ଦିନ ମଧ୍ୟ ବହୁ ଦୋକାନ ଗୁଡିକରେ ଉଚ୍ଚ ଶବ୍ଦ ବାଣ ବିକ୍ରି ହୋଇଥିଲା। ଯାହାକୁ ନେଇ କିଣିବାକୁ ସହରବାସୀଙ୍କ ଭିଡ ଜମିଥିଲା। ତେବେ ଆଲୋକର ପର୍ବ ଦୀପାବଳୀକୁ ନେଇ ବନ୍ଧୁ ବାନ୍ଧବ ପରସ୍ପର ମଧ୍ୟରେ ମିଠା ଖୁଆଇ ଆଡମ୍ବର ସହକାରେ ପାଳନ କରିଥିଲେ। ଛୋଟ ଶିଶୁମାନେ ବାଣ ଫୁଟାଇ ଖୁସି ମନାଇଥିଲେ। ସେହପରି ଅମାବାସ୍ୟାକୁ ନେଇ ସହରର ବହୁ ମନ୍ଦିରରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥିଲେ। ଗୋସାଣୀ ନୂଆଁ ଉତ୍ତରେଶ୍ୱର ମନ୍ଦିର ପରିସରରେ ଅପରାହ୍ନରୁ ସହର ସମେତ ଆଖପାଖର ଗ୍ରାମାଚଂଳ ବାସିନ୍ଦାଙ୍କ ମନ୍ଦିରରେ ଭିଡ ଜମିଥିଲା। ବଡ ବଡିଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ ଡାକରାରେ କାଉଁରିଆ କାଠି ଦେଖାଇ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥିଲେ। ଅନେକ ଲୋକ ଘରେ ବି ଡାଙ୍ଗ ଦେଖାଇ ବଡବଡୁଆଙ୍କୁ ଡାକିଥିବା ଦେଖାଯାଇଥିଲା। ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ଯବସ୍ଥା ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ୩ ଆହତ

ଆସିକା, ୨୧।୧୦ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ନିରାଳ ଗ୍ରାମରେ ସୋମବାର ରାତିରେ ଏକ ସଂଘବଦ୍ଧ ଆକ୍ରମଣ ଘଟିଛି। ଏଥିରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନିରାଳ ଗ୍ରାମର ନାରାୟଣ ମଣ୍ଡଳ(୪୦), ତାଙ୍କ ବାପା ଇନ୍ଦ୍ର ମଣ୍ଡଳ ଓ ଦାଦା ଚନ୍ଦ୍ର ମଣ୍ଡଳ। ଆହତମାନଙ୍କୁ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ନାରାୟଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନାରାୟଣଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତାଙ୍କ ବାପା ଓ ଦାଦା ମଧ୍ୟ ପଥର ମାଡ଼ରେ ଆହତ ହୋଇଛନ୍ତି। ତେବେ ମଙ୍ଗଳବାର ସୁଦ୍ଧା ଘଟଣା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ ହୋଇନାହିଁ । ପୂର୍ବ ଶତ୍ରୁତାକୁ ନେଇ ଏପରି ଆକ୍ରମଣ ହୋଇଥିବା ଏବଂ ଅଭିଯୁକ୍ତଙ୍କୁ ଗିରଫ ଲାଗି ଉଦ୍ୟମ ଜାରି ଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

### ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା ଦେଲା ମହାସଂଘ

ବାଲିଗୁଡା,୨୧।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ଜଣେ ମୃତ ଡ୍ରାଇଭରଙ୍କ ପରିବାରକୁ ଓଡ଼ିଶା ଡ୍ରାଇଭର ମହାସଂଘ ଆର୍ଥିକ ସହାୟତା ପ୍ରଦାନ କରିଛି। ଆଗାମୀ ଦିନରେ ସରକାରୀ ଜନକଲ୍ୟାଣ ଯୋଜନାରୁ ସହାୟତା ଯୋଗାଇ ଦେବାକୁ ମହାସଂଘ ପ୍ରତିଶ୍ରୁତି ଦେଇଛି। କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଏପରି ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶରେ କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତ୍ତିଗୁଡା ପଞ୍ଚାୟତର କୁତୁପାକିଆ ଗାଁର ଫିରଜ୍ ପ୍ରଧାନ ବର୍ଷେ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତ ମାସରେ ତାଙ୍କର ମୃତ୍ୟୁ ଘଟିଥିଲା। କ.ନୂଆଗାଁ ବ୍ଲକ ଓଡିଶା ଡ୍ରାଇଭର ମହାସଂଘ ସଭାପତି ଅନିଲ ସାହୁ, ସମ୍ପାଦକ ସଙ୍ଗୀତ ବେହେରା, କୋଷାଧକ୍ଷ କୈଳାସ ଆରୁଖଙ୍କ ନେତୃତ୍ୱରେ କ.ନୂଆଗାଁ ବ୍ଲକର ଓଡ଼ିଶା ଡ୍ରାଇଭର ମହାସଂଘ ସଦସ୍ୟମାନେ ୧୨ଟି ବ୍ଲକ ସଂଘରୁ ସହାୟତା ସଂଗ୍ରହ କରିଥିଲେ। ଏହାକୁ ସଂଘର ଜିଲା ସହ ସମ୍ପାଦକ ବୁଲୁ ମାଝୀ ମୃତ ପରିବାରଙ୍କୁ ଭେଟି ସଂଗୃହିତ ଟଙ୍କା ଓ ରାଜ୍ୟ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ମୃତ ଡ୍ରାଇଭର ଫିରଜଙ୍କ ପରିବାରକୁ ପ୍ରଦାନ କରିଥିଲେ।

### ରକ୍ତଦାନ ସେବା ସଂଘ ପାଳିଲା ଦିପାବଳୀ

ଗଞ୍ଜାମ,୨୧।୧୦(ବିଦ୍ୟାଧର ସାହୁ)

ଆଲୋକର ପର୍ବ ଦୀପାବଳିକୁ ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତର ରକ୍ତଦାନ ସେବା ସଂଘ ନିଆରା ଢଙ୍ଗରେ ପାଳନ କରିଛି। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ନୂଆପଲ୍ଲୀ କ୍ଲଷ୍ଟର ସମସ୍ତ ସ୍କୁଲରେ ଚାରାରୋପଣ କରାଯାଇ ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସରପଞ୍ଚ ରବୀନ୍ଦ୍ର ବେହେରା, ବଡଚକଡାର ୱାର୍ଡ ସଭ୍ୟ ଅଜୟ ସ୍ୱାଇଁ, ପୂର୍ବତନ ସିଆରସିସି ଅଶୋକ ବେହେରା, ଶିକ୍ଷାବିତ ସୁକ୍ତ ପ୍ରଧାନ, କାଳୁ ଚରଣ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଶଢ଼ିଲା ଆଳୁ ବିହନ

ଫୁଲବାଣୀ, ୨୧।୧୦(ରାକେଶ କୁମାର ରାଉତ):

କୃଷି ବିଭାଗ ଚାଷୀଙ୍କୁ ମାଗଣାରେ ବିଭିନ୍ନ ସମୟରେ ବିହନ ଯୋଗାଇ ଦେଉଛି । ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହା ବାଟମାରଣା ହେଉଥିବା ଖବର ଚର୍ଚ୍ଚାରେ ରହିଥାଏ । ଏବେ ଚାଷୀଙ୍କୁ ଦିଆଯିବାକୁ ଆସିଥିବା ଆଳୁ ବିହନ ଚାଷୀଙ୍କୁ ବଣ୍ଟାଯାଇ ପାରିନାହିଁ । ଯାହାଫଳରେ ଏସବୁ ଶଢ଼ି ନଷ୍ଟ ହୋଇଯାଇଛି । କନ୍ଧମାଳ ଜିଲା ଉଦ୍ୟାନ କୃଷି ବିଭାଗରେ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି।



ଶଢ଼ି ଯାଇଥିବା ଆଳୁ ବିହନ।

ଗତ ୨ ତାରିଖରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ୬୦୦ ବସ୍ତା ଆଳୁ ବିହନ ଆସିଥିଲା। ଚାଷୀଙ୍କୁ ଏହି ବିହନ ବଣ୍ଟାଗଲା ନାହିଁ ସମ୍ପୂର୍ଣ୍ଣ ଆଳୁ ବିହନକୁ ହେରଫେର କରିବା ଲାଗି ବିଭାଗୀୟ ଅଧିକାରୀଙ୍କ ମସୁଧା ଚାଲିଥିଲା । ଏହା ମଧ୍ୟରେ ପ୍ରାୟ ୫୦୦ ବସ୍ତା ଆଳୁ ବିହନ ପଚି ଶଢ଼ି ନଷ୍ଟ ହୋଇଗଲା । ଅନ୍ୟ ଉପାୟ ନ ପାଇ ବିଭାଗୀୟ କର୍ମଚାରୀମାନେ ଏହାକୁ ଅଳିଆ ଗଦାରେ ଫୋପାଡିବାରୁ ଘଟଣା ସାମ୍ନାକୁ ଆସିଛି। ସବୁ ବର୍ଷ ପରି ଚାଷୀ ଆଳୁ ବିହନକୁ ଅନାଇ ବସିଥିଲେ। ବିଭାଗ ନ ଦେବାରୁ ସେମାନେ ଚଢ଼ା ଦରରେ ବଜାରରୁ ବିହନ କିଣି ଲଗାଇଛନ୍ତି।

ଫୁଲବାଣୀ ବ୍ଲକ ଦାଡିକେଜୁ ଗ୍ରାମର ଚାଷୀ ସୁଦର୍ଶନ କଟା ଓ ବାଞ୍ଛାନିଧି ଦିଗାଲ କହିଛନ୍ତି, ବହୁ ବର୍ଷ ହେଲା ଆଳୁ ଚାଷ କରୁଛୁ । ଉଦ୍ୟାନ ବିଭାଗ ବିହନ ଦେଉଥିଲା । ଚଳିତବର୍ଷ ବିଲ ଚାଷ କରି ରଖାଯାଇଛି । ହେଲେ ଠିକ୍ ସମୟରେ ଆଳୁ ବିହନ ଦେଇନାହାନ୍ତି। ତେଣୁ ବାଧ୍ୟ ହୋଇ ବାହାରୁ ଅଧିକ ଦରରେ ଆଳୁ କିଣି ଲଗେଇଛୁ ବୋଲି ଚାଷୀ ଦ୍ୱୟ ପ୍ରକାଶ କରିଛନ୍ତି। ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସ୍ମିତା ମହାନ୍ତି କହିଛନ୍ତି, ଖରିଫ ଋତୁରେ ପୂର୍ବରୁ ଭଲ ବିହନ ଆସିଥିଲା। ଯାହା ଚାଷୀ ନେଇଛନ୍ତି। ଶେଷରେ ଯେଉଁ ବିହନ ଆସିଥିଲା ସେଥିରେ କିଛି ଖରାପ ରହିଥିଲା । ବିହନ ଯେଉଁଠୁ ଆସିଥିଲା, ଆମେ ତାଙ୍କୁ ଜଣାଇ ଦେଇଛୁ ସେମାନେ ତାହା ଫେରାଇ ନେବେ । ବିହନ ପାଉ ନ ଥିବା ନେଇ କେହି ଚାଷୀ ଆମ ପାଖରେ ଅଭିଯୋଗ କରି ନାହାନ୍ତି। ଯେଉଁ ଚାଷୀ ମଞ୍ଜି ନେବାକୁ ଆବେଦନ କରୁଛନ୍ତି, ଦେଉଛୁ ବୋଲି କହିଛନ୍ତି।

# ଚିକିଟି ଫାଣ୍ଡି ଆଗରେ ପୂର୍ବତନ ମନ୍ତ୍ରୀଙ୍କ ଧାରଣା



ଚିକିଟି,୨୧।୧୦(ପ୍ରକାଶ ଚନ୍ଦ୍ର ସାହୁ):

ଜଣେ ବିଜେଡି କର୍ମୀଙ୍କୁ ପୋଲିସ ବିନା କାରଣରେ ଉଠାଇ ନେଇଥିବା ଦର୍ଶାଇ ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଏବଂ ତାଙ୍କର ବହୁ ସମର୍ଥକ ମଙ୍ଗଳବାର ଚିକିଟି ଫାଣ୍ଡି ଆଗରେ ଧାରଣାରେ ବସି ରହିଥିଲେ। ସନ୍ଧ୍ୟାରେ ଗଞ୍ଜାମ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ଭୃଦା ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଦେଇ ଛାଡିବା ସହ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମନ୍ତ୍ରୀ ଓ ତାଙ୍କ ସମର୍ଥକମାନେ ଧାରଣାରୁ ଓହରିଛନ୍ତି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଜଣେ ସମର୍ଥକଙ୍କୁ ସୋମବାର କେତେଜଣ ବ୍ୟକ୍ତି ଧାନଘର ଛକରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ନେଇ ଚିକିଟି ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଚିକିଟି ଫାଣ୍ଡି ଅଧିକାରୀ ଏସ.ଏଇ ଗୌତମ ସାହୁ ମଙ୍ଗଳବାର ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜି. ଉମା ରେଡ୍ଡୀଙ୍କୁ ପୂର୍ବାହ୍ନ ପ୍ରାୟ ୧୧ଟାରୁ ଗାଁରୁ ଉଠାଇ ନେଇ ଫାଣ୍ଡିରେ ରଖିଥିଲେ। ଏହି ଖବର ପାଇବା ପରେ ପ୍ରତିବାଦ ଜଣାଇ ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଏବଂ ତାଙ୍କର ବହୁ ସମର୍ଥକ ଚିକିଟି ଫାଣ୍ଡି ସମ୍ମୁଖରେ ଧାରଣାରେ ବସିଥିଲେ। ଚିକିଟି ଏସଡିପିଓ ବିଶାମିତ୍ର ହରପାଲ, କେ. ନୂଆଗାଁ ଥାନା ଅଧିକାରୀ ସେଠାରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ବିନା କାରଣରେ ଉମା ରେଡ୍ଡୀଙ୍କୁ ପୋଲିସ ଉଠାଇ ନେବା ପ୍ରତିବାଦରେ ପୂର୍ବତନ ମନ୍ତ୍ରୀଙ୍କ ସମର୍ଥକମାନେ ନାରାରାଜି ଦେଇଥିଲେ। ପୋଲିସ ଭାଜପା ସରକାରଙ୍କ ଏଜେଣ୍ଟ ସାଜିଥିବା ଅଭିଯୋଗ କରିଥିଲେ। ଚିକିଟି ଅଞ୍ଚଳରେ ଗୁଣ୍ଡାରାଜ ଚାଲିଛି । ଚୋରି, ଡକାୟତି, ରାହାଜାନି ଓ ମଦ ବ୍ୟବସାୟ ବୃଦ୍ଧି ପାଇଥିଲେ ମଧ୍ୟ ପୋଲିସ ସେଥିପ୍ରତି ଦୃଷ୍ଟି ନଦେଇ ବିଧାୟକଙ୍କ ନିର୍ଦ୍ଦେଶରେ ରାଜନେତିକ ଆକ୍ରୋଶମୂଳକ ଭାବେ ଲୋକଙ୍କୁ ହଇରାଣ ହରକତ କରୁଥିବା ଉଷା ଦେବୀ ଅଭିଯୋଗ କରିଛନ୍ତି।

# କାର୍ ଧକ୍କାରେ ଜଣେ ମୃତ: ଚାଳକ, ସହଯୋଗୀଙ୍କୁ ନିସ୍ତୁକ ପିଟିଲେ ଗ୍ରାମବାସୀ

ଧରାକୋଟ,୨୧।୧୦
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)–

ଗଞ୍ଜାମ ଜିଲା ଧରାକୋଟ ଅଞ୍ଚଳରେ ମଙ୍ଗଳବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ କାରଚାଳକ ଓ କାରରେ ବସିଥିବା ବ୍ୟକ୍ତିମାନଙ୍କୁ କାବୁ କରି ମାଡ଼ ମାରିଛନ୍ତି। ଉକ୍ତ କାରଟି ପ୍ରଥମେ ଧରାକୋଟ ଥାନା ଅନ୍ତର୍ଗତ ବରଡ଼ାବିଲି ଗ୍ରାମ ଜାତୀୟ ରାଜପଥ ୫୯ରେ ଏକ ବାଇକ୍‌କୁ ଧକ୍କା ଦେଇ ଚାଲିଯାଉଥିବା ବେଳେ ସେଠାରୁ କିଛିଦୂର ଯାଇ ବରଡାବାଲି ଗ୍ରାମର କାଳୁ ଚରଣ ଗୌଡ(୭୦)ଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ବାଇକ୍ ଚାଳକ ଧରାକୋଟ ବ୍ଲକ ଅନ୍ତର୍ଗତ ସାବା ପଞ୍ଚାୟତ ମେଣ୍ଟିବାଉଁଶ ଗ୍ରାମର ବଳରାମ ନାୟକ (୬୦) ଓ ଉମୁରୁ ନାୟକ (୪୦) ଗୁରୁତର ହୋଇଥିଲେ। ବଳରାମ ଓ ଉମୁରୁ ନିଜ ଜମିରେ ଚାଷ କାମ କରିବାକୁ ବଳଦ କିଣିବା ପାଇଁ ସୋରଡ଼ା ଅଞ୍ଚଳକୁ ଯାଉଥିଲେ। ସେହିପରି ବରଡ଼ାବିଲି ଗ୍ରାମର



ଅଗ୍ନିଶମ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରୁଛନ୍ତି।

କାଳୁଚରଣ ଗୌଡ଼ ମଧ୍ୟ ଯାଉଥିବା ବେଳେ କାରଟି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ କାଳୁଚରଣ ମଧ୍ୟ ଗୁରୁତର ହୋଇଛନ୍ତି। ପରେ ଦୁର୍ଘଟଣା ଘଟାଇଥିବା କାରକୁ ଧରିବା ଲାଗି ଗ୍ରାମବାସୀ ପିଛା କରୁଥିବା ବେଳେ କାରଟି ସୋରଡ଼ା ଥାନା ଅନ୍ତର୍ଗତ ଲାଠିପଡା ଗ୍ରାମ ନିକଟରେ ପୁଣି ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ସେଠାରେ ଗ୍ରାମବାସୀ କାରକୁ ଅଟକାଇ ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ମାଡ଼ ମାରି ସୋରଡ଼ା ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷରେ କାର ଧକ୍କାରେ ଗୁରୁତର ହୋଇଥିବା ବଳରାମ ନାୟକଙ୍କ ଧରାକୋଟ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେରେ ମୃତ୍ୟୁ ଘଟିଛି। ୧୦୮ ଆମ୍ବୁଲାନ୍ସ ଦୁଇ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଗୁରୁତର ଉମୁରୁଙ୍କୁ ଦୁଇ ଘଣ୍ଟା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦୁର୍ଘଟଣା ସ୍ଥଳରେ ଧରାକୋଟ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣା ଗ୍ରସ୍ତ ବାଇକ୍ ନଂ. (ଓଡ଼ି ୩୨ ଏଚ୍–୧୯୨୭)କୁ ଧରାକୋଟ ପୋଲିସ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କାର (ଓଡ଼ି୧୭ଏସ୍–୭୭୯୯)ର ଡ୍ରାଇଭର ଭୁବନେଶ୍ୱର ସୁନ୍ଦରପଦାର ଶ୍ରୀତମ ସାହୁ ଓ ଅନିଲ ପାହାଡ଼ ସିଂଙ୍କୁ ସୋରଡା ପୋଲିସ ଧରାକୋଟ ପୋଲିସକୁ ହସ୍ତାନ୍ତର କରିଛି। କାରକୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଧରାକୋଟ ପୋଲିସ ଅଟକ ରଖିଛି। ସୂଚନାଯୋଗ୍ୟ, ଜାତୀୟ ରାଜପଥ ନଂ. ୫୯ର କାଳଷଣ୍ଢ ପୁରଠାରୁ ଖାରିଗୁମ୍ମା ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି. ରାସ୍ତା ଦୁର୍ଘଟଣାପ୍ରବଣ ହୋଇ ପଡ଼ିଛି । ଶନିବାର ଜାତୀୟ ରାଜପଥ ନଂ.୫୯ର ହନୁମାନଦାର ଓ ମୁଣ୍ଡମରାଇ ମଝି ରାସ୍ତାରେ ବାଇକ୍ ଧକ୍କାରେ ଜଣେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବନମାଳି ଗୌଡଙ୍କ ମୃତ୍ୟୁ ଘଟିଥିଲା।

# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣା
# ଅଭିଯୁକ୍ତ କୋର୍ଟ ଚାଲାଣ, ବାଇକ୍ ଜବତ

ଦାରିଙ୍ଗବାଡି,୨୧।୧୦(ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପରେ ଫୁଲବାଣୀସ୍ଥିତ ପୋକ୍‌ସୋ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଜୟନ୍ତ କୁମାର ସେଠୀ କହିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଦରିଙ୍ଗବାଡି ଥାନା ଅଞ୍ଚଳର ବାପି ପ୍ରଧାନ (୩୭) । ତାଙ୍କ ନାମରେ ଦାରିଙ୍ଗବାଡି ଥାନାରେ ପୋକ୍‌ସୋ ମାମଲା (ନଂ.୨୧୫ /୨୫ )ରୁଜୁ ହୋଇଛି । ବଳାକମାର ଘଟଣା ପରେ ଅଭିଯୁକ୍ତ ବାହାର ରାଜ୍ୟକୁ ଖସି ପଳାଉଥିବା ବେଳେ ପୋଲିସ ତାଙ୍କ ଫୋନକୁ ଟ୍ରାକ କରି କନ୍ଧମାଳ–ଗଞ୍ଜାମ ସୀମାରେ କାବୁ କରିଛି।

ଗତ ଶୁକ୍ରବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବାପି କହିଥିଲେ ଯେ, ତୁମ ପାଇଁ ଚପଲ କିଣିଦେବାକୁ ତୁମ ବାପା ମୋ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛନ୍ତି। ତାଙ୍କ କଥାରେ ବିଶ୍ୱାସ କରି ଛାତ୍ରୀ ଜଣଙ୍କ ବାପିଙ୍କ ସହ ତାଙ୍କ ବାଇକରେ ଯାଇଥିଲେ। ବାଟରେ ବାପି ଏକ ଜଙ୍ଗଲ ଭିତରକୁ ଛାତ୍ରୀଙ୍କୁ ନେଇ ମାରଣାସ୍ତ୍ର ଦେଖାଇ ବଳାତ୍କାର କରିଥିଲେ । ଗାଁକୁ ଫେରିବା ପରେ ପୀଡ଼ିତା ତାଙ୍କ ସମ୍ପର୍କୀୟ କେତେଜଣ ମହିଳାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସମ୍ପର୍କୀୟମାନେ ଶନିବାର ଏ ନେଇ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୋମବାର ସନ୍ଧ୍ୟାରେ ବାପିଙ୍କୁ କାବୁ କରିଥିଲା।

# ଛତ୍ରପୁରରେ ପୋଲିସ ଶହୀଦ ସ୍ମୃତି ଦିବସ



ଛତ୍ରପୁର ରିଜର୍ଭ ପୋଲିସ ପଡିଆଠାରେ ପ୍ୟାରେଡ ଚାଲିଛି।

ଛତ୍ରପୁର,୨୧।୧୦(ଦିଲୀପ ସାମଲ):

ଛତ୍ରପୁର ରିଜର୍ଭ ପୋଲିସ ପଡିଆଠାରେ ଗଞ୍ଜାମ ପୋଲିସ ଜିଲା ତରଫରୁ ୬୬ତମ ପୋଲିସ ଶହୀଦ ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଶହୀଦ ସ୍ମୃତି ସ୍ମାରକୀରେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ପରେ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଓଡିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ସହ ଅମର ଶହୀଦ ଯବାନମାନଙ୍କ ପ୍ରତି ରହିଥିବା ଶ୍ରଦ୍ଧାଞ୍ଜଳି ପଠନ କରାଯାଇଥିଲା। ପୋଲିସ ବାହିନୀ ନିଜ ପରିବାର କଥା ପଛରେ ପକାଇ ବିପଦ ସମୟରେ ଲୋକଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିଆସୁଛନ୍ତି। ଏହି କ୍ରମରେ ଜୀବନ ଉତ୍ସର୍ଗ କରିଥିବା ପୋଲିସ କର୍ମଚାରୀଙ୍କ ନାମ ଏସପି ପାଠ କରିବା ସହିତ ସେମାନଙ୍କ ବୀରତ୍ୱକୁ ପ୍ରଶଂସା କରିଥିଲେ । ସେହିପରି ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ଦାଶ, ସୀମା ସ୍ୱାଇଁ ଓ ଚିନ୍ମୟ କୁମାର ନାୟକ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ଗୌରଚାନ୍ଦ ତ୍ରିପାଠୀ, ସଂପାଦକ ସୁବାସ ଚନ୍ଦ୍ର ସେଠୀଙ୍କ ସମେତ ବହୁ ପୋଲିସ ଅଧିକାରୀ ମାନେ ଯୋଗଦେଇ ଶହୀଦ ମାନଙ୍କ ସ୍ମୃତିଚାରଣ କରିଥିଲେ । ରିଜର୍ଭ ଇନିସପେକ୍ଟର ଅମୁଲ୍ୟ କୁମାର ନାୟକ ପ୍ୟାରେଡକୁ ପରିଚାଳନା କରିଥିବା ବେଳେ ସରଜେଣ୍ଟ ବିକାଶ ସେନାପତି ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ସଚେତନତା

ରାମଗିରି,୨୧।୧୦(ବୃନ୍ଦାବନ ଗୌଡ଼)

ରାମଗିରି ଥାନା ପୋଲିସ ପକ୍ଷରୁ ଥାନାଧିକାରୀ ଡି. ଗଜପତି ଦୋରାଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ଏବେ ସମସ୍ତେ ଡିଜିଟାଲ୍ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ବ୍ୟବହାରକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧରୁ କିଭଳି ବର୍ତ୍ତି ହେବ ସେ ନେଇ ଏଏସଆଇ କେ. ଶଙ୍କର ସଚେତନ କରାଇଥିଲେ। ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକମେଲ୍ କରୁଥିବା ଓ ମାନସିକ ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପୋଲିସକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଥିବା ମଧ୍ୟ କୁହାଯାଇଥିଲା। ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା କାର୍ଯ୍ୟୀ, ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ପଟ୍ଟନାୟକ, ବାପଟିଷ୍ଟ ଚର୍ଚ୍ଚ ପାଳକ ଆଖିଶ୍ ପାଉଲ, ଡିକୋନ ଝିକରୀୟ ଲିମା, ପିଏମ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ଇଂରାଜୀ ଅଧ୍ୟାପକ ଅଞ୍ଜିତ କୁମାର ପରିଛା, ବୁଦ୍ଧିଜୀବୀ ରଘୁନାଥ ବଡମୁଣ୍ଡିଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଏବଂ ସ୍ଥାନୀୟ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

# ବେଆଇନ ମଦ ବିକ୍ରି ନେଇ ମହିଳାଙ୍କ ଅଭିଯୋଗ ପରେ ପୋଲିସର ଚଢ଼ାଉ

ମୋହନା,୨୧।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବାଦପୁର ଗ୍ରାମର ମହିଳାମାନେ ଗ୍ରାମରେ ଚାଲିଥିବା ବେଆଇନ ମଦ ବିକ୍ରିକୁ ବିରୋଧକରି ରବିବାର ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଓ ଅବକାରୀ ଟିମ୍ ଗ୍ରାମରେ ଚଢ଼ାଉ କରି ବିଭିନ୍ନ ସ୍ଥାନରେ ମଦ ରନ୍ଧାଯାଉଥିବା ଚୁଲିକୁ ଭାଙ୍ଗିଛନ୍ତି। ଏହାସହ ୧୫୦ ଲିଟରରୁ ଅଧିକ ମଦ ଓ ପୋଚ ଜବତକରି ନଷ୍ଟ କରିଛନ୍ତି। ପୋଲିସ ଚଢ଼ାଉ ସମ୍ପର୍କରେ ସୂଚନା ପାଇ ମଦ କାରବାର କରୁଥିବା ୩ଜଣ ଫେରାର ହୋଇଯାଇଛନ୍ତି। ବାଦପୁର ଗାଁରେ କିଛିବର୍ଷ ହେଲା ବେଆଇନ ମଦ ରନ୍ଧା ଓ ବିକ୍ରି ଚାଲିଥିଲା । ଗ୍ରାମର ମହିଳାମାନେ ଏହାକୁ ରୋକିବାକୁ ଚେଷ୍ଟାକରି ସଫଳ ହୋଇ ନ ଥିଲେ। ଶେଷରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ପୋଲିସ ଓ ଅବକାରୀ ଟିମ୍ ମିଳିତ ଭାବେ ଗାଁ ପାଖ ଜଙ୍ଗଲ ଓ କେତେଜଣ ଲୋକଙ୍କ ଘର ଉପରେ ଚଢ଼ାଉ କରି ମଦ ସହ ପୋଚ ଜବତ କରିଥିଲେ। ଏଥିସହ ମହିଳାମାନେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମରୁ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ସେମାନେ ରାସ୍ତାରୋକୋ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବାଣଫୁଟା ବେଳେ ୨ ଗୁରୁତର

ଆସିକା/ବୁଗୁଡା, ୨୧।୧୦ (ସୁରେନ୍ଦ୍ର ନାଥ ସାହୁ/ କାଳିଚରଣ ଦାଶ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ କମାଗଡ ଗ୍ରାମରେ ସୋମବାର ବାଣ ଫୁଟାଉଥିବା ବେଳେ ଜଣେ ନାବାଳକ (୯) ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ହୃଷିକେଶ ବେହେରା। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି । ସେହିପରି ବୁଗୁଡାରେ ବାଣ ଫୁଟାଇବା ବେଳେ ଅଘଟଣ ଘଟି ବୁଗୁଡା ବ୍ଲକ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣକ ହେଲେ ବେଲପୁର ଗ୍ରାମର ପ୍ରଭାକର ସ୍ୱାଇଁ। ଦୀପାବଳି ରାତିରେ ବେଲପୁର ଗ୍ରାମରେ ବାଣ ଫୁଟା ଚାଲିଥିବା ବେଳେ ପ୍ରଭାକର ଛିଡା ହୋଇ ଦେଖୁଥିଲେ। ଏହି ସମୟରେ ଏକ ବାଣ ଆସି ତାଙ୍କର ଅତି ନିକଟରେ ଫୁଟିଥିଲା। ଫଳରେ ସେ ଗୁରୁତର ହୋଇଥିଲେ।

# ଅନାଥ ଶିଶୁଙ୍କ ସହ ଦୀପାବଳି ପାଳିଲେ ଜିଲାପାଳ



ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କ ସହ ଜିଲାପାଳ ମଧୁମିତା।

ପାରଳାଖେମୁଣ୍ଡି,୨୧।୧୦(ଗିରିଧାରୀ ପରିଚ୍ଛା)

ଆଲୋକର ପର୍ବ ଦୀପାବଳି ଗଜପତି ଜିଲାରେ ଆନନ୍ଦ ଉଲ୍ଲାସର ସହ ସୋମବାର ପାଳିତ ହୋଇଛି। ତେବେ ଜିଲାପାଳ ମଧୁମିତା ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ସେଠାରେ ଶିଶୁମାନଙ୍କ ସହ ଦୀପାବଳି ପାଳନ କରିଛନ୍ତି। ଜିଲାପାଳ ବାଳାଶ୍ରମରେ ପହଞ୍ଚି ପ୍ରଥମେ ପିଲାମାନଙ୍କ ଭଲମନ୍ଦ ବୁଝିବା ସହ ଅନୁଷ୍ଠାନର ବିଭିନ୍ନ କକ୍ଷ ପରିଦର୍ଶନ କରିଥିଲେ। ଉକ୍ତ ଆଶ୍ରମରେ ୫୦ ଝିଅ ରହୁଥିବା ବେଳେ ୨୬ ଜଣ ପୁଅ ରହୁଛନ୍ତି। ପରେ ଶିଶୁମାନଙ୍କ ଗହଣରେ ରହି ଜିଲାପାଳ ସେମାନଙ୍କ ନାଚଗୀତ ଦେଖିବା ସହ ପିଲାମାନଙ୍କୁ ମିଷ୍ଟାନ୍ନ ଖୁଆଇଥିଲେ। ପରେ ସେ ପିଲାଙ୍କ ସହ ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ। ଜିଲାପାଳଙ୍କୁ ପାଖରେ ପାଇ ବାଳାଶ୍ରମର ଅନ୍ତେବାସୀ ବେଶ୍ ଖୁସି ହୋଇଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ସୁରକ୍ଷା ଅଧିକାରୀ ଡମ୍ବରୁଧର ବଳବନ୍ତ ଏବଂ ଉତ୍କଳ ବାଳାଶ୍ରମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବେଆଇନ ବାଣ ଦୋକାନରେ ଚଢ଼ାଉ, ୩ ଗିରଫ

ଆସିକା, ୨୧।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା–ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର ନଳବଣ୍ଟା ଗ୍ରାମରେ ଥିବା ବେଆଇନ ବାଣ ଦୋକାନରେ ସୋମବାର ମଧ୍ୟାହ୍ନରେ ଆସିକା ପୋଲିସ ଚଢ଼ାଉ କରିଛି। ପୋଲିସକୁ ଦେଖି ବହୁ ଦୋକାନୀ ଦୋକାନ ଛାଡ଼ି ଚାଲିଯାଇଥିଲେ। ତେବେ ଏହି ସମୟରେ ପୋଲିସ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଛି । ପୋଲିସ ପକ୍ଷରୁ ଆସିକା ଥାନାରେ ନଂ.୬୦୪, ୬୦୫ ଓ ୬୦୬/୨୫ରେ ୩ଟି ପୃଥକ୍ ପୃଥକ୍ ମାମଲା ରୁଜୁ ହୋଇଛି । ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫକରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

# ଶହୀଦଙ୍କୁ ମନେପକାଇଲେ ଏସ୍‌ପି
## ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣକରି ସ୍ମୃତିଚାରଣ କଲେ



ଏସ୍‌ପି ଜଣେ ଶହୀଦ ଯବାନଙ୍କ ପରିବାରକୁ ସମ୍ମାନିତ କରୁଛନ୍ତି।

ପାରଳାଖେମୁଣ୍ଡି,୨୧।୧୦
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପୋଲିସ ପକ୍ଷରୁ ୬୬ତମ ଶହୀଦ ସ୍ମୃତିଚାରଣ ଦିବସ–୨୦୨୫ ସୋମବାର ବେତାଗୁଡ଼ାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣକରି ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ୧୯୫୯ ମସିହା ଆଜିର ଦିନରେ ଲଦାଖ୍ ସୀମାରେ ଚାଇନାର ପିପୁଲ୍ସ ଲିବରେଶନ ଫ୍ରଣ୍ଟର ଅତର୍କିତ ଗୁଳି ଚାଳନାରେ ଦେଶପାଇଁ ୧୦ ଯବାନ ଶହୀଦ ହୋଇଥିଲେ। ସେବେଠାରୁ ଅକ୍ଟୋବର ୨୧କୁ ପ୍ରତିବର୍ଷ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ଶହୀଦ ଯବାନମାନଙ୍କ ସ୍ମୃତିଚାରଣ କରି ଏହି ଦିବସ ପାଳିତ ହେଉଛି। ପୋଲିସ କାର୍ଯ୍ୟାଳୟରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏସ୍‌ପି ଶହୀଦ ପରିବାରବର୍ଗଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ବାର୍ତ୍ତା ପାଠ କରାଯାଇଥିଲା। ଜିଲା ପୋଲିସର ବହୁ ବରିଷ୍ଠ ଅଧିକାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ୟାମ୍ ମେଟାଲିକ୍ସର 'ଭିଜନ ୨୦୩୧' ଘୋଷଣା

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଶ୍ୟାମ୍ ମେଟାଲିକ୍ସ ଏବଂ ଏନର୍ଜି ଲିମିଟେଡ୍ (ଏସ୍‌ଏମ୍‌ଇଏଲ୍) ପକ୍ଷରୁ 'ଭିଜନ ୨୦୩୧' ଘୋଷଣା କରାଯାଇଛି। ଭିଜନ ୨୦୩୧ ସ୍ଥାୟୀ, ମୂଲ୍ୟଚାଳିତ ଏବଂ ପୁଞ୍ଜି-ଦକ୍ଷ ଅଭିବୃଦ୍ଧି ଉପରେ ଆଧାରିତ। ଏସ୍‌ଏମ୍‌ଇଏଲ୍ ସ୍ପେଶାଲିଟି ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ଫ୍ଲାଟ୍ ଉତ୍ପାଦ ଏବଂ ଆଲୁମିନିୟମ୍ ସମେତ ଡାଉନ୍‌ଷ୍ଟ୍ରିମ ଏବଂ ଉଚ୍ଚ ମୂଲ୍ୟଯୁକ୍ତ କ୍ଷେତ୍ରଗୁଡ଼ିକରେ ବିସ୍ତାରକରି ଏହାର ସମନ୍ୱିତ ବ୍ୟବସାୟ ମଡେଲକୁ ସୁଦୃଢ଼ କରିବାକୁ ଯୋଜନା କରୁଛି। ଏହି ପଦକ୍ଷେପଗୁଡ଼ିକ ପ୍ରତିରକ୍ଷା, ଇଞ୍ଜିନିୟରିଂ, ରେଳବାଇ ଏବଂ ରିଅଲ ଇଷ୍ଟେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏସ୍‌ଏମ୍‌ଇଏଲ୍‌ର ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ଡିଜାଇନ କରାଯାଇଛି। ନିବେଶ କରାଯାଇଥିବା ପୁଞ୍ଜି ଉପରେ ରିଟର୍ନକୁ ଉନ୍ନତକରିବା ଏବଂ କାର୍ଯ୍ୟାନ୍ୱୟନ ବିପଦକୁ କମ୍ କରିବା ପାଇଁ କମ୍ପାନୀ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ବ୍ରାଉନ୍‌ଫିଲ୍ଡ ସମ୍ପ୍ରସାରଣକୁ ବ୍ୟବହାର କରିବ। କ୍ଷମତା ବିସ୍ତାର, ଉତ୍ପାଦ ମିଶ୍ରଣ ବୃଦ୍ଧି ଏବଂ ରପ୍ତାନି ବିବିଧତା ଦ୍ୱାରା ଚାଳିତ ଏସ୍‌ଏମ୍‌ଇଏଲ୍ ୨୦୩୧ ସୁଦ୍ଧା ଟପ୍‌ଲାଇନରେ ୨.୫ ଗୁଣ ବୃଦ୍ଧି କରି ୪୦୦ ବିଲିୟନ ଟଙ୍କାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏହାର ସାମଗ୍ରିକ କ୍ଷମତାକୁ ୧୫ ନିୟୁତ ଟନ୍‌ରୁ ୨୭ ନିୟୁତ ଟନ୍‌କୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ସମ୍ପ୍ରସାରଣ ପରେ ଏସ୍‌ଏମ୍‌ଇଏଲ୍ କାର୍ଯ୍ୟକ୍ଷମ ଲିଭରେଜ ଏବଂ ଉନ୍ନତ ଉତ୍ପାଦ ମୂଲ୍ୟ ପ୍ରାପ୍ତି ଦ୍ୱାରା ୨୦୦ରୁ ୩୦୦ ବେସିସ୍ ପଏଣ୍ଟର ଏବିଟା ମାର୍ଜିନ୍ ଉନ୍ନତି ଆଶା କରୁଛି। ଅଭିବୃଦ୍ଧି କାର୍ଯ୍ୟକ୍ରମ ୧୦ ହଜାରରୁ ଅଧିକ ନୂତନ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ମୋଟ ନିଯୁକ୍ତିକୁ ପ୍ରାୟ ୨୭,୫୦୦ କରିବ ଏବଂ ରପ୍ତାନି ରାଜସ୍ୱକୁ ୧୫୦ ନିୟୁତ ୟୁଏସ୍ ଡଲାରରୁ ୩୦୦ ନିୟୁତ ୟୁଏସ୍ ଡଲାରରେ ପରିଣତ କରିବ। ଷ୍ଟେନ୍‌ଲେସ୍ ଷ୍ଟିଲରେ, ଏସ୍‌ଏମ୍‌ଇଏଲ୍ ଟ୍ୟୁବ୍, ଉପକରଣ, ପ୍ରତିରକ୍ଷା ଏବଂ ରେଳପଥରେ ଅଧିକ ଚାହିଦା ଡାଉନ୍‌ଷ୍ଟ୍ରିମ ପ୍ରୟୋଗଗୁଡ଼ିକୁ ଲକ୍ଷ୍ୟକରି ଏହାର ବର୍ତ୍ତମାନର ଫ୍ଲାଟ୍ ଉତ୍ପାଦ କ୍ଷମତାର ୬.୫ ଗୁଣ ହାସଲ କରିବାକୁ ଯୋଜନା କରୁଛି।

# ୭.୭ ବିଲିୟନ ଡଲାର ବିକ୍ରିକଲା ଆର୍‌ବିଆଇ

## ଡଲାର ତୁଳନାରେ ମୁଦ୍ରା ମୂଲ୍ୟ ହ୍ରାସ ରୋକିବାକୁ ପଦକ୍ଷେପ

ଭୁବନେଶ୍ୱର,୨୧।୧୦

ଗତ କିଛି ମାସରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ବହୁତ କମିଛି। ଏହା ଅନେକ ଥର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏହି ମୂଲ୍ୟ ହ୍ରାସ ଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇଛି। ଏହାକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନେକ ପଦକ୍ଷେପ ନେଇଛି।

ଆର୍‌ବିଆଇ ଅଗଷ୍ଟ ମାସରେ ୭.୭ ବିଲିୟନ ଡଲାର ବିକ୍ରି କରିଥିଲା, ଯାହା ଜୁଲାଇ ମାସ ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ଏହା ମୁଦ୍ରାର ମୂଲ୍ୟ ହ୍ରାସ ରୋକିବା ଓ ବିନିମୟ ହାରରେ ଅସ୍ଥିରତା ନିୟନ୍ତ୍ରଣ କରିବା ପାଇଁ କରାଯାଇଥିଲା। ଆର୍‌ବିଆଇ କହିଛି, ସେମାନେ ମୁଦ୍ରା-ଡଲାର ବିନିମୟ ହାରକୁ କୌଣସି ନିର୍ଦ୍ଦିଷ୍ଟ ସ୍ତରରେ ରଖନ୍ତି ନାହିଁ। ମାତ୍ର ବିଦେଶୀ ମୁଦ୍ରା ବଜାରରେ ଅତ୍ୟଧିକ ପରିବର୍ତ୍ତନ ହେଲେ ସେମାନେ ହସ୍ତକ୍ଷେପ କରନ୍ତି। ବ୍ୟବସାୟିକ ସମସ୍ୟା, ବିଶ୍ୱବ୍ୟାପୀ ଅନିଶ୍ଚିତତା ଓ ବିଦେଶୀ ନିବେଶର ପ୍ରବାହ କମିବା ଦ୍ୱାରା ଅଗଷ୍ଟ ଓ ସେପ୍ଟେମ୍ବରରେ ମୁଦ୍ରାର ମୂଲ୍ୟ ବହୁତ କମିଥିଲା। ଅକ୍ଟୋବର ୨୦ରେ ବିଦେଶୀ ନିବେଶକଙ୍କ କିଣାବିକା ଓ କଞ୍ଚା ତୈଳର ମୂଲ୍ୟ କମିବା ଯୋଗୁ ମୁଦ୍ରା ୯ ପଇସା ବଢ଼ି ୮୭.୯୩ରେ ବନ୍ଦ ହୋଇଥିଲା। ଭାରତୀୟ ଶେୟାର ବଜାରରେ ଭଲ ପ୍ରଦର୍ଶନ ମଧ୍ୟ ମୁଦ୍ରାକୁ ସାହାଯ୍ୟ କରିଥିଲା। ଏକ୍ସଚେଞ୍ଜ ବଜାରରେ ମୁଦ୍ରା ୮୭.୯୪ରେ ଖୋଲିଥିଲା ଓ ଦିନ ମଧ୍ୟରେ ୮୭.୭୪ ଓ ୮୭.୯୪ ମଧ୍ୟରେ ରହିଥିଲା। ଶେଷରେ ଏହା ୮୭.୯୩ରେ ବନ୍ଦ ହୋଇଥିଲା, ଯାହା ଶୁକ୍ରବାରର ୮୮.୦୨ ତୁଳନାରେ ୯ ପଇସା ଅଧିକ ଥିଲା। ଏହାସହ ଡଲାର ସୂଚକାଙ୍କ ୦.୧% ବଢ଼ି ୯୮.୫୩ରେ ପହଞ୍ଚିଥିଲା। ବିଶ୍ୱବ୍ୟାପୀ ତୈଳ ମୂଲ୍ୟ (ବ୍ରେଣ୍ଟ କ୍ରୁଡ୍) ୦.୩୬% କମି ପ୍ରତି ବ୍ୟାରେଲ ୬୧.୦୭ ଡଲାର ହୋଇଥିଲା।

# ଇ-କମର୍ସ ବଜାରରେ ୨୪% ଅଧିକ ଅର୍ଡର

## ୨୩% ଜିଏମଭି ବୃଦ୍ଧି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦୀପାବଳି ଅବସରରେ ଲୋକମାନେ ବହୁତ କିଣାବିକା କରିଛନ୍ତି। ଜିଏସଟି ସଂସ୍କାର ଯୋଗୁଁ ଏହି ବର୍ଷ ଅର୍ଡର ବହୁତ ବଢ଼ିବ ବୋଲି ଆକଳନ କରାଯାଉଥିଲା। ୨୦୨୫ ଦୀପାବଳି ଅବସରରେ ଭାରତର ଇ-କମର୍ସ ବଜାରରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଛି। ଇ-କମର୍ସ ପ୍ଲାଟଫର୍ମ ୟୁନିକମର୍ସ କହିଛି, ଏହି ସମୟରେ ଅର୍ଡର ପରିମାଣ ୨୪% ଓ ମୋଟ ବ୍ୟବସାୟ ମୂଲ୍ୟ (ଜିଏମଭି) ୨୩% ବୃଦ୍ଧିପାଇଛି। କ୍ୱିକ କମର୍ସ ଆପଗୁଡ଼ିକ ଏଥିରେ ସବୁଠୁ ବଡ଼ ଭୂମିକା ନେଇଛି। ଏହାର ଅର୍ଡର ପରିମାଣ ଗତ ବର୍ଷ ତୁଳନାରେ ୧୨୦% ବଢ଼ିଛି। ବ୍ରାଣ୍ଡ ୱେବସାଇଟ୍ ଗୁଡ଼ିକରେ ୩୩% ବୃଦ୍ଧି ହୋଇଛି। ମାର୍କେଟପ୍ଲେସ ପ୍ଲାଟଫର୍ମଗୁଡ଼ିକ ମୁଖ୍ୟ ଚ୍ୟାନେଲ ହିସାବରେ ରହିଛି, ଯେଉଁଠାରେ ମୋଟ କିଣାବିକାର ୩୮% ହୋଇଛି ଓ ଅର୍ଡର ପରିମାଣ ୮% ବଢ଼ିଛି। ୨୦୨୪ ଓ ୨୦୨୫ରେ ୨୫ ଦିନିଆ ପାର୍ବଣ ସମୟରେ ୟୁନିକମର୍ସର ମୁଖ୍ୟ ପ୍ଲାଟଫର୍ମ ୟୁନିୱେୟାର (ୟୁନିୱେୟାର) ମାଧ୍ୟମରେ ୧୫ କୋଟିରୁ ଅଧିକ ଲେଣଦେଣ ହୋଇଛି। ନିତ୍ୟବ୍ୟବହାର୍ଯ୍ୟ ଜିନିଷ (ଏଫଏମସିଜି), ଘର ସଜାଇବା ଓ ଆସବାବପତ୍ର, ସୌନ୍ଦର୍ଯ୍ୟ ଓ ଯତ୍ନ ଜିନିଷ, ଏବଂ ସ୍ୱାସ୍ଥ୍ୟ ଓ ଔଷଧୀୟ ଜିନିଷ ସବୁଠୁ ଅଧିକ ବିକ୍ରି ହୋଇଛି। ମୋଟ ଅର୍ଡରରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକର ଅଂଶ ୫୫% ରହିଛି। ୟୁନିକମର୍ସ କହିଛି, ୨୦୨୫ ଦୀପାବଳି ତ୍ୟୋହାର ଭାରତୀୟ ଇ-କମର୍ସ କ୍ଷେତ୍ର ପାଇଁ ବେଶ ସଫଳ ରହିଲା।

# ସ୍ମାଇଲ୍ ଗୋଲ୍ଡର ୧୩ ବିଜେତା ପୁରସ୍କୃତ




ଭୁବନେଶ୍ୱର,୨୧।୧୦

ଭୁବନେଶ୍ୱରର ଅଳଙ୍କାର ପ୍ରତିଷ୍ଠାନ 'ସ୍ମାଇଲ୍ ଗୋଲ୍ଡ' ପକ୍ଷରୁ ୧୩ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ପୁରସ୍କୃତ କରାଯାଇଛି। ନିକଟରେ ଅନୁଷ୍ଠିତ ଲକି ଡ୍ର କାର୍ଯ୍ୟକ୍ରମର ପ୍ରଥମ ବିଜେତା ଶହୀଦନଗରର ବାପୁଜୀ ନାୟକଙ୍କୁ ଏକ ଟିଭିଏସ୍ ଜୁପିଟର ସ୍କୁଟର ପ୍ରଦାନ କରାଯାଇଛି। ଏହା ସହ ଜଣଙ୍କୁ ଏଲ୍‌ଇଡି ଟିଭି, ଜଣଙ୍କୁ ରେଫ୍ରିଜେରେଟର ଏବଂ ୫ ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର ଉପହାର ଦିଆଯାଇଥିବା ସ୍ମାଇଲ୍ ଗୋଲ୍ଡର ମାଲିକ ବାବୁରାମ୍ ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଫି ଇନ୍‌ଫିନିଟି ସ୍ପେସେସ୍‌ର ୩୭୦୦ କୋଟିର ଆଇପିଓ ପାଇଁ ଆବେଦନ

ଭୁବନେଶ୍ୱର,୨୧।୧୦

ଭାରତର ପ୍ରଥମ ଡାଟା ସେଣ୍ଟର ସିଫି ଇନ୍‌ଫିନିଟି ସ୍ପେସେସ୍ ସେବିରେ ଡିଆର୍‌ଏଚ୍‌ପି ଦାଖଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩୭୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଇସ୍ୟୁରେ କମ୍ପାନୀ ୨୫୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବ ଓ ଏହାର ଅଂଶଧନକାରୀ ୧୨୦୦ କୋଟି ଟଙ୍କାର ଶେୟାରକୁ ଅଫର ଫର୍ ସେଲ୍‌ରେ ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ କୋଟକ ଡାଟା ସେଣ୍ଟର ଫଣ୍ଡ ୬୪୩ କୋଟି ଟଙ୍କା ଓ କୋଟକ ସ୍ପେଶିଆଲ ସିଚୁଏସନ୍ସ ଫଣ୍ଡ ୫୫୭ କୋଟି ଟଙ୍କାର ଇକ୍ୱିଟି ଶେୟାର ବିକ୍ରି କରିବେ। ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ସହ ଆଲୋଚନାକରି ସିଫି ଇନ୍‌ଫିନିଟି ସ୍ପେସେସ୍ ପକ୍ଷରୁ ୫୦୦ କୋଟି ଟଙ୍କାର ପ୍ରାକ୍-ଆଇପିଓ ପ୍ଲେସମେଣ୍ଟ କରାଯିବ।

# ୩୬୭ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଯୋଜନା, ୨୪ ଘଣ୍ଟିଆ ନିରୀକ୍ଷଣ

## ପାର୍ବଣ ଭିଡ଼ ଏଡ଼ାଇବାକୁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ଦଶହରା ଓ ଦୀପାବଳି ଆଦି ପର୍ବରେ ରେଳଯାତ୍ରୀଙ୍କ ସଂଖ୍ୟା ବଢ଼ିଯାଉଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଓ ସହଜ ଯାତ୍ରା ପାଇଁ କରାଯାଇଥିବା ବ୍ୟବସ୍ଥାକୁ ପର୍ଯ୍ୟବେକ୍ଷଣ କରିଛନ୍ତି। ଭୁବନେଶ୍ୱରରେ ମୁଖ୍ୟାଳୟର ୨୪ଘଣ୍ଟିଆ ୱାର୍ ରୁମ୍‌ରୁ ଏହି ନିରୀକ୍ଷଣ ଚାଲୁଛି। ପୂରା ଦେଶରେ ଭାରତୀୟ ରେଳପଥ ୧୨ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଉଥିବାବେଳେ ସେଥିମଧ୍ୟରୁ ପୂର୍ବତଟ ରେଳପଥ ଅଧୀନରେ ୩୬୭ଟି ସ୍ୱତନ୍ତ୍ର ଟ୍ରେନ ରହିଛି। ଅକ୍ଟୋବର ପହିଲାରୁ ବର୍ତ୍ତମାନ ସୁଦ୍ଧା ୭୬ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିବାବେଳେ ୭୦ହଜାରରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି। ବୁକିଂ ଓ ଚାହିଦାକୁ ଦୃଷ୍ଟିରେ ରଖି ଆହୁରି ଅତିରିକ୍ତ ଟ୍ରେନ ପରିଚାଳନା କରାଯିବ। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର କର୍ମଚାରୀମାନଙ୍କୁ ସମସ୍ତ ପ୍ରମୁଖ ଷ୍ଟେଶନରେ ନିୟୋଜିତ କରାଯାଇଛି। ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅଲଗା ପଥ ନିର୍ଦ୍ଧାରଣ କରାଯାଇଛି। ଟ୍ରେନ୍‌ଗୁଡ଼ିକରେ ଦହନଶୀଳ ସାମଗ୍ରୀ, ମଦ୍ୟ ଓ ଅନ୍ୟ ନିଷିଦ୍ଧ ଜିନିଷ ନେବାକୁ ରୋକିବା ପାଇଁ ଆର୍‌ପିଏଫ୍, ଜିଆର୍‌ପି, ଡଗ୍ ସ୍କ୍ୱାଡ୍ ଏବଂ ସ୍ୱେଚ୍ଛାସେବୀ ଦଳ ଦ୍ୱାରା କଡ଼ା ନିରୀକ୍ଷଣ କରାଯାଉଛି। ଖୋର୍ଦ୍ଧାରୋଡ୍, ୱାଲଟିୟର୍ ଓ ସମ୍ବଲପୁର ଡିଭିଜନରେ ୯୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇ ୨୪ଘଣ୍ଟା ନିରୀକ୍ଷଣ ସିଷ୍ଟମ ଚାଲୁ ରହିଛି। କଣ୍ଟ୍ରୋଲ ରୁମ୍‌ରୁ ରିଅଲଟାଇମ୍ ମନିଟରିଂ କରାଯାଉଥାଏ, ଯାହା ଆବଶ୍ୟକ ପ୍ରତ୍ୟେକ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାଯ୍ୟ କରୁଛି। ଏହି ଫେଷ୍ଟିଭ୍ ସିଜନରେ ସୁରକ୍ଷିତ ଓ ସହଜ ଯାତ୍ରା ନିଶ୍ଚିତ କରିବା ପାଇଁ ପୂର୍ବତଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ରେଳ କର୍ମଚାରୀ ନିୟୋଜିତ ଅଛନ୍ତି।

## ରାଜ୍ୟ ଖବର

# ଟ୍ରେନ୍‌ରେ କଟି ଯୁବକ ମୃତ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ବାଲେଶ୍ୱର ରେଳଷ୍ଟେଶନ ନିକଟ ନୁଣିଆଯୋଡ଼ି ପୋଲ ନିକଟରେ ଟ୍ରେନ୍‌ରେ କଟି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଅର୍ଗଲ ଗ୍ରାମର ରମେଶ ଚନ୍ଦ୍ର ଖଣ୍ଡୁଆଳ। ଏ ସମ୍ପର୍କରେ ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୯/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଯୁବକ ଜଣକ ରେଳଧାରଣା ପାର୍ ହେଉଥିବା ବେଳେ ଅପ୍ ଲାଇନ୍‌ରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ନିୟନ୍ତ୍ରଣ ବାହାରେ ନିଗମ

## ସରକାରଙ୍କୁ ମିଳିନି ୩୫୯୪ କୋଟିର ଲାଭାଂଶ

ଭୁବନେଶ୍ୱର,୨୧।୧୦
(ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଭିତ୍ତିଭୂମି ସୁଦୃଢ଼ ଲାଗି ରାଜ୍ୟ ସରକାର ବିଭିନ୍ନ ନିଗମ ପାଇଁ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରୁଛନ୍ତି। ଏହି ଅର୍ଥକୁ ନେଇ କେତେକ ନିଗମ ଲାଭବାନ୍ ହେଉଥିବାବେଳେ ଆଉ କେତେକ ନିୟନ୍ତ୍ରଣ ହରାଇ ବୁଡ଼ିବାକୁ ବସିଲେଣି। ତେବେ ଯେଉଁ କେତେକ ନିଗମ ଲାଭବାନ୍ ହେଉଛନ୍ତି ସେମାନେ ସରକାରୀ ନିୟମର ଅନୁପାଳନ କରୁନାହାନ୍ତି। ସରକାରୀ ନିୟମ ଅନୁଯାୟୀ, ନିଗମଗୁଡ଼ିକ ଲାଭାଂଶ ଦେବାକୁ ରହିଥିଲେ ହେଁ ସେମାନେ ସମୟ ଭିତରେ ଦେଉନାହାନ୍ତି। ତେବେ ଏହି ପରିମାଣ କୋଟିଏ କି ଦୁଇକୋଟି ନୁହେଁ, ପ୍ରାୟ ୩ ହଜାର ୫୯୪ କୋଟି ଟଙ୍କାର ଲାଭାଂଶ ବିଭିନ୍ନ ନିଗମ ଉପରେ ବର୍ଷ ବର୍ଷ ଧରି ଗଡୁଛି। ଫଳରେ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି ବୋଲି ନିକଟରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ପକ୍ଷରୁ ଅର୍ଥ ବିଭାଗକୁ ପ୍ରଦାନ କରାଯାଇଥିବା ଏକ ତଥ୍ୟରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ନିଗମ ସରକାରଙ୍କୁ ୩୫୯୩.୫୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିନାହାନ୍ତି। ଲାଭାଂଶ ପ୍ରଦାନ କରି ନ ଥିବା ନିଗମଗୁଡ଼ିକ ମଧ୍ୟରେ ସର୍ବାଧିକ ଭାବେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିଃ(ଓପିଟିସିଏଲ) ରହିଛି। ଏହି ସଂସ୍ଥା ୧୬୧୭ କୋଟି ଟଙ୍କା ଲାଭାଂଶ ପଇଠ କରି ନ ଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ୫୧୭ କୋଟି ଟଙ୍କା ପଇଠ କରିନାହିଁ।

ସେହିଭଳି ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚ୍‌ପିସି) ୩୧୫ କୋଟି ଟଙ୍କାର ଲାଭାଂଶ ଦେଇ ନ ଥିବାବେଳେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୩୨୦ କୋଟି, ଓସିପିଏଲ୍ ୨୪୨ କୋଟି, ଓଏସ୍‌ଏଫ୍‌ସି ୨୦୬ କୋଟି, ଇପିକଲ ୧୫୫ କୋଟି ଏବଂ ଓଏଲ୍‌ଆଇସି ୬୭ କୋଟି ଲାଭାଂଶ ଟଙ୍କା ସରକାରଙ୍କୁ ପଇଠ କରିନାହାନ୍ତି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଫେବୃଆରୀ ୨୦୧୬ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ, ନିଗମଗୁଡ଼ିକ କରୁଥିବା ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦% ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟକରି ଯେଉଁଟା ଅଧିକ, ତାହାକୁ ଲାଭାଂଶ ଆକାରରେ ସରକାରଙ୍କୁ ପଇଠ କରିବେ। କିନ୍ତୁ ନିଗମ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଜଣାଯାଇଛି।

ଏ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳକୁ ଦକ୍ଷ ଓ ଯୋଗ୍ୟ ସମ୍ପନ୍ନ କରିବା ପାଇଁ ଗଠନ ହୋଇଛି। ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମକୁ ପରିଚାଳନା କରାଯାଉଛି। ଏ ଦିଗରେ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ମହାପାତ୍ର ଦାବି କରିଛନ୍ତି।

# 'ଅନ୍ତ୍ୟୋଦୟ ଗୃହ ଯୋଜନା' ଯୋଗୁ ସବୁ ଲୋକ ବିଳାସପୂର୍ଣ୍ଣ ଜୀବନଯାପନ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)

ଭାଜପା ସରକାରରେ ଲୋକଙ୍କ ଉନ୍ନତି ଓ ବିକାଶକୁ ପ୍ରାଥମିକତା ଦେଇ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଆର୍ଥିକ ଅନଗ୍ରସର ତଥା ନିମ୍ନ ଆୟବର୍ଗମାନଙ୍କ ପାଇଁ ସୁରକ୍ଷିତ ଏବଂ ସ୍ଥାୟୀ ଆଶ୍ରୟସ୍ଥଳ ସୁନିଶ୍ଚିତ ହେଉଛି। ଏହାଦ୍ୱାରା ପ୍ରତ୍ୟେକ ନାଗରିକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବେ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି, ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ରବିବାର ରାଜ୍ୟରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଥିଲେ। ନୂଆପଡ଼ା ଓ କଳାହାଣ୍ଡି ଜିଲା ବ୍ୟତୀତ ରାଜ୍ୟର ୨୮ ଜିଲାରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ରେ ତାଙ୍କ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟାଯାଇଛି। ହିତାଧିକାରୀଙ୍କୁ ୨ୟ କିସ୍ତିରେ ୬୫ ହଜାର ଏବଂ ୩ୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ସାରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ।



# Classified Everyday
0674-2580101, 9692975378


MATRIMONIAL

BRIDE WANTED

No ମଧ୍ୟସ୍ଥି, ବ୍ରାହ୍ମଣ, ମୀନ ୧୯୮୦, ବ୍ୟବସାୟ, ମକର ୧୯୮୪ ସରକାରୀ ଚାକିରି ପୁଅ ପାଇଁ except SCST, Fresher, Divorcee, Overage, ଝିଅ ଦରକାର। 8249994574, 9938404293 D-2329

ସରକାରୀ ଚାକିରି କରୁଥିବା ପୁଅ (M.Phil., Age:30, Height:6ft) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି:ବଣିଆ। ଯୋଗାଯୋଗ: 9348544047. D-2337


REAL ESTATE

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492. D-2018




Full body massage by odia therapist in homely atmosphere. 9078618337. D-1336

Newly open Jyoti spa positively health benefits (Expert therapist). 8458067955. D-76942

The massage felt totally professional! & comfortable at all times-7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I Himansu Ranjan Jena, S/o.- Ramesh Chandra Jena, resident of At/P.O.- Viruda, P.S.- Tigiria, Dist.- Cuttack, PIN- 754030 declare by this affidavit No.40, dated- 19.10.2025 that now onwards I shall be known as **Himanshu Ranjan Jena** for all future purpose. D-1332


By virtue of an affidavit sworn before Executive Magistrate, Darpan, Dhanmandal, dated 08/09/2025, I, Arjun Dalei, Vill.- Barapada, P.O.- Saudia, P.S.- Balichandrapur, Dist.- Jajpur, PIN- 754023, declare that I have changed my daughter's name from Arnapurna Dalai to Sabitri Dalai. Henceforth, she shall be known as Sabitri Dalai for all purposes.
Arjun Dalei
D-1334

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue an affidavit sworn before Executive Magistrate, Angul, dated- 18.10.2025, I, Rohita Kumar Behera, S/o.- Late Birabar Behera, Village- Raghunathpur, P.O.- Kankalu, P.S.- Kantabania, Dist.- Dhenkanal, Odisha, PIN- 759121, declare that I have changed my name from Rohit Kumar Behera to Rohita Kumar Behera. Henceforth, I shall be known as ROHITA KUMAR BEHERA for all purposes.
Rohita Kumar Behera
D-1335

By virtue of an affidavit sworn before Executive Magistrate, Puri, dated- 16.10.2025, I, Digambara Pradhan, At/P.O.- Kapileswarpur, P.S.- Puri Sadar, Dist.- Puri, Odisha, PIN- 752013 declare that I have changed my name from Digambar Pradhan to Digambara Pradhan. Henceforth, I shall be known as Digambara Pradhan for all purposes.
Digambara Pradhan
D-1333



## ମାଛ ଚାଷ

**ମା**ଛ ଚାଷ କରୁଥିଲେ ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଗ୍ରା ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ। ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଗ୍ରା ହିସାବରେ ମାଛମାନଙ୍କୁ ଦିଅନ୍ତୁ। କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଗ୍ରା କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଗ୍ରା ବାଦାମ/ ଶୋରିଷ/ରାଶି/ ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଗ୍ରା ଶୁଖୁଆଗୁଣ୍ଡ, ୨୮ କିଗ୍ରା କାଣ୍ଡିଆକୁଣ୍ଡା, ୧୦ କିଗ୍ରା ଅଟା ଓ ୨ କିଗ୍ରା ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।



## ଗୋପାଳନ ସମୟରେ...

**ପ୍ର**ତ୍ୟେକ ଦିନ ଗୁହାଳରୁ ବାହାରୁଥିବା ଗୋବର, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଗାଈଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବରସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ। ଗାଈଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟୀକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଗାଈଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଗାଈଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ ।

## ଅଳ୍ପରେ

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



# ଛେଳି ପାଳନ: ଆର୍ଥିକ ପ୍ରଗତି ଓ ବେକାରି ସମସ୍ୟା




ଡା. ସୁବ୍ରତ ପାଣିଗ୍ରାହୀ

**ଗୋ**ଟିଏ ରାଜ୍ୟ ବା ଗୋଟିଏ ଜାତିର ଉତ୍‌ଥାନ ପାଇଁ ତା'ର ଅର୍ଥନୈତିକ ଓ ସାମାଜିକ ଉନ୍ନତି ହିଁ ପ୍ରଥମ ମାନଦଣ୍ଡ। ଆମ ରାଜ୍ୟର ଜନସଂଖ୍ୟାରେ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ ଓ ମହିଳାମାନଙ୍କର ସଂଖ୍ୟା ୬୦ଭାଗରୁ ଅଧିକ ହୋଇଥିଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତିର ଅଭାବ ଅନେକାଂଶରେ ରହିଛି। ଏଥିଯୋଗୁ ଏମାନେ ଆଜି ମଧ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ଓ ପ୍ରଗତିରେ ସାମିଲ ହୋଇ ପାରିନାହାନ୍ତି। କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ଶତକଡା ୭୦ଭାଗ ଲୋକଙ୍କର ଜୀବନ ଧାରଣ ଓ ଆର୍ଥିକ ଉନ୍ନତି ପାଇଁ କୃଷି ସହିତ ପଶୁପାଳନ ହିଁ ମୁଖ୍ୟ ପନ୍ଥା। ପଶୁ ପାଳନ ବୃତ୍ତି ମଧ୍ୟରେ ଛେଳି ପାଳନ ହିଁ ଉପରୋକ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କ ପାଇଁ ଅଧିକ ଉପଯୋଗୀ, କାରଣ ଗାଈ ଓ କୁକୁଡ଼ା ପାଳନ ତୁଳନାରେ ଏହି ଚାଷରେ ଅପେକ୍ଷାକୃତ କମ୍ ମୂଳଧନ ବିନିଯୋଗରେ ଅଧିକ ଲାଭ ମିଳିଥାଏ। ଛେଳିଗୁହାଳ ପ୍ରସ୍ତୁତି ପାଇଁ ବିଶେଷ ସ୍ଥାନ ଓ ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଛେଳି ଆକାରରେ ଛୋଟ ଏବଂ ଶାନ୍ତଶିଷ୍ଟ ହୋଇଥିବାରୁ ପିଲାମାନେ ଅବସର ସମୟରେ ଏବଂ ସ୍ତ୍ରୀ ଲୋକମାନେ ଘର କାମସାରି ଏହାର ପରିଚାଳନା କରିପାରିବେ। ଏମାନେ ସାଧାରଣତଃ ଡାଳ, ଘାସ, ପତ୍ର, ଲଟା, ରୋଷେଇଶାଳାର ବର୍ଜ୍ୟବସ୍ତୁ ଉପରେ ନିର୍ଭର କରିଥାଆନ୍ତି। ଏମାନଙ୍କ ଦାନା ଏବଂ ସବୁଜଖାଦ୍ୟ ପାଇଁ ବିଶେଷ ଖର୍ଚ୍ଚର ଆବଶ୍ୟକତା ପଡ଼େ ନାହିଁ। ପ୍ରଜନନ କ୍ଷମତା ଗାଈଙ୍କ ତୁଳନାରେ ଅଧିକ (ଥରକେ ୨ଟି ଛୁଆ ଜନ୍ମ କରନ୍ତି), ଅପେକ୍ଷାକୃତ କମ୍ ରୋଗରେ ପଡ଼ନ୍ତି ଏବଂ ଛେଳିଲଣ୍ଡି ଗୋରୁଙ୍କ ଗୋବରଠାରୁ ଅଧିକ ପୋଷକର ଅଧିକାରୀ। ଛେଳି ମାଂସ ସୁସ୍ୱାଦୁ, ମାଂସାହାରୀ ଲୋକଙ୍କ ଦ୍ୱାରା ଅଧିକ ଗ୍ରହଣୀୟ। ଏହାର ବିକ୍ରିବଟାରେ ଅସୁବିଧା ନ ଥିବାରୁ ଓ ବଜାର ଦର ଯଥେଷ୍ଟ ଅଧିକ ହୋଇଥିବାରୁ ଚାଷୀ ଏଥିରୁ ଭଲ ଦୁଇପଇସା ରୋଜଗାର କରିପାରେ। ଛେଳି କ୍ଷୀର କ୍ଷାରୀୟ, କ୍ଷୁଦ୍ର ଚର୍ବିଜାତୀୟ ଜୀବକୋଷଯୁକ୍ତ, ସହଜରେ ହଜମ ହୋଇଥାଏ। ତେଣୁ ଏହା ଅମ୍ଳ ରୋଗୀ, ବଦହଜମୀ, ପେପ୍ଟିକ୍‌ଅଲସର୍, ଏକ୍‌ଜିମା, ଆଲର୍ଜି, ଶିଶୁଙ୍କ ତରଳ ଝାଡ଼ା, ଯକ୍ଷ୍ମା ରୋଗୀଙ୍କ ପାଇଁ ଅଧିକ ଉପାଦେୟ। ଏହାର ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ବ୍ୟବହାର ପାଇଁ ଉତ୍ତମ । ଛେଳିର ଲୋମ ବା ପାଶ୍ମିନାରୁ କଶ୍ମୀର ସାଲ ସମେତ ବିଭିନ୍ନ ଗରମ ପୋଷାକ, ଚମଡ଼ାରୁ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଚମଡ଼ା ସାମଗ୍ରୀ ନିର୍ମିତ ହୋଇଥାଏ।

ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲ ହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ୍ୟ ଛେଳିମାନଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ। ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରିକରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ। ଏତେସବୁ ଉପକାର ସତ୍ତ୍ୱେ ଛେଳି ପାଳନକୁ ବ୍ୟକ୍ତିଗତ, ସମୂହ କିମ୍ବା ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି।

ଛେଳିପାଳନକୁ କେତେକ ଏକ ଅସମ୍ମାନ ଜନକ ଓ ନିମ୍ନମାନର ବୃତ୍ତି ବୋଲି ଭାବିଥାଆନ୍ତି। ହେଲେ ଏଭଳି ଧାରଣା ପ୍ରଥମେ ମନରୁ ଦୂର ହେବା ନିହାତି ଦରକାର। ଓଡ଼ିଶାରେ ଆବଶ୍ୟକ ପରିମାଣର ଚାରଣ ଭୂଇଁ, ଜଙ୍ଗଲଜମି ରହିଛି । ଏଠାରେ ଆବଶ୍ୟକ ବର୍ଷା (୧୨୦୦-୧୪୨୫ମି.ମି.) ଓ ଉର୍ବର ମୃତ୍ତିକା ଯଥେଷ୍ଟ ପରିମାଣରେ ରହିଛି, ଯେଉଁଥିରେ ଛେଳିମାନଙ୍କ ପାଇଁ ଆବଶ୍ୟକ ପରିମାଣର ସବୁଜଖାଦ୍ୟ ସୃଷ୍ଟି କରାଯାଇପାରିବ। ଛେଳି ଏକ ଛୋଟ ପ୍ରାଣୀ ଏବଂ ଏହାର ବିକ୍ରିବଟା ପାଇଁ କୌଣସି ପ୍ରତିବନ୍ଧକ ନ ଥିବାରୁ ଦରକାର ସମୟରେ ଏହାକୁ ବିକ୍ରିବଟା କରି ବେଶ୍ ଦୁଇ ପଇସା ରୋଜଗାର କରାଯାଇ ପାରୁଥିବାରୁ ଏହାକୁ ଏଟିଏମ୍ ଯନ୍ତ୍ର ଆଖ୍ୟା ଦିଆଯାଏ। ଅଳ୍ପ ଖର୍ଚ୍ଚରେ ଅଧିକ ଓ ବିଭିନ୍ନ ପ୍ରକାରର ଉତ୍ପାଦ (ମାଂସ,ଦୁଗ୍ଧ,ଲୋମ ଓ ଚମଡ଼ା) ତଦନୁସାରେ ଅଧିକ କାର୍ଯ୍ୟ ଦିବସ ଓ ରୋଜଗାର ସୃଷ୍ଟି ହିଁ ଛେଳି ଚାଷର ପ୍ରଧାନ ବୈଶିଷ୍ଟ୍ୟ।

"ଛେଳିର ପରିବର୍ତ୍ତିତ ଜଳବାୟୁ ସହ୍ୟ କରିବାର ଅଧିକ କ୍ଷମତା ଥିବାରୁ ଫସଲହାନି ସମୟରେ ଏହା ବ୍ୟକ୍ତିବିଶେଷଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଗରିବ ମହିଳାମାନଙ୍କର ଗାଈଟିଏ କିଣିବାକୁ ଓ କୁକୁଡ଼ା ଫାର୍ମଟିଏ କରିବାକୁ ଅଧିକ ପଇସା ନ ଥିଲେ ମଧ ଛେଳିଙ୍କୁ ଅପେକ୍ଷାକୃତ କମ୍ ପଇସାରେ କିଣି ଛୋଟ ସ୍ଥାନ ଓ କମ୍ ଖର୍ଚ୍ଚଯୁକ୍ତ ଘରେ ପାଳନ କରିପାରିବେ । ଏହାର ମାଂସ, ଦୁଗ୍ଧ ଓ ଚମଡ଼ା ବିକ୍ରି କରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ ରଖିବା ସଙ୍ଗେ ସଙ୍ଗେ ଋଣ ପରିଶୋଧ କରିପାରିବେ। ତେଣୁ ଏହାକୁ 'ଗରିବ ଲୋକର ଗାଈ' ଓ 'ଗରିବର ଋଣ ପରିଶୋଧକାରୀ' ଆଖ୍ୟା ଦିଆଯାଏ।"



ଛେଳିଚାଷରୁ ଉପଯୁକ୍ତ ଲାଭ ପାଇବାକୁ ହେଲେ ଛେଳିର ଉପଯୁକ୍ତ ଯତ୍ନ ଓ ଏହା ଦ୍ୱାରା ସୁସ୍ଥ ଓ ଅଧିକ ସନ୍ତାନ (ଛେଳିଛୁଆ) ଜନ୍ମ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ଯତ୍ନ ମଧ୍ୟରେ ଗୁହାଳକୁ ନିୟମିତ ପରିଷ୍କାର ପରିଚ୍ଛନ୍ନ ରଖିବା, ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା (ପ୍ରଜନନ ପୂର୍ବରୁ ଓ ପରେ, ଗର୍ଭାବସ୍ଥାରେ ଓ ଶାବକମାନଙ୍କୁ ଦୁଗ୍ଧ ଦେଉଥିବା ସମୟରେ) ସୃଷ୍ଟି ହିଁ ଜରୁରୀ। ଏହା ଦ୍ୱାରା ମା' ଛେଳିମାନେ ୨-୩ଟି ଛୁଆ ଜନ୍ମ କରିପାରିବେ ଏବଂ ଅଣ୍ଡିରା ଛେଳିଙ୍କ ପାଖରୁ ସୁସ୍ୱାଦୁ ଓ ଅଧିକ ମାଂସ ଉତ୍ପାଦନ କରାଯାଇପାରିବ। ଦେଶୀ ଛେଳିଙ୍କୁ କେବଳ ବିଲବାଡିରେ ଛଡ଼ାଯାଇ ପାଳନ ନ କରି ସେମାନଙ୍କ ପାଇଁ ଚାରଣ ଭୂଇଁ ସୃଷ୍ଟି କରି ସବୁଜ ଖାଦ୍ୟ ବ୍ୟବସ୍ଥା କରିବା ଉଚିତ। ଅନ୍ତଃ ଓ ବହିଃ ପରଜୀବୀ ରୋଗ, ଛେଳିମଡକ, ଫାଟୁଆ, ଛେଳି ବସନ୍ତ ଆଦି ମୁଖ୍ୟ ଭୂତାଣୁଜନିତ; ସାହାଣା, ବଜବଜିଆ ଆଦି ବୀଜାଣୁଜନିତ ରୋଗଗୁଡିକ ଅନେକ ସମୟରେ ଛେଳି ପାଳନରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଓ ଏହି ରୋଗଗୁଡ଼ିକର ଆକ୍ରମଣ ଯୋଗୁ ସମୟ ସମୟରେ ସମସ୍ତ ଛେଳି ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଛେଳିଙ୍କ ପାଇଁ ସଫାସୁତରା ପରିବେଶ, ଉନ୍ନତମାନର ବାସଗୃହ, ବିଭିନ୍ନ ରୋଗର ପ୍ରତିଷେଧକ ଟିକା, ସମୟୋଚିତ କୃମିନାଶ ଔଷଧର ବ୍ୟବହାର ଓ ଉପଯୁକ୍ତ ଖାଦ୍ୟପେୟର ବ୍ୟବସ୍ଥା କରାଯିବା ଉଚିତ।

ଜାତୀୟକରଣ ବ୍ୟାଙ୍କଗୁଡିକ କମ୍ ସୁଧରେ ଏବଂ ସରଳୀକରଣ ଉପାୟ ଅବଲମ୍ବନ କରି ଠିକ୍ ସମୟରେ ଋଣ ପ୍ରଦାନ କରିବା ଦରକାର। ରାଜ୍ୟର ଶିକ୍ଷିତ ବେକାର ଯୁବତୀଯୁବକମାନେ ଏହା ଏକ ସମ୍ମାନ ହାନିକାରକ ବୃତ୍ତି ବୋଲି ମନରୁ ପରିତ୍ୟାଗ କରି ଛେଳିପାଳନକୁ ଅଧିକ ଯତ୍ନର ସହିତ ଆଗକୁ ନେବାକୁ ଚେଷ୍ଟା କରିବା ଉଚିତ। ଛେଳି ପାଳନର ସମସ୍ତ ଉତ୍ତମ ଦିଗକୁ ସର୍ବସାଧାରଣରେ ଅବଗତ କରାଇବା ପାଇଁ ଗଣମାଧ୍ୟମ, ପ୍ରାଥମିକ ସ୍ତରରୁ ମାଧ୍ୟମିକ ଓ କଲେଜ ପର୍ଯ୍ୟନ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛେଳିଚାଷର ଗୁରୁତ୍ୱ ବିଷୟରେ ଉପଯୁକ୍ତ ପ୍ରଚାର ପ୍ରସାର କରିବା ଉଚିତ। ଓଡ଼ଶାରେ ଛେଳି ମାଂସ, କ୍ଷୀର, ଚମଡା, ଲୋମର ଚାହିଦା ମେଣ୍ଟାଇବା ପାଇଁ ଶିକ୍ଷିତ ବେକାର ଯୁବତୀ ଯୁବକ, ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଗରିବ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଓ କର୍ମନିଯୁକ୍ତି ସୃଷ୍ଟି ପାଇଁ ଛେଳିପାଳନକୁ ଏକ ମର୍ଯ୍ୟାଦାଜନକ ବୃତ୍ତିରେ ପରିଣତ କରିବା ପାଇଁ ସବୁ ବର୍ଗର ଲୋକ ଓ ସରକାରୀ ବିଭାଗର କର୍ମକର୍ତ୍ତାମାନେ ଆଗେଇ ଆସିବା ଉଚିତ।

-ଏ-୩୦, ଆର.କେ. ଭିଲ୍ଲା,
(ବ୍ରାହ୍ମଣଝରିଲୋ କଲେଜ,ଖୁଣ୍ଟୁଣି ପାଖ),
କଟକ, ମୋ: ୮୪୮୦୪୧୧୬୭୩

## ଆଖୁ କିଆରିରେ ଜଳ ପରିଚାଳନା

**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ ଖୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



## ପନିପରିବା ଚାଷରେ ରୋଗ ପୋକ ନିୟନ୍ତ୍ରଣ



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କ୍ୱିଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।

# ରୁଆ ଧାନରେ ସାର ପ୍ରୟୋଗ



**ବି**ଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି।

# ବାଂଲାଦେଶ ଏଲିମିନେଟ୍

**ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍**

- ୧୨ ବଲ୍‌ରୁ ୧୨ ରନ୍ କରିପାରିଲାନି ବାଂଲାଦେଶ
- ଶ୍ରୀଲଙ୍କା ୭ ରନ୍‌ରେ ବିଜୟୀ

ନଭି ମୁମ୍ବାଇ, ୨୧।୧୦

ଚଳିତ ଆଇସିସି ଦିନିକିଆ ମହିଳା କ୍ରିକେଟ୍ ବିଶ୍ୱକପ୍‌ରୁ ପ୍ରଥମ ଦଳ ଭାବେ ବାଂଲାଦେଶ ଏଲିମିନେଟ୍ ହୋଇଛି। ଶେଷ ୨ ଓଭରରୁ ୧୨ ରନ୍ କରି ନ ପାରିବା ଏବଂ ଅନ୍ତିମ ଓଭରରେ ମାତ୍ର ୧ ରନ୍‌କରି ଗୋଟିଏ ରନ୍‌ଆଉଟ ସହ ୪ଟି ଉଇକେଟ ହରାଇବା ଦଳ ପାଇଁ ମହଙ୍ଗା ପଡ଼ିଛି। ନାଟକୀୟ ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ୭ ରନ୍‌ରେ ଶ୍ରୀଲଙ୍କାଠାରୁ ହାରିଯାଇଛି। ଫଳରେ ୬ ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ପରାଜୟ ସହିତ ଦଳ ମାତ୍ର ୨ ପଏଣ୍ଟ ପାଇଛି। ଆସନ୍ତା ୨୬ରେ ଏହି ଦଳ ଭାରତ ବିପକ୍ଷ ମ୍ୟାଚ୍ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦଳ ୪୮.୪ ଓଭରରେ ୨୦୨ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ହସିନି ପେରେରା ସର୍ବାଧିକ ୮୫ ଓ ଅଧିନାୟିକା ଚାମରି ଅଟାପାଟ୍ଟୁ ୪୬ ରନ୍ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ଶୋର୍ନା ଅକ୍ତର ୩ଟି ଓ ରବେୟା ଖାଁ ୨ଟି ଉଇକେଟ ନେଇଥିଲେ। ୨୦୩ ରନ୍ ବିଜୟ ଲକ୍ଷ୍ୟରେ ବାଂଲାଦେଶ ୪୮ ଓଭର ବେଳକୁ ମାତ୍ର ୪ ଉଇକେଟ ହରାଇ ୧୯୧ ରନ୍‌କରି ବିଜୟଦ୍ୱାରରେ ପହଞ୍ଚିଯାଇଥିଲା। ଶେଷ ୧୨ ବଲ୍‌ରୁ ୧୨ ରନ୍ ସହଜ ମନେହେଉଥିବାବେଳେ ବାଂଲାଦେଶ ୪୯ତମ ଓଭରରେ ୧ ଉଇକେଟ ହରାଇ ୩ ରନ୍ ସଂଗ୍ରହ କରିଥିଲା। ଫଳରେ ଶେଷ ଓଭରରୁ ବିଜୟ ପାଇଁ ୯ ରନ୍ ଆବଶ୍ୟକ ହେଉଥିଲା। ମାତ୍ର ଅନ୍ତିମ ଓଭରରେ ବୋଲିଂଭାର ନିଜ ଉପରକୁ ନେଇଥିବା ଚାମରି ତାଙ୍କ ପ୍ରଥମ ବଲ୍‌ରେ ରବେୟା ଖାଁଙ୍କୁ ଆଉଟ୍ କରିଥିବାବେଳେ ଦ୍ୱିତୀୟ ବଲ୍‌ରେ ରନ୍ ନେବାକୁ ଯାଇ ନହିଦା ଅକ୍ତର ରନ୍‌ଆଉଟ ହୋଇଥିଲେ। ତୃତୀୟ ବଲ୍‌ରେ ନିଗାର ସୁଲତାନା ଏବଂ ୪ର୍ଥ ବଲ୍‌ରେ ମାରୁଫା ଅକ୍ତରଙ୍କୁ ଆଉଟ୍‌କରି ବାଂଲାଦେଶକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ ଚାମରି। ୫ମ ବଲ୍‌ରୁ ୧ ରନ୍ ନେଇଥିବାବେଳେ ୬ଷ୍ଠ ବଲ୍‌ରୁ କୌଣସି ରନ୍ ନେଇପାରି ନ ଥିଲେ ଅକ୍ତର ନିଶି। ଫଳରେ ଆଶ୍ଚର୍ଯ୍ୟଜନକ ଭାବେ ଶ୍ରୀଲଙ୍କା ବିଜୟ ହାସଲ କରିଥିଲା। ବାଂଲାଦେଶ ବ୍ୟାଟରଙ୍କ ମଧ୍ୟରେ ନିଗାର ସୁଲତାନା ସର୍ବାଧିକ ୭୭ ଓ ଶର୍ମିନ ଅକ୍ତର ୬୪* ରନ୍ କରିଥିଲେ। ଶ୍ରୀଲଙ୍କାର ହସିନି ପେରେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୪ ପଏଣ୍ଟରେ ପହଞ୍ଚି ଯାଇଥିବାରୁ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି।


ଶେଷ ଓଭରରେ ଉଇକେଟ ନେବାପରେ ଉଲ୍ଲସିତ ଚାମରି ଅଟାପାଟ୍ଟୁ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୮.୪ ଓଭରରେ ୨୦୨/ଅଲ୍‌ଆଉଟ (ହସିନି ପେରେରା-୮୫, ଚାମରି ଅଟାପାଟ୍ଟୁ-୪୬, ଶୋର୍ନା ଅକ୍ତର-୩/୨୭, ରବେୟା ଖାଁ-୨/୩୯, ମାରୁଫା ଅକ୍ତର-୧/୩୬, ନିଶି ଅକ୍ତର-୧/୩୫, ନାହିଦା ଅକ୍ତର-୧/୩୦)। ବାଂଲାଦେଶ ୫୦ ଓଭରରେ ୧୯୫/୯ (ନିଗାର ସୁଲତାନା-୭୭, ଶର୍ମିନ ଅକ୍ତର-୬୪*, ଚାମରି ଅଟାପାଟ୍ଟୁ-୪/୪୨, ସୁଗନ୍ଧିକା କୁମାରୀ-୨/୩୮, ଉଦେଶିକା ପ୍ରବୋଧିନୀ-୧/୨୯)।

## ପାକିସ୍ତାନ ଦଳରେ ୩୯ ବର୍ଷୀୟ ସ୍ପିନର ଅସିଫ୍

**ରାୱଲପିଣ୍ଡି, ୨୧।୧୦(ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ପାକିସ୍ତାନ ଦଳରୁ ଟେଷ୍ଟ ପଦାର୍ପଣ କରିଛନ୍ତି ୩୯ ବର୍ଷୀୟ ବାମହାତୀ ସ୍ପିନର ଅସିଫ୍ ଆଫ୍ରିଦି। ଏହି ଖେଳାଳି ଜଣକ ଇତିମଧ୍ୟରେ ସ୍ପଟ୍ ଫିକ୍ସିଂ ମାମଲାରେ ୬ ମାସ ବାସନ୍ଦ ଦଣ୍ଡ ଭୋଗିସାରି ଫେରିଛନ୍ତି। ଚୟନକର୍ତ୍ତାମାନେ ପୁରୁଖା ଖେଳାଳି ଆବ୍ରାର ଅହମଦଙ୍କ ସ୍ଥାନରେ ଆଫ୍ରିଦିଙ୍କୁ ପସନ୍ଦ କରିଛନ୍ତି। ବର୍ତ୍ତମାନ ସେ ନିୟମିତ ସ୍ପିନର ନୋମାନ ଅଲ୍ଲୀ ଓ ଅଫ୍ ସ୍ପିନର ସାଜିଦ୍ ଖାନ୍‌ଙ୍କ ସହିତ ବୋଲିଂ କରୁଛନ୍ତି। ଘରୋଇ କ୍ରିକେଟ୍‌ରେ ସ୍ପଟ୍ ଫିକ୍ସିଂ ପାଇଁ ଆଫ୍ରିଦିଙ୍କୁ ଏକ ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ଏହି ଦଣ୍ଡକୁ ୬ ମାସ କୋହଳକରି ଜାତୀୟ ଦଳ ତରଫରୁ ଖେଳିବା ପାଇଁ ମନୋନୀତ କରିଛି। ଦଣ୍ଡ ହ୍ରାସ ସମ୍ପର୍କରେ ପିସିବି ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ମ୍ୟାଚ୍‌ରେ ପାକିସ୍ତାନ ଏକମାତ୍ର ପେସ୍ ବୋଲର ଶାହିନ ଶାହ ଆଫ୍ରିଦିଙ୍କୁ ନେଇ ଖେଳାଉଛି।

# ଭର୍ଷ୍ଟାପେନ୍ ଜିତିଲେ ୟୁଏସ୍ ଗ୍ରାଁପ୍ରି


ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

ଅଷ୍ଟିନ(ୟୁଏସ୍), ୨୧।୧୦

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ୟୁଏସ୍ ଫର୍ମୁଲା ୱାନ୍ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ଗତ ୪ଟି ରେସ୍‌ରେ ଏହା ହେଉଛି ତାଙ୍କର ତୃତୀୟ ବିଜୟ। ରବିବାରର ଫଳାଫଳ ପରେ ଚାମ୍ପିୟନଶିପ୍ ଟାଇଟଲ ଦୌଡ଼ରେ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍ ଓ ତାଙ୍କ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କ ଉପରେ ଚାପ ସୃଷ୍ଟି କରିପାରିଛନ୍ତି ଭର୍ଷ୍ଟାପେନ୍। ଚଳିତ ସିଜନର ଆଉ ୫ଟି ଗ୍ରାଁପ୍ରି ଓ ଦୁଇଟି ସ୍ପ୍ରିଣ୍ଟ ରେସ୍ ବାକି ରହିଥିବା ବେଳେ ଫର୍ମୁଲା ୱାନ୍ ଷ୍ଟାଣ୍ଡିଂର ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଓ ଦ୍ୱିତୀୟ ସ୍ଥାନରେ ଥିବା ନୋରିସ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୧୪କୁ ହ୍ରାସ ପାଇଛି। ଏହି ତାଲିକାରେ ଭର୍ଷ୍ଟାପେନ୍ ୩ୟ ସ୍ଥାନରେ ରହିଛନ୍ତି। ପିଆଷ୍ଟ୍ରି ଓ ତାଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୪୦ ରହିଛି। ରବିବାର ରେସ୍‌ରେ ନୋରିସ୍ ଓ ପିଆଷ୍ଟ୍ରି ଯଥାକ୍ରମେ ଦ୍ୱିତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କ ମଧ୍ୟରେ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ଲେକ ଓ ଲୁଇସ୍ ହାମିଲଟନ। ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ(ମର୍ସିଡିଜ୍), ୟୁକି ଟିସୁନୋଡା(ରେଡ୍‌ବୁଲ୍), ନିକୋ ହଲ୍‌କେନ୍‌ବର୍ଗ(ସୌବେର), ଅଲିଭର ବିଅରମାନ (ହାସ୍) ଓ ଫର୍ନାଣ୍ଡୋ ଆଲୋଁସୋ(ଆଷ୍ଟନ ମାର୍ଟିନ)। ଚଳିତ ସିଜନର ପରବର୍ତ୍ତୀ ରେସ୍ ମେକ୍ସିକାନ୍ ଗ୍ରାଁପ୍ରି ଅକ୍ଟୋବର ୨୬ରେ ଅନୁଷ୍ଠିତ ହେବ।

## ୧୭ ବର୍ଷରୁ କମ୍ ମହିଳା ଦଳକୁ ୨୫,୦୦୦ ଡଲାର ପୁରସ୍କାର

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.):** ନିକଟରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆ କପ୍ ପାଇଁ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ମଙ୍ଗଳବାର ୨୫,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛି। ଭାରତ ବିଶ୍‌କେକ୍‌ଠାରେ ଗତ ସପ୍ତାହରେ ଉଭୟ କିର୍‌ଗିଜ୍‌ସ୍ତାନ ଓ ଉଜ୍‌ବେକିସ୍ତାନକୁ ସମାନ ୨-୧ ଗୋଲ୍ ବ୍ୟବଧାନରେ ପରାସ୍ତକରି ଗ୍ରୁପ୍ 'ଜି'ର ଶୀର୍ଷ ସ୍ଥାନରେ ରହିଥିଲା। ଫଳରେ ଏହି ବୟସ ବର୍ଗରେ ଭାରତ ପ୍ରଥମଥର ମହାଦେଶୀୟ ଯୋଗ୍ୟତା ହାସଲ କରିପାରିଛି। ଭାରତର ୧୭ ବର୍ଷରୁ କମ୍ ଦଳ ୨୦୦୫ ଏସିଆ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ବ୍ୟବସ୍ଥା ନ ଥିଲା।

# ଦାମୋଦର ମେମୋରିଆଲ କରାଟେ ଉଦ୍‌ଯାପିତ



ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୧।୧୦ (ଅନାଦି କର)

ମଞ୍ଚେଶ୍ୱର ରେଲ୍‌ୱେ ଇନ୍‌ଡୋର ଷ୍ଟାଡିୟମରେ ତୃତୀୟ ବାର୍ଷିକ ସର୍ବଭାରତୀୟ ଦାମୋଦର ମେମୋରିଆଲ ଓପନ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର କରାଟେକାମାନେ ଭାଗ ନେଇଥିଲେ। ଏଥିରେ ନାରାୟଣ ସ୍କୁଲ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ଆସାମ ଦଳର ହିମାଂଶୁ ଡେକାଙ୍କୁ ବିବେଚିତ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ବୈଦ୍ୟନାଥ ଦାସ, ଦାମୋଦର ସ୍ପୋର୍ଟ୍ସ ଏକାଡେମୀ ମେମୋରିଆଲ ପ୍ରତିଷ୍ଠାତା ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ପନ୍ତଙ୍କୁ ଭାରତ-'ଏ' ଦଳର ନେତୃତ୍ୱ

**ସର୍ଫରାଜଙ୍କ ସ୍ଥାନ ନାହିଁ**

ନୂଆଦିଲ୍ଲୀ, ୨୧।୧୦(ପି.ଟି.)

ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ପାଦ ଫ୍ରାକ୍‌ଚରରୁ ରିକଭର କରିଥିବା ଭାରତୀୟ ଉଇକେଟ୍‌କିପର-ବ୍ୟାଟର ରିଷଭ ପନ୍ତଙ୍କୁ ମଙ୍ଗଳବାର ଦକ୍ଷିଣ ଆଫ୍ରିକା-'ଏ' ବିପକ୍ଷ ରେଡ୍-ବଲ୍ ସିରିଜ୍ ଲାଗି ଭାରତ-'ଏ' ଦଳର ଅଧିନାୟକ କରାଯାଇଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେଉଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ବେଙ୍ଗାଲୁରୁରେ ଖେଳାଯିବ। ଯଦ୍ଦ୍ୱାରା ନଭେମ୍ବର ୧୪ରୁ କୋଲ୍‌କାତାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ପନ୍ତଙ୍କୁ ଯଥେଷ୍ଟ ମ୍ୟାଚ୍ ପ୍ରାକ୍ଟିସ୍ ସୁଯୋଗ ମିଳିପାରିବ। ଏହି ଦଳରେ ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡ଼ିକଲ, ଉଇକେଟ୍‌କିପର ଧ୍ରୁବ ଜୁରେଲ, ପେସର ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଛନ୍ତି। ଏହି ସମସ୍ତ ଖେଳାଳି ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଖେଳିଥିଲେ। ଅନ୍ୟପକ୍ଷରେ ମିଡଲ ଅର୍ଡର ବ୍ୟାଟର ସର୍ଫରାଜ ଖାନ୍ ବାଦ୍ ପଡ଼ିଛନ୍ତି। ଫିଟ୍‌ନେସ୍ କାରଣରୁ ପୂର୍ବରୁ ଖୁବ୍ ସମାଲୋଚିତ ହୋଇଥିବା ସର୍ଫରାଜ ନିଜ ଓଜନ କମାଇବା ସହ ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚ୍‌ରେ ୭୪ ରନ୍‌ର ଇନିଂସ ଖେଳିଥିଲେ।



ପ୍ରଥମ ମ୍ୟାଚ୍ ପାଇଁ ଭାରତ-'ଏ' ଦଳ: ରିଷଭ ପନ୍ତ(ଅଧିନାୟକ ଓ ଉଇକେଟ୍‌କିପର), ଆୟୁଷ ମହାତ୍ରେ, ଏନ୍. ଜଗଦୀଶନ(ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ରଜତ ପଟିଦାର, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଅଂଶୁଲ କାମ୍ବୋଜ, ୟଶ୍ ଠାକୁର, ଆୟୁଷ ବଦୋନୀ, ସାରାଂଶ ଜୈନ। ଦ୍ୱିତୀୟ ମ୍ୟାଚ୍ ପାଇଁ ଭାରତ-ଏ ଦଳ: ରିଷଭ ପନ୍ତ (ଅଧିନାୟକ ଓ ଉଇକେଟ୍‌କିପର), ଲୋକେଶ ରାହୁଲ, ଧ୍ରୁବ ଜୁରେଲ (ଉଇକେଟ୍‌କିପର), ସାଇ ସୁଦର୍ଶନ (ଉପଅଧିନାୟକ), ଦେବଦତ୍ତ ପାଡ଼ିକଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଶ୍ କୋଟିଆନ, ମାନବ ସୁଥର, ଖଲିଲ ଅହମ୍ମଦ, ଗୁରନୁର ବ୍ରାର, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍, ଆକାଶ ଦୀପ।

# ନକ୍‌ଭି ଜିଦ୍‌ରେ ଅଟଳ

**ଏସିଆ କପ୍ ଟ୍ରଫି ବିବାଦ**

- ଆଇସିସି ହସ୍ତକ୍ଷେପ ଲୋଡ଼ିବ ବିସିସିଆଇ

ନୂଆଦିଲ୍ଲୀ, ୨୧।୧୦(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦ ଶେଷ ହେବାର ନାଁ ନେଉନାହିଁ। ଟୁର୍ନାମେଣ୍ଟ ଶେଷହେବାକୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଟ୍ରଫି ଏପର୍ଯ୍ୟନ୍ତ ଚାମ୍ପିୟନ ଭାରତ ପାଖରେ ପହଞ୍ଚିନାହିଁ। ଶ୍ରୀଲଙ୍କା ଓ ଆଫଗାନିସ୍ତାନ ବୋର୍ଡର ସମର୍ଥନରେ ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏସିଆନ୍ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ଥିବା ପାକିସ୍ତାନର ମନ୍ତ୍ରୀ ମହସିନ ନକ୍‌ଭି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।


ମହସିନ ନକ୍‌ଭି

ବିସିସିଆଇ ସମ୍ପାଦକ, ବିସିସିଆଇର ଏସିସି ପ୍ରତିନିଧି ରାଜୀବ ଶୁକ୍ଳା ଓ ଏସିସିର ଅନ୍ୟ ସଦସ୍ୟ ବୋର୍ଡ ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଗତ ସପ୍ତାହରେ ଭାରତକୁ ଟ୍ରଫି ପ୍ରଦାନ ଲାଗି ଏସିସି ସଭାପତି ନକ୍‌ଭିଙ୍କୁ ମେଲ୍ କରିଥିଲେ। ଏହାର ଉତ୍ତରରେ ବିସିସିଆଇରୁ କେହି ଜଣେ ଦୁବାଇ ଆସି ତାଙ୍କଠାରୁ ଟ୍ରଫି ନେଇଯିବା ଉଚିତ୍ ବୋଲି ନକ୍‌ଭି ଲେଖିଥିଲେ। ଏଥିଯୋଗୁ ଏହି ବିଷୟ ଆଗକୁ ବଢ଼ିପାରୁନାହିଁ। ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭାରତ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ। ଏଣୁ ଏ ସମ୍ପର୍କରେ ନଭେମ୍ବରରେ ହେବାକୁଥିବା ଆଇସିସି ବୈଠକରେ ନିଷ୍ପତ୍ତି ନିଆଯିବାର ବିଶେଷ ସମ୍ଭାବନା ରହିଛି ବୋଲି ଏସିସି ସୂତ୍ରରୁ କୁହାଯାଇଛି।

# ଅୟଙ୍କ, ଲକ୍ଷ୍ମୀପ୍ରିୟା, ସମର, ଆରନିଙ୍କୁ ସଫଳତା

**ରାଜ୍ୟ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ**


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୦(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ୧୧ ଓ ୧୩ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ୧୩ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ଲାଭ କରିଛନ୍ତି। ଅୟଙ୍କ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ପଂସୁଲ ସେଠୀଙ୍କୁ ସିଧାସଳଖ ୨୧-୧୮, ୨୧-୯ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ବାଲେଶ୍ୱରର ଅର୍ନବ ଦାସଙ୍କୁ ସାଥିକରି ରାୟଗଡ଼ା-ଖୋର୍ଦ୍ଧା ଯୋଡ଼ି ଅନୁରୂପ ସାହୁ ଓ ପଂସୁଲ ସେଠୀଙ୍କୁ ୨୧-୧୬, ୨୧-୧୪ ପଏଣ୍ଟରେ ହରାଇଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ଅୟଙ୍କ-ଏଲିନା ରାଜ୍‌ଙ୍କ ଯୋଡ଼ି ସୁନ୍ଦରଗଡ଼ ଓ କଟକ ଯୋଡ଼ି ଋତୁରାଜ ପୁଟେଲ-ରିସିକା ଦାସଙ୍କୁ ସିଧାସଳଖ ୨୧-୧୮, ୨୧-୧୭ ରେ ହରାଇ ୩ଟି ଟାଇଟଲ ହାସଲ କରିଛି। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଜଗତ୍‌ସିଂହପୁରର ଲକ୍ଷ୍ମୀପ୍ରିୟା ଗୋଚ୍ଛାୟତ ୨ଟି ଟାଇଟଲ ଜିତିଛନ୍ତି। ସିଙ୍ଗଲ୍ସରେ ସେ ଖୋର୍ଦ୍ଧାର ଆଦ୍ୟଶା ଲେଙ୍କାଙ୍କୁ ୨୧-୧୨, ୨୧-୧୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି । ଡବଲ୍ସରେ ଲକ୍ଷ୍ମୀପ୍ରିୟା ଓ ଖୋର୍ଦ୍ଧାର ସାନ୍‌ଭି ସାହୁ ଖୋର୍ଦ୍ଧା ଯୋଡ଼ି ଦର୍ଶ୍ୱନା ଜଗଦେବ ଓ ସରୟା ପିନିଟିଙ୍କୁ ହରାଇ ଦେଇଛି ।

ସେହିପରି ୧୧ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ଖୋର୍ଦ୍ଧାର ସମର ମହାନ୍ତି ଦ୍ୱିମୁକୁଟ ଲାଭ କରିଛନ୍ତି। ସିଙ୍ଗଲ୍ସରେ ସମର ନିଜ ଜିଲ୍ଲାର ସାଇ ଆଶିଷଙ୍କୁ ୨୧-୧୪, ୨୧-୧୩ରେ ହରାଇଛନ୍ତି। ସେହିପରି ଡବଲ୍ସରେ ସେ ମାଷ୍ଟର ଇଭାନ୍‌ଙ୍କୁ ସାଥିକରି ଅନ୍ୟତମ ଖୋର୍ଦ୍ଧା ଯୋଡ଼ି ସାଇ ଆଶିଷ ଓ ବିହାନ ସାମନ୍ତରାୟଙ୍କୁ ୨୧-୧୭, ୨୧-୧୧ରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗ ସିଙ୍ଗଲ୍ସରେ ସମ୍ବଲପୁରର ଆରନି ବେହେରା ଖୋର୍ଦ୍ଧାର ସାଇପ୍ରିୟା ସୁବୁଦ୍ଧିଙ୍କୁ ୨୭-୨୫, ୨୨-୨୦ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ଖୋର୍ଦ୍ଧା-କଟକ ଯୋଡ଼ି ସାଇପ୍ରିୟା ଓ ବଂଶିକା ମଲିକ ଖୋର୍ଦ୍ଧା ଯୋଡ଼ି ଅନାୟା ସାମନ୍ତରାୟ ଓ ବୁନ୍ଦନା ସୋନମ୍ ଯୋଡ଼ିକୁ ପରାସ୍ତ କରିଛି। ଆୟୋଜକ କମିଟି ସମ୍ପାଦକ ଅଜିତ୍ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓସ୍‌ବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରି ବିଜୟ ବାଗ୍ କୃତୀ ଖେଳାଳିଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ